

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୦୪ ମଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 04 MAY 2023
Vol.No. 34 ■ No. 116 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## କ୍ରେମଲିନରେ ଡ୍ରୋନ୍ ଆକ୍ରମଣ: ଋଷ କହିଲା ୟୁକ୍ରେନ୍‌ର ଷଡ଼ଯନ୍ତ୍ର



ମସ୍କୋ/ନୂଆଦିଲ୍ଲୀ,୦୩/୦୫ : ଋଷ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଚାଲିଥିବା ବେଳେ ବଡ଼ ଅଭିଯୋଗ ଆଣିଛି ଋଷ। ରାଷ୍ଟ୍ରପତି ପୁଟିନଙ୍କୁ ହତ୍ୟା କରିବା ଲାଗି କ୍ରେମଲିନ୍ ଉପରେ ଡ୍ରୋନ୍ ଆକ୍ରମଣ କରିଛି ୟୁକ୍ରେନ୍ । ତେବେ ଏହାକୁ ଅସ୍ୱୀକାର କରିଛି ୟୁକ୍ରେନ୍। ୟୁକ୍ରେନ୍ ରାଷ୍ଟ୍ରପତିଙ୍କର ମୁଖପାତ୍ର କହିଛନ୍ତି ଯେ ଡ୍ରୋନ୍ ଆକ୍ରମଣ ସହ ତାଙ୍କ ଦେଶର କୌଣସି ସଂପର୍କ ନାହିଁ। ଆଜି ୟୁକ୍ରେନ ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ବାସଭବନ ଉପରେ ଆକ୍ରମଣ କରିବାକୁ ଉଦ୍ୟମ କରିଥିବାର ଋଷ ଅଭିଯୋଗ କରିଛି । ଋଷ ପକ୍ଷରୁ କୁହାଯାଇଛି ଯେ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ହତ୍ୟା କରିବା ପାଇଁ ମସ୍କୋର କ୍ରେମଲିନ୍ ପ୍ରାସାଦ ଉପରେ ୟୁକ୍ରେନ ଡ୍ରୋନ ମାଧ୍ୟମରେ ଆକ୍ରମଣ କରିଛି। ତେବେ ଋଷର ସେନା ଏହି ଆକ୍ରମଣକୁ ବିଫଳ କରିଦେଇଛନ୍ତି । ଏହି ଘଟଣାକୁ ନେଇ ଋଷ ସରକାର କହିଛନ୍ତି ଯେ ୟୁକ୍ରେନ କ୍ରେମଲିନ୍ ଉପରେ ଡ୍ରୋନ୍ ଆକ୍ରମଣ ଉଦ୍ୟମ କରିବା ଏକ "ଆତଙ୍କବାଦୀ କାର୍ଯ୍ୟକଳାପ" ଏବଂ ପୁଟିନଙ୍କ ହତ୍ୟା ଉଦ୍ୟମ। ଋଷ ଏହାର କଡା ଜବାବ ଦେବ। ଋଷ ସରକାରଙ୍କ ତରଫରୁ କୁହାଯାଇଛି ଯେ ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ହତ୍ୟା କରିବାକୁ ଉଦ୍ୟମ କରାଯାଇଛି ଓ ଏଥିପାଇଁ ଦୁଇଟି ଡ୍ରୋନ ପଠାଯାଇଥିଲା । ଯାହାକୁ ଋଷ ସେନା ବିଫଳ କରିଦେଇଥିଲେ । ଏକ ବିବୃତିରେ କୁହାଯାଇଛି ଯେ ପୁଟିନ ଆହତ ହୋଇନାହାନ୍ତି ଏବଂ କ୍ରେମଲିନ୍ ବିଲ୍ଡିଂରେ କୌଣସି କ୍ଷୟକ୍ଷତି ହୋଇନାହିଁ। ତେବେ ଏହି ଘଟଣାକୁ ନେଇ ଆକ୍ରମଣ ସମୟର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି ।

## ୩ ଆଇପିଏସଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି

ଭୁବନେଶ୍ୱର, ୦୩/୦୫ (ନି.ପ୍ର): ୧୯୯୦ ବ୍ୟାଚର ୩ଜଣ ଆଇପିଏସଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି ରାଜ୍ୟ ସରକାର। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବୁଧବାର ଦିନ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁସାରେ, ୧୯୯୦ ବ୍ୟାଚ୍ ଆଇପିଏସ୍ ସୁଧାଂଶୁ ଷଡ଼ଙ୍ଗୀ ଓ ଅରୁଣ କୁମାର ଷଡ଼ଙ୍ଗୀଙ୍କୁ ଡିଜି ପହ୍ୟାକୁ ପଦୋନ୍ନତି ଦିଆଯାଇଛି। ସେହିପରି କେନ୍ଦ୍ରୀୟ ଡେପୁଟେସନରେ ଥିବା ୧୯୯୦ ବ୍ୟାଚ୍ ଆଇପିଏସ୍ ଯୋଗେଶ ବାହାଦୂର ଖୁରାନିଆଙ୍କୁ ମଧ୍ୟ ଡିଜି ପାହ୍ୟାକୁ ପ୍ରୋଫର୍ମା ପଦୋନ୍ନତି ମିଳିଛି।

## ୫ ଯାଏଁ ରହିବ କାଳବୈଶାଖୀର ପ୍ରଭାବ

ଭୁବନେଶ୍ୱର, ୦୩/୦୫ (ନି.ପ୍ର): ଆସନ୍ତା ମେ' ୯ ତାରିଖ ପାଖାପାଖି ବାତ୍ୟା ସୃଷ୍ଟି ହୋଇପାରେ। ଅପରପକ୍ଷରେ ଆଜିଠାରୁ ୫ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ରହିଛି। ୩ରୁ ୫ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ବିଶେଷ କରି ଆଭ୍ୟନ୍ତରୀଣ ଓ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ଭୁବନେଶ୍ୱର ପାଣିପାଗ କେନ୍ଦ୍ର ବିଜ୍ଞାନୀ ଉମାଶଙ୍କର ଦାସ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଗୁରୁଚାପ ବଳୟ ପ୍ରଭାବରେ କାଳବୈଶାଖୀ ଦେଖାଦେଉଛି । ଆଗକୁ ୪/୫ ଦିନ ଏଭଳି କାଳବୈଶାଖୀ ଲାଗି ରହିବ। ସେ କହିଛନ୍ତି ଯେ ଏବେ ସ୍ୱାଭାବିକ ଠାରୁ ୩/୪ ଡିଗ୍ରୀ ତାପମାତ୍ରା କମ୍ ରହୁଛି। ୬ ତାରିଖ ବେଳକୁ ପୂର୍ବ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ସମ୍ଭାବନା ରହିଛି । ୪୮ ଘଂଟା ପରେ ୮ ତାରିଖ ପାଖାପାଖି ଲଘୁଚାପ କ୍ଷେତ୍ର ସୃଷ୍ଟି ସମ୍ଭାବନା ରହିଥିବା ସେ ପ୍ରକାଶ କରିଛନ୍ତି । ▶▶ପୃଷ୍ଠା ୭

## ଆଜିଠୁ ରାଷ୍ଟ୍ରପତିଙ୍କ ୩ ଦିନିଆ ଓଡିଶା ଗସ୍ତ



ଭୁବନେଶ୍ୱର, ୦୩/୦୫ (ନି.ପ୍ର): ଆସନ୍ତାକାଲି (ଗୁରୁବାର) ୩ ଦିନିଆ ଓଡିଶା ଗସ୍ତରେ ଆସିବେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ । ମେ ୪ରୁ ୬ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶା ଗସ୍ତରେ ଆସି ରାଇରଙ୍ଗପୁର, ପାହାଡ଼ପୁର ଏବଂ ବାରିପଦାରେ କେତେକ କାର୍ଯ୍ୟକ୍ରମରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଗୁରୁବାର ଦିନ ରାଷ୍ଟ୍ରପତି ପାହାଡ଼ପୁର ଠାରେ ଦକ୍ଷତା ପ୍ରଶିକ୍ଷଣ କେନ୍ଦ୍ର ଓ ଗୋଷ୍ଠୀ କେନ୍ଦ୍ର ପାଇଁ ଶିଳାନ୍ୟାସ କରିବେ। ଏହାପରେ ସେ ହାଟବଦ୍ରା ଠାରେ ବ୍ରହ୍ମକୁମାରୀ କେନ୍ଦ୍ରକୁ ଗସ୍ତ କରିବେ ଏବଂ ସେଠାରେ ବ୍ରହ୍ମ କୁମାରୀ କେନ୍ଦ୍ରର 'ନିଶାମୁକ୍ତ ଓଡ଼ିଶା' ଅଭିଯାନ ଆରମ୍ଭ କରିବେ। ସେହିଦିନ ସନ୍ଧ୍ୟାରେ, ରାଷ୍ଟ୍ରପତି ରାଇରଙ୍ଗପୁର ଠାରେ ରାଇରଙ୍ଗପୁର ପୌରପାଳିକା ପକ୍ଷରୁ ତାଙ୍କ ସମ୍ମାନରେ ଆୟୋଜିତ ନାଗରିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦେବେ । ୫ ତାରିଖରେ ରାଷ୍ଟ୍ରପତି ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ତାଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଜଣାଇବେ । ଏହାପରେ ସେ ଶିମିଳିପାଳ ଅଭୟାରଣ୍ୟ ପରିଦର୍ଶନ କରିବେ । ୬ ତାରିଖରେ ରାଷ୍ଟ୍ରପତି ବାରିପଦାସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତନ ସମାରୋହରେ ଅଂଶଗ୍ରହଣ କରିବେ ।

## ମନୁଷ୍ୟ-ବନ୍ୟପ୍ରାଣୀ ସଂଘର୍ଷରେ ମୃତାହତ ବ୍ୟକ୍ତିଙ୍କ ପାଇଁ ଅନୁକମ୍ପା ରାଶିରେ ବୃଦ୍ଧି ଘୋଷଣା କଲେ ମୁଖ୍ୟମନ୍ତ୍ରୀ



### ମୃତ୍ୟୁ କ୍ଷେତ୍ରରେ ଅନୁକମ୍ପା ରାଶି ୪ ଲକ୍ଷରୁ ୬ ଲକ୍ଷକୁ ବୃଦ୍ଧି

ଭୁବନେଶ୍ୱର, ୦୩/୦୫ (ନି.ପ୍ର): ମନୁଷ୍ୟ ଓ ବନ୍ୟପ୍ରାଣୀ ମଧ୍ୟରେ ସଂଘର୍ଷରେ ପ୍ରତିବର୍ଷ ରାଜ୍ୟରେ ବହୁ ଲୋକ ମୃତାହତ ହେଉଛନ୍ତି। ଏହାସହିତ ଘରଦ୍ୱାରା ଭାଙ୍ଗିବା ଓ ଫସଲ ନଷ୍ଟ ହେବା ସହିତ ଗୃହପାଳିତ ପ୍ରାଣୀମାନେ ମଧ୍ୟ ମୃତ୍ୟୁବରଣ କରୁଛନ୍ତି। ଏହି କ୍ଷତିଗ୍ରସ୍ତ ଲୋକଙ୍କ ପରିବାର ପାଇଁ କେବଳ ଏକ ଅପୂରଣୀୟ କ୍ଷତି ନୁହେଁ, ବରଂ ସେମାନଙ୍କ ପ୍ରିୟଜନମାନଙ୍କୁ ହରାଇ ଗଭୀର ମାନସିକ ଚାପରେ ମଧ୍ୟ ରହିଥାନ୍ତି। ତେଣୁ ବନ୍ୟପ୍ରାଣୀ ଆକ୍ରମଣରେ ମୃତାହତ ବ୍ୟକ୍ତିଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ଅନୁକମ୍ପା ରାଶି ତଥା ସଂପତ୍ତି କ୍ଷୟକ୍ଷତି ପାଇଁ ସହାୟତା ରାଶିରେ ବୃଦ୍ଧି ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି । ଏହି ନୂତନ ନିଷ୍ପତ୍ତି ଅନୁଯାୟୀ ବନ୍ୟାପ୍ରାଣୀ ଆକ୍ରମଣରେ ମନୁଷ୍ୟ ମୃତ୍ୟୁ କ୍ଷେତ୍ରରେ ଅନୁକମ୍ପାମୂଳକ ରାଶିର ପରିମାଣ ୪ ଲକ୍ଷ ଟଙ୍କାରୁ ୬ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି । ସେହିପରି ଗୁରୁତର ଆହତଙ୍କ (ପାରମାନେଂଟ ଇଂଜ୍ୟୁରୀ ) କ୍ଷେତ୍ରରେ ସହାୟତା ପରିମାଣ ମଧ ବୃଦ୍ଧି ପାଇଛି। ୬୦ ପ୍ରତିଶତରୁ କମ୍ ଅକ୍ଷମତା କ୍ଷେତ୍ରରେ ସହାୟତା ପରିମାଣ ୧ ଲକ୍ଷ ଟଙ୍କାରୁ ୧.୫୦ ଲକ୍ଷ ଟଙ୍କା ଏବଂ ୬୦ ପ୍ରତିଶତରୁ ଅଧିକ ଅକ୍ଷମତା କ୍ଷେତ୍ରରେ ସହାୟତା ପରିମାଣ ୨.୫୦ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ସାମାନ୍ୟ ଆହତଙ୍କ କ୍ଷେତ୍ରରେ ପୂର୍ବରୁ ସହାୟତା ପରିମାଣ ୫ ହଜାର ଟଙ୍କା ଥିଲା। ବର୍ତ୍ତମାନ ଏକ ସପ୍ତାହରୁ ଅଧିକ

## ରଥଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ପୁରୀ, ୦୩/୦୫ (ନି.ପ୍ର): ଚଳିତ ବର୍ଷ ରଥଯାତ୍ରା ଜୁନ ୨୦ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଦେବସ୍ନାନ ପୂର୍ଣ୍ଣିମା ଜୁନ ୪ ତାରିଖରେ ଅନୁଷ୍ଠିତ ହେବ।ସ୍ନାନଯାତ୍ରା ଓ ରଥଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ସମର୍ଥ ବର୍ମା। ରଥଯାତ୍ରା ର ପ୍ରଥମ ସମନ୍ୱୟ ବୈଠକ ଆର ଡି ସି ଙ୍କ ଅଧ୍ୟକ୍ଷତାରେ ସରି ଯାଇଥିବାରୁ ତାହାର ନିର୍ଯ୍ୟାସ ଆଧାର ରେ ସମସ୍ତ ବିଭାଗ ସେମାନଙ୍କ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ବିଗତ ବର୍ଷ ପରି ସମ୍ମିଳିତ ଉଦ୍ୟମ ରେ ଚଳିତ ରଥଯାତ୍ରାକୁ ସଫଳ କରିବାକୁ ସେ ଆହ୍ୱାନ ଦେଇଥିଲେ।

## ୯ ତାରିଖରେ ବାତ୍ୟା ସମ୍ଭାବନା

ନୂଆଦିଲ୍ଲୀ/ଭୁବନେଶ୍ୱର, ୦୩/୦୫ (ନି.ପ୍ର): ଆସନ୍ତା ମେ' ୯ ତାରିଖ ପାଖାପାଖି ବାତ୍ୟା ସୃଷ୍ଟି ହୋଇପାରେ ବୋଲି ଆକଳନ କରିଛି ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)। ତେବେ ବର୍ତ୍ତମାନ ଓଡ଼ିଶା ପାଇଁ କିଛି ସତର୍କ ସୂଚନା ନାହିଁ। ବୁଧବାର ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ୬ ତାରିଖ ପାଖାପାଖି ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ୭ରେ ଏହା ଲଘୁଚାପର ରୂପ ନେବ। ଲଘୁଚାପଟି କ୍ରମେ ଘନୀଭୂତ ହୋଇ ୮ରେ ଅବପାତର ରୂପ ନେଇପାରେ। ଅବପାତର ରୂପ ନେଇ କ୍ରମେ ଏହା ଉତ୍ତର ଦିଗକୁ ଗତି କରିବ। ଏହା ଅଧିକ ଘନୀଭୂତ ହୋଇ ୯ ସୁଦ୍ଧା ବାତ୍ୟା ରୂପ ନେଇପାରେ। ତେବେ ବାତ୍ୟାର ଗତିପଥ ଓ ତୀବ୍ରତା ନେଇ କିଛି ସ୍ପଷ୍ଟ ହୋଇନି। ▶▶ପୃଷ୍ଠା ୭

## 'ଦି କେରଳ ଷ୍ଟୋରି': ରୋକ୍ ଲଗାଇବାକୁ ମନାକଲେ ସୁପ୍ରିମକୋର୍ଟ




ନୂଆଦିଲ୍ଲୀ,୦୩/୦୫ : ଚଳଚ୍ଚିତ୍ର 'ଦି କେରଳ ଷ୍ଟୋରି'ର ରିଲିଜ୍ ଉପରେ ରୋକ୍ ଲଗାଇବାପାଇଁ ସୁପ୍ରିମକୋର୍ଟରେ ଏକ ଆବେଦନ ହୋଇଥିଲା। ଇସ୍‌ଲାଇମିକ ଷ୍ଟେଟ୍ (ଆଇଏସ୍) ଏବଂ ଧର୍ମାନ୍ତରୀକରଣ ବିଷୟବସ୍ତୁ ଉପରେ ଆଧାରିତ ଏହି ଫିଲ୍ମ କେରଳ ଷ୍ଟୋରିର ରିଲିଜ୍ ଉପରେ ରୋକ୍ ଲଗାଇବାକୁ କୋର୍ଟ ମନା କରିଦେଇଛନ୍ତି। ଜଷ୍ଟିସ କେଏମ୍ ଜୋସେଫ୍ ଏବଂ ବିଭି ନାଗରତ୍ନାଙ୍କ ଖଣ୍ଡପୀଠଙ୍କ ନିକଟରେ ଆଜି ଏହି ମାମଲାର ଜରୁରୀ ଶୁଣାଣି ପାଇଁ ତାଲିକାଭୁକ୍ତ କରିବାକୁ ଅନୁରୋଧ କରାଯାଇଥିଲା। କିନ୍ତୁ ଖଣ୍ଡପୀଠ ଏହି ଆବେଦନର ଶୁଣାଣି କରିବେନି ବୋଲି ମନା କରିଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ପ୍ରଥମେ ଆବେଦନକାରୀ ହାଇକୋର୍ଟକୁ ଯାଆନ୍ତୁ। ଆମେ ଏହି ମାମଲାକୁ ଶୁଣାଣି ପାଇଁ ଗ୍ରହଣ କରିପାରିବୁନି। ପ୍ରଥମେ ହାଇକୋର୍ଟ ଯିବାପାଇଁ ଖଣ୍ଡପୀଠ କହିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି କରାଯାଇଥିଲା ଯେ ଏହି ଚଳଚ୍ଚିତ୍ର ହେଉଛି ଅତି କଦର୍ଯ୍ୟ ଧରଣର ଘୃଣା ଭାଷଣ ଏବଂ ଏହା ସମ୍ପୂର୍ଣ୍ଣ ଭାବେ ଏକ ଅଡିଓ-ଭିଜୁଆଲ ପ୍ରୋପାଗଣ୍ଡା। ତେବେ ଖଣ୍ଡପୀଠ କହିଛନ୍ତି, ବିଭିନ୍ନ ପ୍ରକାର ଘୃଣା ଭାଷଣ ରହିଛି। ଫିଲ୍ମକୁ ବୋର୍ଡ ଦ୍ୱାରା ମଂଜୁରି ମିଳି ସାରିଛି। ତେଣୁ ଚଳଚ୍ଚିତ୍ର ରିଲିଜ୍‌କୁ ଚ୍ୟାଲେଂଜ କରିବାକୁ ଚାହୁଁଥିଲେ ଉପଯୁକ୍ତ ମଞ୍ଚରେ ଏହାର ପ୍ରମାଣପତ୍ରକୁ ଚ୍ୟାଲେଂଜ କରାଯିବା ଉଚିତ। ଜଷ୍ଟିସ ନାଗରତ୍ନା କହିଛନ୍ତି, ଆବେଦନକାରୀ ପ୍ରଥମେ ହାଇକୋର୍ଟ ଯିବା ଉଚିତ। ଉଲ୍ଲେଖଯୋଗ୍ୟ, କେରଳ ଫିଲ୍ମ ଷ୍ଟୋରିକୁ ନେଇ ବିବାଦ ହୋଇଥିଲା। କେରଳରେ ୩୨ ହଜାର ମହିଳା ଲଭ୍ ଜିହାଦର ଶିକାର ହୋଇ ଇସଲାମ ଧର୍ମ ଗ୍ରହଣ କରିଛନ୍ତି ବୋଲି ଫିଲ୍ମର ଟ୍ରେଲରରେ ଦେଖିବାକୁ ମିଳିବାପରେ ଏହାକୁ ନେଇ ବିବାଦ ବଢ଼ିଥିଲା। ପରେ ଏହି ବିବାଦୀୟ ଅଂଶକୁ କାଟିଦିଆଯାଇଛି।

## ୧୦ରେ ଭୁବନେଶ୍ୱରରେ ପହଞ୍ଚିବେ ମହାନଦୀ ଟ୍ରିବ୍ୟୁନାଲ୍: ଓଡ଼ିଶାକୁ ଦୁଇଟି ପର୍ଯ୍ୟାୟରେ ଗସ୍ତ

ନୂଆଦିଲ୍ଲୀ,୦୩/୦୫ : ଆସନ୍ତାକାଲି ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲଙ୍କ ଛତିଶଗଡ଼ରେ ମହାନଦୀ ଅବବାହିକାର ଦ୍ୱିତୀୟ ପର୍ଯ୍ୟାୟ କ୍ଷେତ୍ର ପରିଦର୍ଶନ ଶେଷ ହେବ। ଏହାପରେ ଟ୍ରିବ୍ୟୁନାଲ ଓଡ଼ିଶାରେ ମହାନଦୀ ଅବବାହିକା ଅଞ୍ଚଳକୁ ଦୁଇଟି ପର୍ଯ୍ୟାୟରେ ଗସ୍ତକରିବେ। କାର୍ଯ୍ୟସୂଚୀ ଅନୁସାରେ ପ୍ରଥମ ପର୍ଯ୍ୟାୟ କ୍ଷେତ୍ର ପରିଦର୍ଶନ ପାଇଁ ମେ' ୧୦ରେ ଟ୍ରିବ୍ୟୁନାଲ୍ ଟିମ୍ ବିମାନ ଯୋଗେ ଭୁବନେଶ୍ୱରରେ ପହଞ୍ଚିବେ। ବିମାନବନ୍ଦରରେ ଟ୍ରିବ୍ୟୁନାଲଙ୍କୁ ସ୍ୱାଗତ କରାଯିବା ସହ ଓଡ଼ିଶା ପକ୍ଷରୁ ଦାବିକୁ ସଂକ୍ଷିପ୍ତ ବିବରଣୀ ଉପସ୍ଥାପନ କରାଯିବ। କାର୍ଯ୍ୟସୂଚୀ ଅନୁସାରେ ୧୧ରେ ଟ୍ରିବ୍ୟୁନାଲ ମହାନଦୀର ତ୍ରିକୋଣଭୂମି, ଏହାର ବ୍ୟାରେଜ୍ ପରିସର ଓ ସାମୁଦ୍ରିକ ସଂଗ୍ରହାଳୟ ପରିଦର୍ଶନ କରିବେ। ପ୍ରଥମେ ମୁଣ୍ଡଳି ଆନିକଟ ଓ ପୁରୀ ମୁଖ୍ୟ କେନାଲ (ପିଏମ୍‌ସି) ପରିଦର୍ଶନରେ ଯିବେ। ଏହା ପରେ ମହାନଦୀରେ ମିଶିଥିବା ସାପୁଆ ନଦୀ ପରିଦର୍ଶନ କରିବେ। ▶▶ପୃଷ୍ଠା ୭

## ସମଲିଙ୍ଗୀ ବିବାହ ପ୍ରସଙ୍ଗରେ ନରମିଲା କେନ୍ଦ୍ର

### ସମୀକ୍ଷା କମିଟି ଗଠନ ପାଇଁ ଦେଲା ପ୍ରସ୍ତାବ



ନୂଆଦିଲ୍ଲୀ,୦୩/୦୫ : ବହୁ ବିବାଦୀୟ ସମଲିଙ୍ଗୀ ବିବାହ ପ୍ରସଙ୍ଗରେ ଶୁଣାଣି ୭ ଦିନରେ ପହଞ୍ଚିଛି । ପ୍ରଧାନ ବିଚାରପତି ଡି.ୱାଇ ଚନ୍ଦ୍ରଚୁଡ଼ଙ୍କ ନେତୃତ୍ୱରେ ଗଠିତ ୫ ଜଣିଆ ଖଣ୍ଡପୀଠରେ ବୁଧବାର ଏହି ମାମଲାର ଶୁଣାଣି ଚାଲିଛି । ଆଉ ଏତିକି ବେଳେ କେନ୍ଦ୍ର ସରକାର ମଧ ଏହି ପ୍ରସଙ୍ଗରେ ନିଜର ଆଭିମୁଖ୍ୟ କୋହଳ କରିଛନ୍ତି । ଏହି ସମସ୍ୟାର ସମାଧାନ ଏବଂ ସମଲିଙ୍ଗୀଙ୍କ ଅଧିକାର ଉପରେ ନିରୀକ୍ଷଣ ପାଇଁ ଏକ କମିଟି ଗଠନ କରିବାକୁ କେନ୍ଦ୍ର ସରକାର ପ୍ରସ୍ତାବ ଦେଇଛନ୍ତି। କ୍ୟାବିନେଟ୍ ସଚିବ ରାଙ୍କର ଜଣେ ଅଧିକାରୀଙ୍କ ନେତୃତ୍ୱରେ ଏକ କମିଟି ଗଠନ କରିବାକୁ ପ୍ରସ୍ତାବ ଦେଇଛନ୍ତି ସରକାର । ସମଲିଙ୍ଗୀଙ୍କ ଅଧିକାର ଏବଂ କିପରି ସେମାନଙ୍କୁ ସାମାଜିକ ନ୍ୟାୟ ପ୍ରଦାନ କରିହେବ ତାହା ଉପରେ କମିଟି ସମୀକ୍ଷା କରିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ସୋଲିସିଟର ▶▶ପୃଷ୍ଠା ୭

## ଓଡ଼ିଶା ଆସିବେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ: ନବୀନଙ୍କୁ ଭେଟିବା ସମ୍ଭାବନା



ଭୁବନେଶ୍ୱର, ୦୩/୦୫ (ନି.ପ୍ର): ଆଗାମୀ ଶୁକ୍ରବାର ଓଡ଼ିଶା ଆସିପାରନ୍ତି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର। ସେ ତାଙ୍କ ଓଡ଼ିଶା ଗସ୍ତ କାଳରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବାର ସମ୍ଭାବନା ରହିଛି। ଯଦି ଉଭୟ ନେତାଙ୍କ ମଧ୍ୟରେ ଭେଟଘାଟ ହୁଏ ତେବେ କଣ ଆଲୋଚନା ହେବ ସେ ନେଇ ସମସ୍ତଙ୍କର ଉତ୍ସୁକତା ରହିଛି। ନୀତୀଶ କୁମାର ଓଡ଼ିଶା ଆସିବେ ବୋଲି ଚର୍ଚ୍ଚା ବିହାରରେ ଜୋର ଧରିଥିଲେ ବି ଏଯାଏ ସରକାରୀ ସୂତ୍ରରୁ କୌଣସି ସୂଚନା ମିଳିନାହିଁ। ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ତୃତୀୟ ସାମ୍ମୁଖ୍ୟ ଗଠନ ପାଇଁ ଜୋରଦାର ଉଦ୍ୟମ କରୁଛନ୍ତି। ଏଥିପାଇଁ ବିଭିନ୍ନ ଆଞ୍ଚଳିକ ଦଳର ନେତୃବୃନ୍ଦଙ୍କୁ ଭେଟୁଛନ୍ତି। ଏହା ଆଗରୁ ସେ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାର୍ନାଜୀଙ୍କୁ ମଧ୍ୟ ଭେଟି ସାରିଛନ୍ତି। ଏହି ସାକ୍ଷାତ-ଆଲୋଚନା କାଳରେ ବିଜେପି ବିରୋଧୀ ମେଣ୍ଟ ଗଠନ ଦିଗରେ ଚର୍ଚ୍ଚା ହୋଇଥିବା ନେଇ ଆକଳନ ହୋଇଥିଲା। ଏପରିକି ଗତ କିଛି ଦିନ ପୂର୍ବେ ମମତା ବାନାର୍ଜୀ ମଧ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଥିଲେ। ଏହା ଏକ ସୌଜନ୍ୟମୂଳକ ସାକ୍ଷାତକାର ବୋଲି କୁହାଯାଉଥିଲା। ତେବେ କଂଗ୍ରେସ ଓ ବିଜେପି ଠାରୁ ସମଦୂରତ୍ୱ ରଖୁଥିବା ନବୀନ ନୀତୀଶଙ୍କ ଏହି ତୃତୀୟ ସାମ୍ମୁଖ୍ୟରେ ସାମିଲ ହେବେ କି ନାହିଁ ତାହା ସବୁଠୁ ବଡ ପ୍ରଶ୍ନ। କାରଣ ଏହି ତୃତୀୟ ସାମ୍ମୁଖ୍ୟରେ କଂଗ୍ରେସ ମଧ ରହିଛି। ନୀତୀଶ କୁମାର କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ମଧ ନିକଟରେ ଭେଟିଛନ୍ତି। ଏଭଳିସ୍ଥଳେ ତୃତୀୟ ସାମ୍ମୁଖ୍ୟରେ ବିଜେଡିର ଯୋଗଦାନ ସମ୍ଭାବନା ଯଥେଷ୍ଟ କମ। ▶▶ପୃଷ୍ଠା ୭

## ଦୁଇଟି ଚୋରି ମାମଲାର ପର୍ଦ୍ଦାଫାସ : ୭ ଗିରଫ

ଜୟପୁର, ୦୩/୦୫ (ନି.ପ୍ର): ଜୟପୁର ଟାଉନ ପୋଲିସ ଦୁଇଟି ଚୋରି ମାମଲାର ପର୍ଦ୍ଦାଫାସ କରିଛି। ଜୟପୁର ସହରର ଜୟନଗର ଓ ଖାଲସାହି ଚୋରି ମାମଲାରେ ୭ ଅଭିଯୁକ୍ତଙ୍କୁ ଗିରଫ କରିଛି ପୋଲିସ। ଖାଲସାହିର ଦୁର୍ଗା ପ୍ରସାଦ ତ୍ରିପାଠିଙ୍କ ଘରେ ହୋଇଥିବା ଚୋରି ମାମଲାରେ ଛୋଟାଗୁଡାର ଗୁପ୍ତ ଦାସ (୩୦), ବାପୁଜି ନଗରର ହିରଣ ନାୟକ (୧୯), ଓଡିଆ ମେଦ୍ରୀ ସାହିର ସୁନିଲ ପରଜା (୨୩), ରାଜସ୍ଥାନର ଅଶୋକ ଜାଟ (୨୨)ଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ଠାରୁ ୫୦ ହଜାର ଟଙ୍କା, ୯୦ ହଜାର ଟଙ୍କାର କ୍ୟାମେରା, ୨୦ ଗ୍ରାମର ସୁନା, ସିଲଭର ଜିନିଷ, ବେସଲେଟ ଚେନ, ଚୁଡି, ଭଗବାନଙ୍କ ମୁର୍ତି ଆଜି ଜବତ କରିଛି । ସେହିପରି ଜୟନଗରର କଳାକାର ସାମଲଙ୍କ ଘରେ ଚୋରି ହୋଇଥିଲା । ଏହି ମାମଲାରେ ଗିରଫ ଅଭିଯୁକ୍ତ ମାନେ ହେଲେ ଛୋଟାଗୁଡାର ଗୁପ୍ତ ଦାସ (୩୦), ବାପୁଜି ନଗରର ହିରଣ ନାୟକ (୧୯), ଜୟନଗରର ହର ବେହେରା (୩୯), ଛୋଟାଗଡାର ଏ. ହରିସ । ଏମାନଙ୍କ ଠାରୁ ତରଳ ସୁନା ୪୫ ଗ୍ରାମ ଜବତ ହୋଇଛି । ଦୁଇଟି ମାମଲାରେ ଅଭିଯୁକ୍ତ ଗୁପ୍ତ ଓ ହିରଣଙ୍କ ସମ୍ପୃକ୍ତି ରହିଛି । ଘରେ କେହି ନଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଚୋରି କରିଥିବା ଜଣାଯାଇଛି । ଏନେଇ ଆଜି ଟାଉନ ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନିରେ ଏସଡିପିଓ ହରିସ ବିସି ଉପସ୍ଥିତ ରହି ସୂଚନା ଦେଇଛନ୍ତି ।

# ଜୁଲାଇ ପର୍ଯ୍ୟନ୍ତ ପିଡିଏସ୍‌ରେ ମିଳିବନି ଗହମ: ଗହମ ବଦଳରେ ଚାଉଳ ଦେବ କେନ୍ଦ୍ର



ଭୁବନେଶ୍ୱର, ୦୩/୦୫ (ନି.ପ୍ର): ଗତବର୍ଷ ଜୁନ ମାସରୁ ୧୦ ମାସ ପର୍ଯ୍ୟନ୍ତ ପିଡିଏସରେ ଗହମ ବନ୍ଦ କରି ଦେଇଥିଲା କେନ୍ଦ୍ର ସରକାର। ଯାହା ଜୁନ ୨୩ ତାରିଖ ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯାଇଛି। ଅର୍ଥାତ ଜୁଲାଇ ମାସ ପର୍ଯ୍ୟନ୍ତ ପିଡିଏସରେ ଗହମ ମିଳିବ ନାହିଁ। ପୂର୍ବରୁ ଅଭାବ ଯୋଗୁଁ ଗହମ ମିଳୁନଥିଲା। ବର୍ତ୍ତମାନ ରାଜ୍ୟ ସରକାରଙ୍କ ଅନୁରୋଧରେ ୩୦ ହଜାର ମେଟ୍ରିକ ଟନ ଗହମ ବଦଳରେ ଚାଉଳ ପ୍ରଦାନ କରାଯାଉଥିବା ନେଇ ଏଫସିଆଇ ପକ୍ଷରୁ ସୂଚନା ଦିଆଯାଇଛି। ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୮୬ ପ୍ରତିଶତ ଚାଉଳ ଅର୍ଥାତ ୧ ଲକ୍ଷ ୬୦ ହଜାର ମେଟ୍ରିକ ଟନ ଏବଂ ୧୪ ପ୍ରତିଶତ ଅର୍ଥାତ ୩୦ ହଜାର ମେଟ୍ରିକ ଟନ ଗହମ ଯୋଗାଣ ହୁଏ। ଏଥିରେ ୨ଟି ବର୍ଗରେ ଥିବା ସମୁଦାୟ ୩ କୋଟି ୨୫ ଲକ୍ଷ ଲୋକ ଗହମ କ୍ରୟ କରି ଥାଆନ୍ତି। ଚାଉଳରେ ଓଡ଼ିଶା ବଳକା ରାଜ୍ୟ। ଗହମ ଉତ୍ପାଦନ ନଥିବାରୁ ପଞ୍ଜାବ, ହରିୟାଣାରୁ ସଂଗୃହୀତ ଗହମ କେନ୍ଦ୍ର ଓଡ଼ିଶାକୁ ଦିଏ। ଗତବର୍ଷ ଋଷିଆ-ୟୁକ୍ରେନ ଯୁଦ୍ଧ ଯୋଗୁଁ ଋଷ ଅନ୍ୟ ଦେଶକୁ ଗହମ ପଠାଇ ପାରିଲା ନାହିଁ। ଏହାର ଫାଇଦା ଉଠାଇ ଭାରତୀୟ ଘରୋଇ କମ୍ପାନି ଅଧିକାଂଶ ଗହମ ରପ୍ତାନି କରିଦେଲେ। ଏଥିଯୋଗୁଁ ଗତବର୍ଷ ଦେଶରେ ଗହମର ଯେଉଁ ସଙ୍କଟ ସୃଷ୍ଟି ହୋଇଥିଲା ଏହାର ପ୍ରଭାବ ପିଡିଏସରେ ପଡ଼ିଥିଲା। ସେତେବେଳର ଘୋଷଣା ଅନୁଯାୟୀ ଏପ୍ରିଲ କିମ୍ବା ମେ' ମାସରୁ ପିଡିଏସରେ ଗହମ ବିତରଣ ଆରମ୍ଭ ହୋଇଯିବା ଉଚିତ। ବର୍ତ୍ତମାନ ଚିତ୍ର ବଦଳି ଯାଇଛି। ଓଡ଼ିଶା ସରକାର ଗହମ ରଖିବାକୁ ଚାହୁନାହାନ୍ତି। ଓଡ଼ିଶାରେ ରୁଟି ଚାହିଦା ନଥିବାରୁ ଗହମ ବଦଳରେ ଚାଉଳ ଦେବା ପାଇଁ ରାଜ୍ୟ କହିଛି। ଯାହାକୁ ବର୍ତ୍ତମାନ ସ୍ଥିତିରେ କେନ୍ଦ୍ର ସରକାର ଗ୍ରହଣ କରି ନେଇଛନ୍ତି। ଜୁନ ୨୩ ତାରିଖ ସୁଦ୍ଧା ୩୦ ହଜାର ମେଟ୍ରିକ ଟନ ଗହମ ବଦଳରେ କେନ୍ଦ୍ର ଚାଉଳ ଦେବ। ଏହାପରେ କେନ୍ଦ୍ର ସରକାର ପୂର୍ବଭଳି ଗହମ ଦେବେ ନା ଚାଉଳ ଯୋଗାଣ ପ୍ରକ୍ରିୟା ଜାରି ରଖିବେ ତାହା ସ୍ୱଷ୍ଟ ହୋଇନାହିଁ। ଅନ୍ୟଦିଗରେ ଓଡ଼ିଶା ସରକାର ମଧ ସଂଗୃହୀତ ବଳକା ଚାଉଳ ବିକ୍ରି ନେଇ ସମସ୍ୟାରେ ଥିବା ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅନ୍ତର୍ଗତରେ ମାସକୁ ଦିଆଯାଉଥିବା ୧୪ ଲକ୍ଷ ୫ ହଜାର ୪୯୪ କ୍ୱିଣ୍ଟାଲ ଚାଉଳ ଆବଣ୍ଟନକୁ କେନ୍ଦ୍ର ସରକାର ବନ୍ଦ କରି ଦେବା ଯୋଗୁଁ ରବି ଏବଂ ଖରିଫରେ ସଂଗୃହୀତ ଚାଉଳ କ'ଣ ହେବ ତାକୁ ନେଇ ଚିନ୍ତା ବଢ଼ିଛି। ବର୍ତ୍ତମାନ ପରିପ୍ରେକ୍ଷୀରେ ଗହମ ବଦଳରେ ଚାଉଳ ଦେବା ପାଇଁ ରାଜ୍ୟ ସରକାରଙ୍କ ଅନୁରୋଧକୁ କେନ୍ଦ୍ର ଗ୍ରହଣ କରିଛି। କେତେ ଦିନ ପର୍ଯ୍ୟନ୍ତ ଏଭଳି ସ୍ଥିତି ରହିବ ତାହା ଦେଖିବାକୁ ବାକି ରହିଲା।

# ଏମ୍‌ଏସ୍‌ଏମ୍‌ଇକୁ ସହାୟତା ପାଇଁ 'ବିବାଦ ସେ ବିଶ୍ୱାସ' ଯୋଜନା

ଭୁବନେଶ୍ୱର, ୦୩/୦୫ (ନି.ପ୍ର): କୋଭିଡ-୧୯ କାଳରେ କ୍ଷତିଗ୍ରସ୍ତ ହୋଇଥିବା ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗଗୁଡିକୁ ସହାୟତା ପ୍ରଦାନ କରିବା ନିମନ୍ତେ କେନ୍ଦ୍ର ସରକାର 'ବିବାଦ ସେ ବିଶ୍ୱାସ-୧' ଯୋଜନା ଆରମ୍ଭ କରିଛନ୍ତି । ଅର୍ଥ ମନ୍ତ୍ରଣାଳୟର ବ୍ୟୟବିଭାଗ ପକ୍ଷରୁ ଏହି ଯୋଜନାକୁ କାର୍ଯ୍ୟକାରୀ କରାଯାଇଛି । କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୩-୨୪ ବଜେଟ୍‌ରେ କରୋନା ମହାମାରୀ ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ଦେଶର ଏମ୍‌ଏସ୍‌ଏମ୍‌ଇ ଶିଳ୍ପ ସଂସ୍ଥାଗୁଡିକୁ ସହାୟତା ଯୋଗାଇବା ବିଷୟ ଘୋଷଣା କରିଥିଲେ। ଅର୍ଥ ମନ୍ତ୍ରଣାଳୟର ବ୍ୟୟ ବିଭାଗ ପକ୍ଷରୁ ଏହି ମର୍ମରେ ୨୦୨୩ ଫେବୃଆରି ୬ତାରିଖରେ ଏକ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଏଥିରେ ଏହି ଯୋଜନାର ସବିଶେଷ ବିବରଣୀ ଓ ତଥ୍ୟ ରହିଛି । ଏ ସଂକ୍ରାନ୍ତ ଚୂଡାନ୍ତ ନିର୍ଦ୍ଦେଶାବଳି ଗତ ଏପ୍ରିଲ ୧୧ତାରିଖରେ ପ୍ରକାଶ ପାଇଥିଲା। ସେଥିରେ କ୍ଷତିଗ୍ରସ୍ତ ଏମ୍‌ଏସ୍‌ଏମ୍‌ଇଗୁଡିକୁ ସହାୟତା ପ୍ରଦାନ ପାଇଁ ଆବେଦନ ସମୟ ମିଆଦି ବୃଦ୍ଧି, କେତେ ଟଙ୍କା ଫେରସ୍ତ ଦିଆଯିବ ଓ ଆଉ କେତେକ ତଥ୍ୟ ରହିଥିଲା । ଏହା ପରେ ଏହି ଯୋଜନାଟିକୁ ଗତ ଏପ୍ରିଲ ୧୭ରୁ କାର୍ଯ୍ୟକାରୀ କରାଯାଇଛି । ଯେଉଁ ଏମ୍‌ଏସ୍‌ଏମଇ ଉଦ୍ୟୋଗ କରୋନା ମହାମାରୀ କାରଣରୁ ସରକାରଙ୍କ ସହିତ କରିଥିବା ଚୁକ୍ତିକୁ କାର୍ଯ୍ୟକାରୀ କରିବାରେ ବିଫଳ ହୋଇଥିବେ ସେମାନେ ନିଲାମ ବା ବିଡ୍ ବାବଦରେ ଦେଇଥିବା ଅର୍ଥର ୯୫% କିମ୍ବା ପ୍ରଦର୍ଶନଭିତ୍ତିକ ଅମାନତ ଅର୍ଥ ବା ପରଫରମାନ୍ସ ସିକ୍ୟୁରିଟି ଫେରି ପାଇବାକୁ ନିର୍ଦ୍ଧାରିତ ତାରିଖ ୨୦୨୩ ଜୁନ ୩୦ତାରିଖ ସୁଦ୍ଧା ଆବେଦନ କରିପାରିବେ । ସେମାନଙ୍କୁ 'ବିବାଦ ସେ ବିଶ୍ୱାସ' ଯୋଜନାରେ ଏହି ଅର୍ଥ ଫେରସ୍ତ ଦିଆଯିବ।

## ଶରଧାବାଲି ମୁଖ୍ୟରାସ୍ତା ପୁରୁଣା ବ୍ରିଜ ନିକଟରୁ ପାଇପ ସ୍ଥାନାନ୍ତର ଦାବି

ଗଞ୍ଜାମ, ୦୩/୦୫ (ନି.ପ୍ର): ମାର୍ଚ୍ଚ ମାସ ୨ ତାରିଖରୁ ଶରଧାବାଲି ମୁଖ୍ୟରାସ୍ତାରେ ଥିବା ପୁରୁଣା ବ୍ରିଜକୁ ନୂତନ ଭାବେ ତୟାର କରିବା ପାଇଁ ବ୍ରହ୍ମପୁର ମୁନିସିପାଲିଟି ଦ୍ୱାରା ଭଙ୍ଗା ଯାଇଅଛି । ଉକ୍ତ ବ୍ରିଜ ପାଖଦେଇ ଶରଧାବାଲି ବାସିନ୍ଦାଙ୍କୁ ପାଣି ଯୋଗାଇବା ପାଇଁ ପାଇପଲାଇନ ସଂଯୋଗ ହୋଇଥିବା ପାଇପକୁ ଟେମ୍ପରାରି ସ୍ଥାନାନ୍ତରିତ କରାଗଲେ ଶରଧାବାଲି ବାସିନ୍ଦା ପାଣି ପାଇବାରୁ ବଂଚିତ ହେବ ନାହିଁ ଏବଂ ବ୍ରିଜ କାମ କଲେ ପାଇପଟି କ୍ଷତି କିମ୍ବା ଫାଟିବ ନାହିଁ । କିନ୍ତୁ ପରିତାପର ବିଷୟ, ଏଠାକାର ଆସୋସିଏସନ ତଥା ବାସିନ୍ଦାମାନେ ତୁରନ୍ତ ଏହି ବ୍ରିଜ କାମ ଶେଷ କରିବାକୁ ବାରମ୍ବାର ଉଭୟ ପି. ଏଚ. ଡ଼ି ଏବଂ ମ୍ୟୁନିସିପାଲିଟି ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ ତଥା ଅନୁରୋଧ କରି ଆସୁଥିଲେ ମଧ୍ୟ କେହି ଶୁଣିବାକୁ ପ୍ରସ୍ତୁତ ନାହାନ୍ତି । ଫଳରେ ଯେତେ ଦିନଯାଏ ଏହି ପାଣି ପାଇପଟି ସ୍ଥାନାନ୍ତରିତ ହେଉନାହିଁ, ସେତେ ଦିନ ପର୍ଯ୍ୟନ୍ତ ଉକ୍ତ ବ୍ରିଜ କାମଟି ହୋଇ ପାରିବନାହିଁ ବୋଲି ବିଶେଷ ସୂତ୍ରରୁ ଜାଣିବାକୁ ମିଳିଛି । ବ୍ରିଜ ଭଙ୍ଗାଯିବା ପରଠାରୁ ୨୦୦୦ ଉର୍ଦ୍ଧ୍ୱ ବାସିନ୍ଦା ତଥା ବୃଦ୍ଧବୃଦ୍ଧା ଯାତାୟତ ପାଇଁ ବିଶେଷ ଭାବେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି ।

# ସୁନାଖଣି-ଖମାର ରେଳ ସେକ୍ସନ ନିର୍ମାଣ କାର୍ଯ୍ୟ ନିରୀକ୍ଷଣ କଲେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ



ଭୁବନେଶ୍ୱର, ୦୩/୦୫ (ନି.ପ୍ର): ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମା ଆଜି ତାଳଚେର ଅଞ୍ଚଳ ପରିଦର୍ଶନ କରି ନିର୍ମାଣ କାର୍ଯ୍ୟ ଚାଲୁରହିଥିବା ତାଳଚେର-ବିମଳାଗଡ଼ ରେଳ ଲାଇନ ପ୍ରକଳ୍ପର ସୁନାଖଣି-ଖମାର ରେଳ ସେକ୍ସନ ନିରୀକ୍ଷଣ କରିଛନ୍ତି। ଏହି ନିରୀକ୍ଷଣ ସମୟରେ ପୂର୍ବତଟ ରେଳପଥ ମୁଖ୍ୟାଳୟର ବରିଷ୍ଠ ଅଧିକାରୀ ମାନଙ୍କ ସହିତ ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ରିଙ୍କେଶ ରାୟ ମଧ ଉପସ୍ଥିତ ଥିଲେ। ନୀରିକ୍ଷଣ ସମୟରେ ଶ୍ରୀ ଶର୍ମା ଭିତ୍ତିଭୂମି କାର୍ଯ୍ୟର ସମୀକ୍ଷା କରିବା ସହିତ ଧାର୍ଯ୍ୟ ସମୟ ମଧରେ କାର୍ଯ୍ୟ ସମାପ୍ତି ନିଶ୍ଚିତ କରିବାକୁ ଆବଶ୍ୟକ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ୧୫୦ କିଲୋମିଟର ଦୈର୍ଘ୍ୟ ତାଳଚେର-ବିମଳାଗଡ଼ ରେଳ ଲାଇନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି ଏବଂ ଏହାକୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନିୟମିତ ଭାବେ ତଦାରଖ କରୁଛନ୍ତି। ତାଳଚେର ଏବଂ ସୁନାଖଣି ମଧରେ ୧୭.୬୨ କି.ମି. ଦୈର୍ଘ୍ୟ ରେଳ ଲାଇନ ନିର୍ମାଣ କାର୍ଯ୍ୟ ଶେଷ ହୋଇଅଛି। ସୁନାଖଣି-ସମଲ-ପାରାବିଲ ମଧରେ ୧୬.୩୧ କି.ମି. ଦୈର୍ଘ୍ୟ ରେଳ ଲାଇନ କାର୍ଯ୍ୟ ଖୁବ ଶୀଘ୍ର ଶେଷ ହେବାକୁ ଯାଉଛି। ଉନ୍ନତ ଯାତାୟାତ ଗତିବିଧି ତଥା ହିତାଧିକାରୀ ଏବଂ ଶିଳ୍ପସଂସ୍ଥାକୁ ସୁବିଧା ଯୋଗାଇଦେବା ପାଇଁ ଶ୍ରୀ ଶର୍ମା ତାଳଚେରରେ ରେଳ ସାଇଡିଙ୍ଗ ନିରୀକ୍ଷଣ କରିଥିଲେ। ଟ୍ରାଫିକ୍ ଓ ଟ୍ରେନ ଯାତାୟାତ ସୁବିଧା କାର୍ଯ୍ୟର ସମୀକ୍ଷା କରି ମହାପ୍ରବନ୍ଧକ ଶ୍ରୀ ଶର୍ମା ସମ୍ପୃକ୍ତ ଅଧିକାରୀମାନଙ୍କୁ ଏହି ଅଞ୍ଚଳରେ ଅସୁବିଧା ମୁକ୍ତ ଟ୍ରାଫିକ୍ ଗତିବିଧି ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଅରୁଣ ଅନକା ହତ୍ୟା ମାମଲା : ୫ ଅଭିଯୁକ୍ତ ଗିରଫ

ଜୟପୁର, ୦୩/୦୫ (ନି.ପ୍ର): ଜୟପୁର ସହରରେ ଜଣେ ଯୁବକକୁ ହତ୍ୟା ମାମଲାରେ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି ଟାଉନ ପୋଲିସ । ଏନେଇ ଆଜି ଜୟପୁର ଟାଉନ ଥାନାରେ ଏସଡିପିଓ ହରିସ ବିସି ଏକ ସାମ୍ବାଦିକ ସମ୍ମିଳନିରେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଗତ ଏପ୍ରିଲ ୨୬ ତାରିଖ ସଂନ୍ଧ୍ୟା ସମୟରେ ୮ ଜଣ ଅଜଣା ଦୁର୍ବୃତ ଖଣ୍ଡା ଛୁରି ଆଦି ମାରଣାସ୍ତ୍ର ଧରି ଜୟପୁର ନୁଆସାହି ୫ ଲାଇନର ଅରୁଣ ଅନକାଙ୍କୁ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ଅରୁଣ ଅନକାଙ୍କ ମୃତ୍ୟୁ ଘଟିଥିଲା । ଏନେଇ ଜୟପୁର ଟାଉନ ଥାନାରେ ମୃତ ଅରୁଣଙ୍କ ସ୍ତ୍ରୀ ଅଲଫା ଅନକା ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତି କରି ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ କରିଥିଲା । ତଦନ୍ତରେ ଜାଣି ପୋଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ଜୟପୁର ନୁଆସାହି ୪ର୍ଥ ଲାଇନର ରାମ ନାୟକ (୧୯) ଓ ଅର୍ଜୁନ ବାଘ (୨୬), କୋଟପାଡର ଅଭିଷେକ ମାଳି (୨୧) ଓ କପିଳେସ ମଙ୍ଗଳି (୧୮) ଏବଂ ନବରଙ୍ଗପୁର ଜିଲା ତେନ୍ତୁଳିଖୁଂଟିର ରେମନ୍ତ ବିଷୋୟୀ ଓରଫ ରୋମାନ (୨୨) । ସେମାନଙ୍କ ଠାରୁ ୨ଟି ଖଣ୍ଡା, ବାଇକ ଜବତ ହୋଇଛି । ମାମଲାରେ ଜଡିତ ଅନ୍ୟ ୩ ଅଭିଯୁକ୍ତ ଫେରାର ଥିବା ପୋଲିସ ତରଫରୁ ସୂଚନା ଦିଆଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହତ୍ୟାକାଣ୍ଡ ଘଟିଥିବା ଏସଡିପିଓ ହରିସ ବିଶି ସୂଚନା ଦେଇଛନ୍ତି ।

ଏହି ଘଟଣା ଘଟିବା ପରେ ଗତ ୨୭ ତାରିଖରେ ସାଇଂଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଂଚି ତଦନ୍ତ କରିଥିଲା। କୋରାପୁଟ ଏସପି ଅଭିନବ ସୋନକାର ଜୟପୁରରେ ପହଂଚି ସ୍ଥିତିର ସମିକ୍ଷା କରିଥିଲେ। ଏସପିଙ୍କ ତତ୍ତ୍ୱାବଧାନରେ ଟିମ ଗଠନ କରାଯାଇ ତଦନ୍ତ କରାଯାଇଥିଲା । ଏ ସଂକ୍ରାନ୍ତରେ ଜୟପୁର ଟାଉନ ପୋଲିସ ୧୨୩/୨୩ରେ ଏକ ହତ୍ୟା ମାମଲା ରୁଜୁ କରିଥିଲା । ସିସି କ୍ୟାମେରାର ଫୁଟେଜ ଆଧାରରେ ପୋଲିସ ଘଟଣାର ତଦନ୍ତ କରିଥିବା ବେଳେ ମୃତ୍ୟୁ ପୂର୍ବରୁ ଅରୁଣଙ୍କୁ ମୋବାଇଲରେ ଧମକ ଚମକ ଆସୁଥିବା ତାଙ୍କ ସ୍ତ୍ରୀ ପୋଲିସକୁ ବୟାନ ଦେଇଥିଲେ । ଅରୁଣର ମୋବାଇଲର ମଧ ଯାଂଚ୍ ହୋଇଥିଲା । ପୋଲିସର ସୂଚନା ଅନୁଯାଇ, ବୁଧବାର ସଂନ୍ଧ୍ୟା ସମୟରେ ୭ ଜଣ ଯୁବକ ମୁହଁରେ ମାସ୍କ ପିନ୍ଧି ଅଟୋରେ ଆସି ଖଣ୍ଡା, କାତି ଧରି ଅରୁଣକୁ ଆକ୍ରମଣ କରିଥିଲେ । ମରାଣାନ୍ତକ ଆକ୍ରମଣ ହେବା ଫଳରେ ଗୁରୁତର ହୋଇ ପଡିଥିଲେ ଅରୁଣ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି ଏହି ସାମ୍ବାଦିକ ସମ୍ମିଳନିରେ ଟାଉନ ଥାନା ଅଧିକାରି ସମ୍ବିତ କୁମାର ବେହେରା ସୂଚନା ଦେଇଛନ୍ତି ।

## ବିକାଶମୂଳକ କାଯ୍ୟର ଲୋକାର୍ପଣ କଲେ ବିଧାୟକ

ଜୟପୁର, ୦୩/୦୫ (ନି.ପ୍ର): ଜୟପୁର ପୌରାଚଂଳର ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଲୋକାର୍ପଣ ହୋଇଛି । ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମଖ୍ୟ ଅତିଥି ଭାବେ ଯୋଗଦେଇ ଏସବୁର ଲୋକାର୍ପଣ କରିଛନ୍ତି । ସହରର ଇରିଗେସନ କୋଲନିର ୨୩ ଲକ୍ଷ ଟଙ୍କା ବିନିମୟରେ ଅପର କୋଲାବ ପାର୍କ, ଓପନ ଜିମ, ଜୟ ନଗରରରେ ୨୬ ଲକ୍ଷ ଟଙ୍କା ବିନିମୟରେ ମିନି ଚିଲଡ୍ରେନ ପାର୍କ, ପାଇକ ସାହିରେ ୮ ଲକ୍ଷ ଟଙ୍କା ବିନିମୟରେ ଖୋଲା ଜାଗର ବିକାଶ, ଆଦର୍ଶ ନଗରରେ ୫ ଲକ୍ଷ ଟଙ୍କା ବିନିମୟରେ ମିନି ଚିଲଡ୍ରେନ ପାର୍କ ଉଦଘାଟନ ହୋଇଛି । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜୟପୁର ଉପ ଜିଲାପାଳ ବେଦବର ପ୍ରଧାନ, ଏସଡିପିଓ ହରିସ ବିସି, ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧକ୍ଷ ବି. ସୁନିତା, ପୌର କାଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟ, କାଉନସିଲର ଓ ପୌର କର୍ମଚାରି ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲା ଯାଦବ ମହାସଭା କାର୍ଯ୍ୟକାରିଣୀ ବୈଠକ ଗୋପାଳ ବେହେରା ସଭାପତି, ଦିଗମ୍ବର ସମ୍ପାଦକ

ପୁରୀ, ୦୩/୦୫ (ନି.ପ୍ର): ପୁରୀ ଜିଲ୍ଲା ଯାଦବ ମହାସଭାର ସ୍ୱତନ୍ତ୍ର କାର୍ଯ୍ୟକାରିଣୀ ବୈଠକ ସୋମବାର ଜିଲ୍ଲା ଯାଦବ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଦବ ଗୋପାଳ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। ବୈଠକରେ ତେର ଗୋଟି ସାଙ୍ଗଠନିକ ବ୍ଲକ୍ ର କର୍ମକର୍ତାଙ୍କ ସମେତ ବିଶିଷ୍ଟ ମୁରବି ମାନେ ଯୋଗ ଦେଇଥିଲେ। ଏହି ବୈଠକରେ ଆଗାମୀ ତିନି ବର୍ଷ ନିମନ୍ତେ ଜିଲ୍ଲା କାର୍ଯ୍ୟକାରିଣୀ ଗଠିତ ହୋଇଛି। ଏଥିରେ ଗୋପାଳ ଚନ୍ଦ୍ର ବେହେରା - ସଭାପତି, ସୁରେନ୍ଦ୍ର ନାଥ ବେହେରା-କାର୍ଯ୍ୟକାରୀ ସଭାପତି, ଆଡଭୋକେଟ ଦିଗମ୍ବର ବେହେରା -ସାଧାରଣ ସମ୍ପାଦକ, ସନ୍ତୋଷ ବେହେରା ଏବଂ ରମେଶ ବେହେରାଙ୍କୁ - ସଂଯୋଜକ ଏବଂ ଦେବରାଜ ବେହେରାଙ୍କୁ ସର୍ବ ସମ୍ମତି କ୍ରମେ କୋଷାଧକ୍ଷ ରୂପେ ସଭାରେ ବିନା ପ୍ରତିଦ୍ୱନ୍ଦିତାରେ ନିର୍ବାଚିତ କରାଯାଇଛି। ହରମୋହନ ପ୍ରଧାନ, ଆଶିଷ ରଞ୍ଜନ ବେହେରା, ରମେଶ ଚନ୍ଦ୍ର ବେହେରା, ଚିତ୍ରସେନ ବେହେରା, ବଳରାମ ମେଂଟା, ବୀର କିଶୋର ବେହେରା, ଅଭିମନ୍ୟୁ ଦାସ, ବିଜୟ କୁମାର ବେହେରା, ସଚିକାନ୍ତ ବେହେରା, ପିତବାସ ବେହେରା ଏବଂ କିଶୋର ବେହେରା ପ୍ରମୁଖଙ୍କୁ ନେଇ ଏକ କୋର କମିଟି ଗଠନ କରାଯାଇଛି।

ଆଗାମୀ ମଇ ମାସ ୨୮ ତାରିଖ ଦିନ ପୁରୀ ଠାରେ କୋର କମିଟି ବୈଠକ ଅନୁଷ୍ଠିତ ହେବ ଓ ଜିଲ୍ଲା ଯାଦବ ମହାସଭା ନିମନ୍ତେ ବାର୍ଷିକ କାର୍ଯ୍ୟ ଯୋଜନା ଚିଠା ପ୍ରସ୍ତୁତ ହେବ। ଆଗାମୀ ତିନି ମାସ ମଧରେ ପୁରୀ ଜିଲ୍ଲାର ସମସ୍ତ ଯାଦବ ପରିବାରର ଜାତି ଭିତିକ ସର୍ଭେ କରାଯାଇ ଚୂଡାନ୍ତ ତାଲିକା ପ୍ରସ୍ତୁତ କରାଯିବ ବୋଲି ସଭାରେ ନିଷ୍ପତି ଗ୍ରହଣ କରାଯାଇଛି। ସଭା ଶେଷରେ ସଚିକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ସମାଜସେବୀ ଗଙ୍ଗାଧରଙ୍କ ସ୍ମୃତିସଭା

କୋରେଇ, ୦୩/୦୫ (ନି.ପ୍ର): ପଥରପଦା ପଂଚାୟତ ଅନ୍ତର୍ଗତ ଓଟିନ୍ଦା (ତାଜପୁର) ଗ୍ରାମର ସମାଜସେବୀ ୰ଗଙ୍ଗାଧର ସାହୁଙ୍କ ଦ୍ୱାଦଶ ଉପଲକ୍ଷେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଅଣକଂଗ୍ରେସ ନେତା ୰ ଯାଜପୁରର ଭୂମିପୁତ୍ର ଅଶୋକ ଦାସଙ୍କ ସହଯୋଗୀ ତଥା ପାଣିକୋଇଲିର ବିଭିନ୍ନ ସାଂସ୍କୃତିକ, ସାମାଜିକ. ବ୍ୟବସାୟୀ ଅନୁଷ୍ଠାନର ସଦସ୍ୟ ଥିବା ଶ୍ରୀ ସାହୁଙ୍କ ଅକାଳ ବିୟୋଗ ସ୍ଥାନୀୟ ଅଂଚଳପାଇଁ ଏକ ଅପୂରଣୀୟ କ୍ଷତି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। କୃଷକ ନେତା ବଳରାମ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତି ଚାରଣ ସଭାରେ କୋରାଇ ବିଧାୟକ ଅଶୋକ କୁମାର ବଳ, ପୂର୍ବତନ ବିଧାୟକ ତଥା ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସ ନାୟକ, ଜିଲ୍ଲା ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ସବିତା ରାଉତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧରଣୀଧର ଘଡାଇ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡା, ଯୁବ ନେତା ପ୍ରିତୀରଂଜନ ସାହୁ, ପୂର୍ବତନ ବ୍ୟାସନଗର ପୌର ଉପାଧକ୍ଷ ପ୍ରମୋଦ ପରିଡା, ଯାଜପୁର ଜିଲ୍ଲା ସାମ୍ବାଦିକ ସଙ୍ଘ ସଭାପତି ସୁବାସ ଧଳ, ଯାଜପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା ନଳିନୀପ୍ରଭା ଯେନା, ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳାଇ, ପଥରପଦା ସରପଂଚ ମଧୁସ୍ମିତା ବାରିକ, ଗଙ୍ଗାଧର ସାହୁ, ହଳଦୀ ଗଡିଆ ସମିତିସଭ୍ୟ ଉଦୟ କୁମାର ନାୟକ, ଶମ୍ଭୁନାଥ ଜେନାଙ୍କ ସମେତ ବହୁ ନେତା ଯୋଗଦେଇ ଶ୍ରୀ ସାହୁଙ୍କ ସ୍ମୃତି ଚାରଣ କରିଥିଲେ ।

# ସାତପଡ଼ା ଯାତ୍ରୀନିବାସ ଘରୋଇକରଣକୁ ବିରୋଧ



ପୁରୀ, ୦୩/୦୫ (ନି.ପ୍ର): ଆତିଥ୍ୟ ବାଣ୍ଟୁଥିବା ଗୋଟେ ପରେ ଗୋଟେ ଲାଭଦାୟୀ ଯାତ୍ରୀନିବାସକୁ ସରକାର ଘରୋଇ କମ୍ପାନି ହାତରେ ଅର୍ପଣ କରିଦେଉଛନ୍ତି। କୋଣାର୍କ ଉଡ୍ ରେଷ୍ଟୋରାଁ ପରେ ସାତପଡ଼ା ଯାତ୍ରୀନିବାସକୁ ଘରୋଇକରଣ ନେଇ ଗତ ମାର୍ଚ୍ଚ ମାସ ୨୧ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଚିଲିକା ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଏହି ଯାତ୍ରୀନିବାସ ୧୯୮୬ ମସିହାରୁ ଆତିଥ୍ୟ ଯୋଗାଇ ଆସୁଥିବା ବେଳେ ଲାଭଦାୟୀ ଉଦ୍ୟୋଗର ପରିଚୟ ପାଇଛି। ଏହା ସତ୍ତ୍ୱେ ସାତପଡ଼ା ଯାତ୍ରୀନିବାସକୁ ଘରୋଇ କମ୍ପାନି ହାତରେ ଟେକି ଦେବାକୁ ମସୁଧା କରାଯାଇଛି ବୋଲି ଅଭିଯୋଗ ହୋଇଛି। ଚିଲିକା ପରିବେଶ ପର୍ଯ୍ୟଟନ ମହାସଂଘ ଏହି ଘରୋଇକରଣ ପ୍ରସ୍ତାବକୁ ବିରୋଧ କରି ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି।

ଚିଲିକା ପରିବେଶ ପର୍ଯ୍ୟଟନ ମହାସଂଘର ସଭାପତି ସଦାଶିବ ଜେନା କହିଛନ୍ତ, ଏହି ଯାତ୍ରୀନିବାସ କେବଳ ଭଲ ଆତିଥ୍ୟ ଦେଉନାହିଁ ବରଂ ସୁଲଭ ମୂଲ୍ୟରେ ରହଣି ବ୍ୟବସ୍ଥା କରୁଛି। ସରକାରଙ୍କ ଲାଭଦାୟୀ ଉଦ୍ୟୋଗ ଭାବେ ଗତବର୍ଷ ଏହି ଯାତ୍ରୀ ନିବାସରୁ ୮ଲକ୍ଷ ଟଙ୍କାରୁ ଅଧିକ ଲାଭ ହୋଇଛି। ଦେଶ ବିଦେଶରୁ ବହୁ ପର୍ଯ୍ୟଟକ ଚିଲିକା ବୁଲିବାକୁ ଆସିଲେ ଆତିଥ୍ୟ ଓ ସୁଲଭ ମୂଲ୍ୟ ଦୃଷ୍ଟିରୁ ଏହି ଯାତ୍ରୀନିବାସରେ ରହିବାକୁ ପ୍ରାଥମିକତା ଦିଅନ୍ତି। ଚିଲିକାର ଜୈବ ବିବିଧତା, ସ୍ଥାନୀୟ ସଂସ୍କୃତି, ଗରିମା ସହ ଡଲଫିନ ଓ ବିଦେଶାଗତ ପକ୍ଷୀଙ୍କୁ ଦେଖି ସୁନ୍ଦର ଅନୁଭୂତି ନେଇ ଫେରନ୍ତି। ଧୀରେଧୀରେ ଏହି ଆଖପାଖରେ ୮ଟି ପର୍ଯ୍ୟଟନ ସ୍ଥଳ ବିକଶିତ ହୋଇଛି। ପର୍ଯ୍ୟଟକଙ୍କ ସଂଖ୍ୟା ପ୍ରତିବର୍ଷ କ୍ରମନ୍ୱୟରେ ବୃଦ୍ଧି ପାଉଛି। ଏବେ ଏଠାରେ ୧୨୦୦ରୁ ଅଧିକ ଡଙ୍ଗା ଚାଲୁଛି। ୧୫୦୦୦ରୁ ଅଧିକ ପରିବାରର ପେଟପାଟଣା ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ ନିର୍ଭରଶୀଳ। ତେଣୁ ଅନ୍ତତଃ ଏ ଦିଗଗୁଡିକୁ ତର୍ଜମା କରିବାକୁ ସେ ଅନୁରୋଧ କରିଛନ୍ତି।

ଶ୍ରୀ ଜେନାଙ୍କ କହିବା ମୁତାବକ, ଯାତ୍ରୀନିବାସ ଘରୋଇକରଣ ହେଲେ ସେବା ସମ୍ପନ୍ନ ଆତିଥ୍ୟ ମିଳିବ ନାହିଁ। ଏହା ବ୍ୟବସାୟ କେନ୍ଦ୍ରରେ ପରିଣତ ହେବ।

# ଗୁଣ୍ଡୁଣିଆ ପଂଚାୟତରେ ଉପ ନିର୍ବାଚନ ଶେଷ : ୪ ପ୍ରାର୍ଥୀଙ୍କ ଭାଗ୍ୟ ସିଲ୍

ଚମ୍ପୁଆ, ୦୩/୦୫ (ନି.ପ୍ର): ଚମ୍ପୁଆ ଉପଖଣ୍ଡସ୍ଥ ଝୁମ୍ପୁରା ବ୍ଲକ ଗୁଣ୍ଡୁଣିଆ ପଂଚାୟତର ସରପଂଚ ପଦ ପାଇଁ ଆଜି ଉପ ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହିତ ଶେଷ ହୋଇଥିବାବେଳେ ଭୋଟ ବାକ୍ସରେ ୪ ପ୍ରାର୍ଥୀଙ୍କ ଭାଗ୍ୟ ସିଲ ହୋଇଛି। କାର୍ଯ୍ୟରତ ସରପଂଚ ଶିଙ୍ଗରାୟ ମୁଣ୍ଡାଙ୍କ ଦେହାନ୍ତ ପରେ ସରପଂଚ ପଦବୀ ପାଇଁ ଏହି ଉପ ନିର୍ବାଚନ ଅନୁଷ୍ଠିତ ହୋଇଛି। ଗୁଣ୍ଡୁଣିଆ ପଂଚାୟତର ୨୨୭୮ ଭୋଟର ୧୧ ଟି ବୁଥରେ ଭୋଟ ଦେଇଥିବା ବେଳେ ନିର୍ବାଚନ ମଇଦାନରେ ୪ ଜଣ ସରପଂଚ ପ୍ରାର୍ଥୀ ରହିଛନ୍ତି । ଏପ୍ରିଲ ୪ ତାରିଖରୁ ୬ ତାରିଖ ପର୍ଯ୍ୟନ୍ତ ଏହି ପଂଚାୟତର ସରପଂଚ ପଦବୀ ପାଇଁ ନାମାଙ୍କନ ଗ୍ରହଣ କରାଯାଇଥିବା ବେଳେ ଏପ୍ରିଲ ୧୦ରେ ଯାଂଚ୍ ଓ ଏପ୍ରିଲ ୧୨ରେ ନାମାଙ୍କନ ପ୍ରତ୍ୟାହାର ହୋଇଥିଲା । ଏହାପରେ ଆଦିବାସୀ ସଂରକ୍ଷିତ ଏହି ଆସନ ପାଇଁ ୪ ଜଣ ପ୍ରାର୍ଥୀ ଶ୍ରୀଧର ମୁଣ୍ଡା ( ମାଛ ଚିହ୍ନ ), ହରେକୃଷ୍ଣ ମୁଣ୍ଡା ( ସୂର୍ଯ୍ୟ ଚିହ୍ନ ), ବୁଦ୍ଧଦେବ ମୁଣ୍ଡା ( ଖୋଲା ବହି ଚିହ୍ନ ) ଏବଂ ଲଛମନ ମୁଣ୍ଡା ( ଛତା ଚିହ୍ନ ) ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ । ଆଜି ସକାଳ ୭ଟାରୁ ଭୋଟ ଗ୍ରହଣ ଆରମ୍ଭ ହୋଇ ଦିନ ୧ ଟା ବେଳେ ଶେଷ ହୋଇଥିବାବେଳେ ସମୁଦାୟ ୮୨ ପ୍ରତିଶତ ଭୋଟର ମତଦାନ କରିଥିବା ନିର୍ବାଚନ ଅଧିକାରୀଙ୍କ ଠାରୁ ସୂଚନା ମିଳିଛି । ପଂଚାୟତର ୧୧ ଗୋଟି ୱାର୍ଡ ପାଇଁ ୬ଟି ସ୍କୁଲରେ ୧୧ ଗୋଟି ବୁଥ ଜରିଆରେ ଭୋଟ ଗ୍ରହଣ ହୋଇଛି । ତେବେ ଆସନ୍ତା ୪ ତାରିଖ ଦିନ ସକାଳ ୮ ଟାରୁ ଭୋଟ ଗଣତି ହେବ ବୋଲି ଜଣାପଡିଛି। ଏହି ନିର୍ବାଚନ ପାଇଁ ଭୋଟରଙ୍କ ମଧରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିବା ବେଳେ ବୁଥ ମାନଙ୍କରେ ଶାନ୍ତି ଶୃଙ୍ଖଳା ଏବଂ ଅବାଧ ଭୋଟ ଗ୍ରହଣ ପାଇଁ ଚମ୍ପୁଆ ପୁଲିସ ଏବଂ ବାରିଆ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ।

# ଏମିତି ଏକ ସହର, ଯେଉଁଠି ଲୁଣ ଦରରେ ମିଳୁଥିଲା ସୁନା

ଟିମ୍ବକ୍ଟୁ ସହରର ନାମ ଶୁଣିଛନ୍ତି କି ? ଏହି ସହରର ରହିଛି ସ୍ୱତନ୍ତ୍ର ଓ ନିଆରା କାହାଣୀ । ଟିମ୍ବକ୍ଟୁ ଏକ ଅତି ପ୍ରସିଦ୍ଧ ସହର ଥିଲା । ଆଫ୍ରିକୀୟ ଦେଶ ମାଲିରେ ଏହି ସହର ଅବସ୍ଥିତ । ଶିକ୍ଷା କ୍ଷେତ୍ରରେ ଏହା ବେଶ୍ ଆଗରେ ଥିଲା । ଏହା ଇସଲାମଙ୍କ କୋରାନ ଅଧ୍ୟୟନର କେନ୍ଦ୍ର ଥିଲା । ତାପରେ ଏହା ୩୩୩ ସାଧୁଙ୍କ ସହର ଭାବରେ ବିଖ୍ୟାତ ହୋଇଥିଲା । ତେବେ, ୨୦୧୨ ମସିହାରେ, ସହର ବିନାଶର ପଥରେ ଆଗେଇ ଚାଲିଲା । ଏହାର କାରଣ ଥିଲା ଆତଙ୍କ । ଏକ ସମୟରେ ଏହି ସହର ସମୃଦ୍ଧ ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ଐତିହ୍ୟ ପାଇଁ ଜଣାଶୁଣା ଥିଲା । ଏହି କାରଣରୁ ଏହାର ନାମ ୟୁନେସ୍କୋ ହେରିଟେଜ୍ ତାଲିକାରେ ମଧ୍ୟ ରହିଥିଲା । ଏହି ସହର ୫ମ ଶତାବ୍ଦୀରେ ସ୍ଥାପିତ ହୋଇଥିଲା ।



୧୫ ଓ ୧୬ ଶତାବ୍ଦୀରେ ଏହା ଏକ ସାଂସ୍କୃତିକ ଏବଂ ବ୍ୟବସାୟିକ ସହର ଭାବରେ ମାନ୍ୟତା ପାଇଲା । ଏହି ସହରକୁ ଦୁନିଆର ଶେଷ ବୋଲି ବିବେଚନା କରାଯାଏ । ପ୍ରାଚୀନ କାଳରେ ଏହାର ସମୃଦ୍ଧତା ବାଣିଜ୍ୟ ମାର୍ଗର କେନ୍ଦ୍ର ଭାବରେ ଥିଲା । ଟିମ୍ବକ୍ଟୁରେ ଓଟମାନେ ସାହାରା ମରୁଭୂମି ଦେଇ ସୁନା ଆଣୁଥିଲେ । ବ୍ୟବସାୟୀମାନେ ଏଠାରୁ ପଶ୍ଚିମ ଆଫ୍ରିକା, ୟୁରୋପ ଏବଂ ମଧ୍ୟ ପୂର୍ବକୁ ସୁନା ନେଉଥିଲେ ।

ଲୋକକଥା ଅନୁଯାୟୀ ୧ ୬ଶହ ଶତାବ୍ଦୀରେ ପ୍ରାଚୀନ ମାଲେ ରାଷ୍ଟ୍ରର ରାଜା ଶାସକମାନଙ୍କୁ ଏତେ ସୁନା ଉପହାର ଦେଇଥିଲେ ଯେ ସୁନା ମୂଲ୍ୟ ଯଥେଷ୍ଟ ହ୍ରାସ ପାଇଥିଲା । ଏକ ଉପନ୍ୟାସରେ ମଧ୍ୟ ଲେଖା ଅଛି ଯେ ଏକ ସମୟରେ ଟିମ୍ବକ୍ଟୁରେ ସୁନା ଏବଂ ଲୁଣର ମୂଲ୍ୟ ସମାନ ଥିଲା । ପ୍ରାଚୀନ ଇସଲାମ ପାଣ୍ଡୁଲିପିଗୁଡ଼ିକର ସମୃଦ୍ଧ ସଂଗ୍ରହ ପାଇଁ ଟିମ୍ବକ୍ଟୁ ଜଣାଶୁଣା । ୨୦୧୨ରେ ଏହା ଆତଙ୍କବାଦୀଙ୍କ ଟାର୍ଗେଟରେ ଆସିଥିଲା । ଅବଶ୍ୟ, କିଛି ଲୋକଙ୍କ କଠିନ ପରିଶ୍ରମ ହେତୁ ଏହି ପାଣ୍ଡୁଲିପିଗୁଡ଼ିକ ସଞ୍ଚୟ କରାଯାଇଥିଲା । ସେମାନଙ୍କୁ ରାଜଧାନୀର ଏକ ସ୍ଥାନରେ ସୁରକ୍ଷିତ ରଖାଯାଇଥିଲା । ବର୍ତ୍ତମାନ ସେମାନଙ୍କର ଡିଜିଟାଇଜେସନ୍ ମଧ୍ୟ ଘଟୁଛି । ଶାନ୍ତିର ଉଦାହରଣ ହୋଇଥିଲେ ମଧ୍ୟ ଏହି ସହର ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଥିଲା । ଏକ ଧାର୍ମିକ କେନ୍ଦ୍ର ଭାବରେ ଜଣାଶୁଣା ଏହି ସହର ପତନ ହେବା ପରେ ଏହା ଏକ ଜନଶୂନ୍ୟ ସହରରେ ପରିଣତ ହୋଇଛି । ଟିମ୍ବକ୍ଟୁକୁ ଯିବାର ଏକମାତ୍ର ଉପାୟ ହେଉଛି ବାଲି । ବାଲି ପଥ ଦେଇ ଗଲେ ଟିମ୍ବକ୍ଟୁ ପହଞ୍ଚି ହୋଇଥାଏ । ଏଠାରେ ଡକାୟତମାନଙ୍କର ଆତଙ୍କ ରହିଛି । ଆକର୍ଷଣ ଯୋଗୁଁ ଏଠାରେ ବହୁ ସଂଖ୍ୟକ ପର୍ଯ୍ୟଟକ ଆକର୍ଷିତ ହୋଇଛନ୍ତି । ଏଠାରେ ୬୫୦ ବର୍ଷରୁ ଅଧିକ ପୁରୁଣା ଏକ ବିଶାଳ ମସଜିଦ ମଧ୍ୟ ଅଛି ।

# ଖାଦ୍ୟ ପ୍ରତି ହୁଅନ୍ତୁ ସତର୍କ

- ଆବଶ୍ୟକତାଠାରୁ ଅଧିକ ପରିମାଣରେ ମିଠା ଖାଇଲେ ତ୍ୱଚାରେ ଗ୍ଲାଏସେସନ ନାମକ ପ୍ରକ୍ରିୟା ଆରମ୍ଭ ହୋଇଥାଏ । ଏହି କାରଣରୁ ତ୍ୱଚାରେ ଭାଙ୍ଗ ପଡ଼ିଥାଏ ।
- କଫିରେ କେଫିନ ପରିମାଣ ଅଧିକ ଥିବାରୁ ଏହାକୁ ଯଥାସମ୍ଭବ କମ ପିଇବା ଉଚିତ । ଏହାକୁ ପିଇଲେ ଅନିଦ୍ରା ରୋଗ ହେବା ସହ ଆଖି ତଳେ କଳାଦାଗ ତ୍ୱଚାରେ ଭାଙ୍ଗ ପଡ଼େ ।
- ଯୁବତୀ ଓ ମହିଳାମାନେ ଆଚାର କମ ପରିମାଣରେ ଖାଇବା ଭଲ । ଏଥିରେ ଅଧିକ ପରିମାଣରେ ତେଲ ଓ ଲୁଣ ବ୍ୟବହାର ହେଉଥିବାରୁ ହାଡ଼ ଦୁର୍ବଳ ହେବା ସହ ତ୍ୱଚା ଉପରେ କୁପ୍ରଭାବ ପକାଇଥାଏ ।







- ଟମାଟୋ ସସ ମଧ୍ୟ ନ ଖାଇବା ଉଚିତ । ଏଥିରେ ଥିବା ଚିନି, ଲୁଣ ଓ ଅନ୍ୟାନ୍ୟ ସାମଗ୍ରୀ ତ୍ୱଚା ଉପରେ କୁପ୍ରଭାବ ପକାଏ ।







- ମୃଦୁପାନୀୟ ପିଇବା ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ଭଲ । ଏହା ଉଭୟ ତ୍ୱଚା ସ କେଶ ଉପରେ କୁପ୍ରଭାବ ପକାଏ ।
- ପ୍ୟାକେଟରେ ଥିବା ଖାଦ୍ୟ ମଧ୍ୟ ନ ଖାଇବା ଉଚିତ । ଏହା ତ୍ୱଚାରେ ବୟସର ଛାପ ପକାଇଥାଏ ।
- ଫାଷ୍ଟଫୁଡରେ ବ୍ୟବହୃତ ହେଉଥିବା ଅଜିନୋମୋଟୋ ମଧ୍ୟ ତ୍ୱଚା ପାଇଁ କ୍ଷତିକାରକ ବୋଲି ଜଣାପଡ଼ିଛି ।

# ମହିଳାମାନଙ୍କୁ ବାରଣ

ବିଶ୍ୱର ପ୍ରାୟତଃ ସବୁ ଦେଶରେ କେତେ ପ୍ରକାରର ନିୟମ ତିଆରି ହୋଇଛି । ଅନେକ ସ୍ଥାନରେ ପୁରୁଷ ଓ ମହିଳାମାନଙ୍କୁ ସମାନ ଅଧିକାର ଦିଆଯାଇଥାଏ । ଅନେକ ସ୍ଥାନରେ ମଧ୍ୟ ଅନ୍ତର ଦେଖାଯାଇଥାଏ । କିନ୍ତୁ ଜାପାନରେ ଏପରି ଏକ ସ୍ଥାନ ରହିଛି ଯେଉଁଠାରେ ମହିଳା ମାନଙ୍କୁ ଯିବାପାଇଁ ବାରଣ କରାଯାଏ ଓ ପୁରୁଷମାନଙ୍କ ପାଇଁ କଡ଼ା ନିୟମ ତିଆରି ହୋଇଛି । ଜାପାନରେ ଥିବା ଏହି ସ୍ଥାନକୁ ଓକିନୋଶିମା ଆଇଲ୍ୟାଣ୍ଡ ଭାବରେ ସମସ୍ତେ ଜାଣନ୍ତି । ଏହି ଆଇଲ୍ୟାରଣ୍ଡକୁ ଧାର୍ମିକ ସ୍ଥାନ ଭାବରେ ସମସ୍ତେ ମାନିଥାନ୍ତି । ତେଣୁ ପୁରାତନ ସମୟରୁ ସେଠାରେ ଧାର୍ମିକ ପାବନ୍ଧି ରହିଆସିଛି । ସେହି ଆଇଲ୍ୟାଣ୍ଡରେ ମୁନାକାତା ତାଇଶା ଓକିତସ୍କୁ ମନ୍ଦିର ଅବସ୍ଥିତ ଓ ସେଠାରେ ସମୁଦ୍ର ଦେବୀଙ୍କୁ ପୂଜା କରାଯାଏ । ସେଠାକୁ ଯିବାକୁ ହେଲେ ପୁରୁଷମାନଙ୍କୁ ନିବସ୍ତ୍ର ହୋଇ ସ୍ନାନ କରିବାକୁ ପଡ଼େ ।





# ପାଣି ବୋତଲର ଦାମ୍ ୪୫ ଲକ୍ଷ !

ସାଧାରଣତଃ ଆମେ ବାହାରୁ କିଣି ପିଉଥିବା ପାଣିର ମୂଲ୍ୟ ବିଶେଷ କରି ତାହାର ଉତ୍ସ, ଉପଚାର, ବିତରଣ ଓ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଉପଲବ୍ଧତା ପରି କାରଣ ଉପରେ ନିର୍ଭର କରିଥାଏ । ଅଧିକନ୍ତୁ, ଜଳ ଯୋଗାଣର ନିୟନ୍ତ୍ରଣ ଓ ସୁରକ୍ଷାକୁ ସୁନିଶ୍ଚିତ କରିବା ସହ ଜଳ ପରିଚାଳନା ଓ ବିତରଣର ତଦାରଖ କରୁଥିବା ବିଭିନ୍ନ ସରକାରୀ ସଂସ୍ଥା ଓ ସଂଗଠନର ଖର୍ଚ୍ଚକୁ ଜଳର ମୂଲ୍ୟ ପ୍ରତିଫଳିତ କରିଥାଏ । ତେବେ ଯାବତୀୟ ଖର୍ଚ୍ଚ ମିଶିଲେ ଗୋଟିଏ ପାଣି ବୋତଲର ଦାମ୍ କେତେ ବା ହୋଇପାରିବ ! ହେଲେ ବିଶ୍ୱର ସବୁଠୁ ଦାମୀ ପାଣି ବୋତଲ (୭୫୦ ମିଲିଲିଟର) ର ମୂଲ୍ୟ ହେଉଛି ୪୫ ଲକ୍ଷ ଟଙ୍କାରୁ ଅଧିକ । ଗିନିଜ୍ ବିଶ୍ୱ ରେକର୍ଡରେ ସବୁଠୁ ଦାମୀ ପାଣିର ମାନ୍ୟତା ରଖିଥିବା ଏହି ପାଣି ବୋତଲର ନାମ 'ଆକ୍ୱା ଡି କ୍ରିଷ୍ଟାଲୋ ଟ୍ରିବୁଟୋ ଏ ମାଡିଗ୍ଲିଆନି' ।

ଏହି ୭୫୦ ମି.ଲି. ବୋତଲଟି ସଂପୂର୍ଣ୍ଣ ୨୪-କ୍ୟାରାଟ୍ ସୁନାରେ ନିର୍ମିତ ଏବଂ ସେଥିରେ ଥିବା ପାଣିର ସ୍ୱାଦକୁ ଅଧିକ କ୍ଷାରୀୟ ରଖିବା ପାଇଁ ସେଥିରେ ୫ ଗ୍ରାମର ୨୪-କ୍ୟାରାଟ ସୁନା ମଧ୍ୟ ମିଶିଥିଲା । 'ଆକ୍ୱା ଡି କ୍ରିଷ୍ଟାଲୋ' ପାଣି ପୃଥିବୀର ତିନିଟି ସ୍ଥାନରୁ ସଂଗୃହୀତ । କିଛି ଭାଗ ଜଳ ଫ୍ରାନ୍ ?ସର ଏକ ଝରଣାରୁ ଆସିଥିବା ବେଳେ ଆଉ କିଛି ଭାଗ ଫିଜିର ଏକ ଝରଣା ଯୋଗାଇଛି ଏବଂ ବାକି ଅଂଶ ତକ ଆଇସ୍‌ଲାଣ୍ଡର ଏକ ହିମଶୈଳରୁ ସଂଗ୍ରହ କରାଯାଇଛି । ୨୦୧୦ରେ ଏକ ବୋତଲ 'ଆକ୍ୱା ଡି କ୍ରିଷ୍ଟାଲୋ'କୁ ୬୦,୦୦୦ ଡଲାର ବା ୪୯ ଲକ୍ଷ ଟଙ୍କାରୁ ଅଧିକ ଦରରେ ନିଲାମ କରାଯାଇଥିଲା । ବିଶ୍ୱର ଅନ୍ୟତମ ଦାମୀ ପାଣି 'କୋନା ନିଗାରି' ଜାପାନରେ ପ୍ରସ୍ତୁତ ହେଉଛି । ସମୁଦ୍ର ପତ୍ତନର ହଜାର ହଜାର ଫୁଟ ତଳୁ ସଂଗୃହୀତ ଏହି ଜଳର ଲିଟର ପିଛା ମୂଲ୍ୟ ହେଉଛି ୪୪ ହଜାର ଟଙ୍କା ।



# ପିଲାଙ୍କୁ କରାନ୍ତୁ ଦାୟିତ୍ୱବାନ୍

ମା'ଗର୍ଭରୁ ପିଲା କିଛି ଶିଖି ଆସିନଥାନ୍ତି । ବରଂ ତା' ଲାଳନପାଳନରେ ଉଭୟ ମା' ଓ ବାପା ପ୍ରମୁଖ ଭୂମିକା ଗ୍ରହଣ କରିବା ଉଚିତ । ଶିକ୍ଷାର ଆମ ଦୈନନ୍ଦିନ ଜୀବନରେ ଆବଶ୍ୟକତା କେତେ, ତାହା ପିଲା ବିଦ୍ୟାଳୟ ଯିବା ପରେ ହିଁ ବିଭିନ୍ନ ଉଦାହରଣ ଦେଇ ହୃଦୟଙ୍ଗମ କରନ୍ତୁ । ପରିବାରଲୋକଙ୍କ ସହ ବାର୍ତ୍ତାଳାପ ଓ ଅତିଥି ଆସିଲେ ସେମାନଙ୍କ ବ୍ୟବହାର କିପରି ହେବା ଉଚିତ, ଏ ବାବଦରେ ମଧ୍ୟ ପିଲାଙ୍କୁ ବୁଝାନ୍ତୁ । ଅନେକଙ୍କ ପରିବାରରେ ବଡମାନେ ଅନେକ ପ୍ରସଙ୍ଗରେ କହିଦିଅନ୍ତି, ପିଲା ବଡ ହେଲେ ଆପେଆପେ ସବୁ ଶିଖିଯିବ । ଏହି ଧାରଣା ସମ୍ପୂର୍ଣ୍ଣ ଭୁଲ୍, କାରଣ ଯାହା ସେ ପିଲାଦିନେ ଶିଖେନାହିଁ, ବଡ ହେଲେ ମଧ୍ୟ ଗ୍ରହଣ କରିବନାହିଁ ।





- ପିଲାଙ୍କୁ ମାଡ ନଦେଇ ବରଂ ଆକଟ କରନ୍ତୁ । ଏହି କାମକୁ ମା' ମାନେ ବେଶ୍ ଭଲଭାବେ ତୁଲାଇପାରିବେ । ସେମାନେ କୌଣସି କଥାକୁ ନେଇ ଜିଦ୍ କଲାବେଳେ ଅନ୍ୟ କଥା କହି ଭୁଲାଇ ଦିଅନ୍ତୁ । ଜିଦ୍ ଥରେ ପୂରଣ କଲେ ପିଲା ପରେ ଅଧିକ ଜିଦ୍ କରିବା ଥୟ ।
- ପିଲାଙ୍କ ବନ୍ଧୁ ହେବାକୁ ଚେଷ୍ଟା କରନ୍ତୁ । ଆଉ ମନେରଖନ୍ତୁ, ବନ୍ଧୁ ହେବା ପରେ ଆପଣଙ୍କ ପିଲା ଯେପରି କଥା ମାନିବାକୁ ଭୁଲିନଯାଏ ।
- ଟିଭି ଦେଖିବା ଓ ପାଠ ପଢା ସବୁର ଏକ ନିର୍ଦ୍ଦିଷ୍ଟ ସମୟ ରଖନ୍ତୁ । ଛୋଟ ପିଲାଙ୍କୁ ଅତିବେଶୀରେ ୨ ଘଣ୍ଟା ପାଠ ପଢାଇବାର ସମୟ ରଖନ୍ତୁ ।
- ଅଭିଭାବକ ମନେରଖନ୍ତୁ, ଶିକ୍ଷା ନିତାନ୍ତ ଜରୁରୀ, କିନ୍ତୁ ଏହାର ଅର୍ଥ ନୁହେଁ ଯେ ସେ ଶ୍ରେଣୀରେ ପ୍ରଥମ ହେବା ପ୍ରମୁଖ ଆବଶ୍ୟକତା ।
- ଯଦି କୌଣସି ପରିସ୍ଥିତିରେ ପରିବାରର କୌଣସି ସଦସ୍ୟ ପିଲାର ଭୁଲ୍ ଦେଖି ତାକୁ ବୁଝାଉଛନ୍ତି କିମ୍ବା ବିରକ୍ତ ପ୍ରକାଶ କରୁଛନ୍ତି, ସେଭଳି ପରିସ୍ଥିତିରେ ଆପଣ ପିଲାର ସପକ୍ଷ ନ ନେଇ ବରଂ ସେଇ ସ୍ଥାନରୁ ଚାଲିଯିବା ଉଚିତ । ପରେ ଘଟଣାର ତର୍ଜମା କରିନେବେ ।

# ଚୁଟି ଛିଡିବାର ବଡ କାରଣ ଭୁଲ୍ ଧାରାରେ ମୁଣ୍ଡ କୁଣ୍ଡାଇବା

ଭଲ ଏବଂ ଦାମୀ ସାମଗ୍ରୀ ବ୍ୟବହାର କରିବା ସତ୍ତ୍ୱେ ଅନେକ ସମୟରେ ଚୁଟି ଝଡିବା କମ୍ ହୋଇନଥାଏ । ବିଶେଷଜ୍ଞମାନଙ୍କ ମତରେ ଚୁଟି ଝଡିବାର ବଡ କାରଣ ମଧ୍ୟରୁ ଗୋଟିଏ ହେଉଛି ଭୁଲ୍ ଧାରାରେ ମୁଣ୍ଡ କୁଣ୍ଡାଇବା । ଏଥିପାଇଁ ସେମାନେ କିଛି ପରାମର୍ଶ ମଧ୍ୟ ଦେଇଛନ୍ତି ।

ଯଦି ଅଧିକାଂଶ ସମୟରେ ଚୁଟି ଅଡୁଆ ହୋଇରୁଛି ତେବେ ମୁଣ୍ଡ କୁଣ୍ଡାଇବା ସମୟରେ ମୂଳରୁ ନୁହେଁ ତଳ ଆଡୁ ପାନିଆରେ ଅଡୁଆ ଛଡାଇ ଧିରେଧିରେ ଉପରକୁ ଯିବା ଆବଶ୍ୟକ । ଯାହାଦ୍ୱାରା ମୁଣ୍ଡ କୁଣ୍ଡାଇବା ସହଜ ହୋଇଥାଏ ଏବଂ ଅଡୁଆ ଚୁଟି ସଳଖ ହୋଇଥାଏ ।



ଯଦି ଆପଣଙ୍କ ଚୁଟି ଲମ୍ବା ଏବଂ ଘନ, ତେବେ ଭଲ ହେବ ମୁଣ୍ଡ କୁଣ୍ଡାଇବା ସମୟରେ ଏକାଠି ସବୁ ଚୁଟି ନୁହେଁ ବରଂ ଅଳ୍ପ ଅଳ୍ପ ଚୁଟିକୁ ପାନିଆରେ କୁଣ୍ଡାନ୍ତୁ । ଏହା କରିବା ସମୟରେ ତରତର ହୁଅନ୍ତୁ ନାହିଁ ।

ସିରମ୍ ବ୍ୟବହାର କେବଳ ଚୁଟି ଧୋଇବା ସମୟରେ ନୁହେଁ ବରଂ ଯେତେବେଳେ ଶୁଖିଲା । ଥାଏ ସେତେବେଳେ ନିଜ ହାତରେ ସିରମ୍ ଲଗାଇ ପାନିଆ ବ୍ୟବହାର କରିବା ଉଚିତ୍ । ଏହାଦ୍ୱାରା ଚୁଟି ଛିଡିବା କମିଥାଏ ।

# ଦୁଇ ମେରୁ ମଧ୍ୟରେ ପ୍ରଥମ ଜଳଯାତ୍ରା



ହଲାଣ୍ଡ୍ ଆମେରିକା ଲାଇନ୍ ନାମକ ସାମୁଦ୍ରିକ ଭ୍ରମଣ କମ୍ପାନି ପ୍ରଥମ ଥର ପାଇଁ ପର୍ଯ୍ୟଟକମାନଙ୍କୁ ଦକ୍ଷିଣ ମେରୁରୁ ଉତ୍ତର ମେରୁ ପର୍ଯ୍ୟନ୍ତ ବିଳାସପୂର୍ଣ୍ଣ ଜଳଯାତ୍ରାରେ ନେଇଯିବାର ପରିକଳ୍ପନା କରିଛି । ଦୀର୍ଘ ୧୩୩ ଦିନର ଯାତ୍ରା ଭିତରେ ପର୍ଯ୍ୟଟକମାନେ ୬୮ଟି ବନ୍ଦରରେ ରହଣି କରିବା ସହ ୫ଟି ମହାଦେଶ ଅନ୍ତର୍ଗତ ୨୮ଟି ଦେଶର ସୌନ୍ଦର୍ଯ୍ୟ ମଧ୍ୟ ଉପଭୋଗ କରିପାରିବେ । ତେବେ ଏହି ଯାତ୍ରାର ଯାବତୀୟ ରୂପରେଖ ଚୂଡ଼ାନ୍ତ ହୋଇଥିବା ବେଳେ ଏହା ୨୦୨୫ ମସିହା ଜାନୁଆରି ୨୫ ତାରିଖରେ ଯାତ୍ରାରମ୍ଭ କରିବ ବୋଲି ଜଣାଯାଇଛି ।

'ବୋଲେନ୍ଦମ୍' ନାମକ ପ୍ରାୟ ୧୦୬ ଫୁଟ ଦୀର୍ଘ ଏକ ବିଳାସପୂର୍ଣ୍ଣ ଜାହାଜରେ ଯାତ୍ରୀମାନଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ ହେବ । ଉତ୍ତର ଆମେରିକା ଅନ୍ତର୍ଗତ ଫ୍ଲୋରିଡାର ଫୋର୍ଟ ଲୌଡରଡେଲରୁ ଯାତ୍ରା ଆରମ୍ଭ କରିବାକୁ ଥିବା ଏହି ଜାହାଜ ଦକ୍ଷିଣ ଆମେରିକାର ପଶ୍ଚିମ ଉପକୂଳ ଅତିକ୍ରମ କଲା ପରେ ପାନାମା କେନାଲ ବାଟେ ଆଣ୍ଟାର୍କଟିକାରେ ପେଙ୍ଗୁଇନଙ୍କ ଗହଣରେ ପହଞ୍ଚିବ । ସେଠାରୁ ଉତ୍ତରମୁହାଁ ହୋଇ ଆର୍ଜେଣ୍ଟିନା ଓ ବ୍ରାଜିଲ ଦେଇ ଆମାଜନ ନଦୀରେ ଯାତ୍ରା ବଜାୟ ରଖି ଆଟଲାଣ୍ଟିକ ମହାସାଗର ବାଟେ ଆଫ୍ରିକାରେ ପହଞ୍ଚିବ । ସେଠାରୁ ଉତ୍ତର ୟୁରୋପ ବାଟେ ଆଇସଲାଣ୍ଡ ଓ ଗ୍ରିନଲାଣ୍ଡରେ ତୁନ୍ଦ୍ରା ଭାଲୁଙ୍କ ସମାଗମକୁ ଉପଭୋଗ କରି ପୁଣି ପ୍ରାରମ୍ଭ ସ୍ଥଳ ଉତ୍ତର ଆମେରିକାକୁ ଫେରି ଆସିବ । ଏଥିପାଇଁ ଯାତ୍ରୀ ଭଡ଼ା ୮,୮୦୦ ଡଲାର ରଖାଯାଇଛି ଏବଂ ଆଗ୍ରହୀ ତଥା ଉତ୍ସାହୀ ଯାତ୍ରୀମାନେ ୨୦୨୪ ଜୁନ୍ ୩ ପୂର୍ବରୁ ନିଜର ସ୍ଥାନ ନିଶ୍ଚିତ କରାଇଲେ ଆନୁଷଙ୍ଗିକ ଔପଚାରିକତା ସଂପୂର୍ଣ୍ଣ କରାଯିବ ବୋଲି କମ୍ପାନି ପକ୍ଷରୁ କୁହାଯାଇଛି ।

# ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୦୪ ମଇ ୨୦୨୩, ଗୁରୁବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ବିକଳ୍ପ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବ ଜାତିକୁ ଶିକ୍ଷା ଦିଅ ।

## ହିନ୍ଦୁ ବିବାହ ଆଇନ...

ଅନେକ ବର୍ଷ ଧରି ହିନ୍ଦୁ ବିବାହ ଆଇନରେ ବିଚ୍ଛେଦ ବା ଛାଡ଼ପତ୍ରକୁ ନେଇ ରହିଥିବା ତ୍ରୁଟି-ଆଧାରିତ ତତ୍ତ୍ୱର ପରିବର୍ତ୍ତନ କରିବାକୁ ଯାଇ ସୋମବାର ଦିନ ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମ୍‌କୋର୍ଟଙ୍କର ନ୍ୟାୟମୂର୍ତ୍ତି ସଞ୍ଜୟ କିଶାନ୍ କାଉଲ, ସଞ୍ଜୀବ ଖାନ୍ନା, ଏଏସ୍ ଓକା, ବିକ୍ରମ ନାଥ ଏବଂ ଜେକେ ମାହେଶ୍ୱରୀଙ୍କୁ ନେଇ ଗଠିତ ପାଞ୍ଚଜଣିଆ ଖଣ୍ଡପୀଠ ଏକ ଉଲ୍ଲେଖନୀୟ ନିଷ୍ପତ୍ତି ନେଇଛନ୍ତି ଯେ ଏହା ଅନୁଚ୍ଛେଦ ୧୪୨ ଅଧୀନରେ ନିଜ କ୍ଷମତାର ଉପଯୋଗ କରି ପତି ପତ୍ନୀଙ୍କ ସମ୍ପର୍କରେ ସୃଷ୍ଟି ହୋଇଥିବା ଫାଟ, ଯେଉଁଥିରେ ସୁଧାର ଆସିବାର ସମ୍ଭାବନା ନାହିଁ (ଇରିଟ୍ରିଭେବଲ୍ ବ୍ରେକ୍‌ଡାଉନ୍), ତା'ରି ଆଧାରରେ ଏକ ବିବାହ ବନ୍ଧନରେ ପୂର୍ଣ୍ଣଚ୍ଛେଦ ପକାଇ ପାରିବେ ଅର୍ଥାତ୍ ଉଭୟଙ୍କ ମଧ୍ୟରେ ଛାଡ଼ପତ୍ର ବା ପରସ୍ପରଠାରୁ ଅଲଗା ହେବାକୁ ଅନୁମତି ପ୍ରଦାନ କରି ପାରିବେ । ଉଲ୍ଲେଖଯୋଗ୍ୟ ଯେ ଉପରୋକ୍ତ ଅନୁଚ୍ଛେଦ ଦେଶର ଶୀର୍ଷ ଅଦାଲତଙ୍କୁ ଏହାଙ୍କ ନିକଟରେ ବିଚାର ଅପେକ୍ଷାରେ ପଡ଼ି ରହିଥିବା ଯେ କୌଣସି ବ୍ୟାପାର କ୍ଷେତ୍ରରେ, ଯାହାକୁ ଅଦାଲତ ସମ୍ପୂର୍ଣ୍ଣ ନ୍ୟାୟ ପ୍ରଦାନ କରିବା ଉଚିତ ମନେ କରିବେ, ସେପରି କ୍ଷେତ୍ରରେ ଏହା ଯେକୌଣସି ଆଦେଶ ପ୍ରଦାନ କରିବାର କ୍ଷମତା ପ୍ରଦାନ କରିଛି । ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ ଏହା ଏକ ଛାଡ଼ପତ୍ର ମାମଲାରେ ପକ୍ଷମାନଙ୍କୁ ଏକ ପରିବାର ଅଦାଲତକୁ ନ ପଠାଇ ତାହା ମଞ୍ଜୁର କରି ପାରିବେ । ସୂଚାଇ ଦିଆଯାଇପାରେ କି ଛାଡ଼ପତ୍ର ମାମଲାରେ ପରିବାର ଅଦାଲତ ସାଧାରଣତଃ ପକ୍ଷମାନଙ୍କୁ ପାରସ୍ପରିକ ସହମତିରେ ଏକ ନିଷ୍ପତ୍ତି ନେବାର ସୁଯୋଗ ଦେବା ନିମନ୍ତେ ଛଅରୁ ଅଠର ମାସ ପର୍ଯ୍ୟନ୍ତ ଅପେକ୍ଷା କରିବାର ମହଲତ ପ୍ରଦାନ କରିଥାଏ, ଯେତେବେଳେ କି ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ ଏଣିକି ଉପରୋକ୍ତ ଅନୁଚ୍ଛେଦ ବଳରେ ଏହା ଗୋଟିଏ ପକ୍ଷ ଛାଡ଼ପତ୍ର ପାଇଁ ରାଜି ନଥିଲେ ସୁଦ୍ଧା ବିବାହ ବିଚ୍ଛେଦ ଘଟିବାର ଆଦେଶ ପ୍ରଦାନ କରି ପାରିବେ । ଆଗରୁ ଯଦିଓ କିଛି ଗୋଟିକିଆ ମାମଲାରେ କୋର୍ଟ ଯେଉଁ କ୍ଷେତ୍ରରେ ପତି ପତ୍ନୀଙ୍କ ମଧ୍ୟରେ ପୁନର୍ବାର ଏକାଠି ହେବାକୁ 'ସମ୍ପୂର୍ଣ୍ଣ ଅସାଧ' ବା 'ଭାବଗତ ଭାବରେ ମୃତ' ବୋଲି ଜାଣି ପାରିଥିଲେ, ସେ କ୍ଷେତ୍ରରେ ଦମ୍ପତିଙ୍କ ଛାଡ଼ପତ୍ରକୁ ମଞ୍ଜୁର କରିଥିଲେ, ତେବେ ପ୍ରଥମ ଥର ପାଇଁ କୋର୍ଟ ଏକ ତତ୍ତ୍ୱର ଉପସ୍ଥାପନ କରିଛନ୍ତି ଯାହା ୧୯୫୫ ହିନ୍ଦୁ ବିବାହ ଆଇନରେ ମୂଳତଃ ସମର୍ଥିତ ହୋଇଥିବା ବିବାହ ବିଚ୍ଛେଦର ତ୍ରୁଟିପୂର୍ଣ୍ଣ ତତ୍ତ୍ୱଠାରୁ ସମ୍ପୂର୍ଣ୍ଣ ପୃଥକ୍ ହୋଇଛି । ସମ୍ପ୍ରତି ଏଭଳି ନିଷ୍ପତ୍ତି ନେଇ କୋର୍ଟ ଏକ ଆଇନଗତ ପଦ୍ଧତି ଉପରେ ଡାଙ୍କୁଣି ଲଗାଇ ଦେଇଛନ୍ତି, ଯାହା କୋର୍ଟରେ ନିହାତି କମ୍‌ରେ ୨୦୧୬ଠାରୁ ଗଡ଼ି ଆସୁଥିଲା, କିନ୍ତୁ ଏମିତି ଏକ ପଦ୍ଧତି ଥିଲା ଯାହାର ବିହନ ୧୯୭୮ ମସିହାର ଏକ ଆଇନ କମିଶନଙ୍କ ରିପୋର୍ଟ ଦ୍ୱାରା ବପନ କରାଯାଇଥିଲା । ଦଶନ୍ଧି ଦଶନ୍ଧିର ବ୍ୟକ୍ତିଗତ ଆଇନ ସଂସ୍କାର ଏବଂ ରୂପାନ୍ତରଣକାରୀ ସାମାଜିକ ପରିବର୍ତ୍ତନଗୁଡ଼ିକ ସତ୍ତ୍ୱେ ବିବାହ ବିଚ୍ଛେଦ ବା ଛାଡ଼ପତ୍ର ପ୍ରତିବନ୍ଧିତ ଏବଂ ନିଷେଧାତ୍ମକ ଭାବନାଗୁଡ଼ିକର ବୋଝରେ ଏକ ଭାରାକ୍ରାନ୍ତ ବିଷୟବସ୍ତୁ ହୋଇ ରହି ଆସିଛି । କୋର୍ଟଙ୍କ ବର୍ତ୍ତମାନର ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ, କାରଣ ଏହା ଛାଡ଼ପତ୍ରଜନିତ ନ୍ୟାୟ ପାଇଁ ଏମିତି ଏକ ଦ୍ୱାର ଖୋଲିଛି, ଯାହା ଗୋଟିଏ ପକ୍ଷ ଅନ୍ୟ ପକ୍ଷଠାରେ ଦୋଷ ତ୍ରୁଟି ବା ବ୍ୟବହାରରେ ବ୍ୟତିକ୍ରମ ବାହାର କରିବା କି ହିଂସା, ଧୋକ୍କାବାଜି ବା ନିଷ୍ଠୁରତା ପ୍ରଦର୍ଶନକୁ ନେଇ ଆରୋପ ଲଗାଇବା ଉପରେ ଆଲୋକପାତ କରେନାହିଁ । ଏମିତିକି ଯଦିଓ ହିନ୍ଦୁ ବିବାହ ଆଇନ ଅଧୀନରେ ଦମ୍ପତିଙ୍କ ଏକତ୍ର ରହିବା ଏକ ପବିତ୍ର କର୍ତ୍ତବ୍ୟ ଏବଂ ସେଥିପାଇଁ ଏହାକୁ କୌଣସି ଜଟିଳ ପରିସ୍ଥିତିର ଅନୁପସ୍ଥିତିରେ ଭଙ୍ଗ କରାଯାଇ ପାରିବ ନାହିଁ ବୋଲି ଯୁକ୍ତି ଦର୍ଶାଯାଇ ଆସିଛି, ତେବେ କୋର୍ଟଙ୍କ ନିଷ୍ପତ୍ତି ଏକ ଅଧିକ ମର୍ଯ୍ୟାଦାଜନକ ଏବଂ କାର୍ଯ୍ୟର ବାସ୍ତବବାଦୀ ଦୃଷ୍ଟିକୋଣ ନିମନ୍ତେ ପୃଷ୍ଠଭୂମି ପ୍ରଦାନ କରିଛି ଯାହା ବିବାହ ବିଚ୍ଛେଦକୁ ଜୀବନର ଅନ୍ୟ ଏକ ବାସ୍ତବତା ଏବଂ ଏକ ବ୍ୟତିକ୍ରମ ବା ଏଡ଼ାଇ ଯିବା ଭଳି ପରିସ୍ଥିତି ନୁହେଁ ବୋଲି ଦର୍ଶାଇଛି । ସଙ୍ଗେ ସଙ୍ଗେ ଏଭଳି ଛାଡ଼ପତ୍ରଗୁଡ଼ିକୁ ମଞ୍ଜୁର କରିବା ବେଳେ ସାବଧାନତା ଅବଲମ୍ବନ କରାଯିବା ଉପରେ ଗୁରୁତ୍ୱାରୋପ କରିବା ସହିତ ଏଥିପାଇଁ ମାର୍ଗଦର୍ଶିକାଗୁଡ଼ିକର ଏକ ସମାହାର- ଯେଉଁଥିରେ ଅନ୍ୟଗୁଡ଼ିକ ମଧ୍ୟରେ ସହାବସ୍ଥାନର ସମୟ ଅବଧି, ଅଭିଯୋଗଗୁଡ଼ିକର ସ୍ୱଭାବ, ବିବାଦକୁ ସମାଧାନ କରିବା ନିମନ୍ତେ କରାଯାଇଥିବା ଉଦ୍ୟମଗୁଡ଼ିକର ସଂଖ୍ୟା, ଏବଂ ଯେ ଅପରିବର୍ତ୍ତନୀୟ ଭଙ୍ଗ, ବର୍ତ୍ତମାନ ପାଇଁ, ମଞ୍ଜୁର କରା ଯାଉଥିବା ଛାଡ଼ପତ୍ରଗୁଡ଼ିକର ଏକ ଛୋଟ ଅଂଶ ହୋଇ ରହିବ । ସର୍ବୋଚ୍ଚ ଅଦାଲତଙ୍କ ରାୟର ଦୁଇଗୋଟି ଉଲ୍ଲେଖନୀୟ ଦିଗ ଧ୍ୟାନ ଆକର୍ଷଣ କରିଥାଏ । ଗୋଟିଏ ହେଉଛି, ବର୍ତ୍ତମାନ ପାଇଁ କେବଳ ସର୍ବୋଚ୍ଚ ଅଦାଲତ ଏହି ବର୍ଗ ଅଧୀନରେ ଛାଡ଼ପତ୍ର ମଞ୍ଜୁର କରିବା ନିମନ୍ତେ କ୍ଷମତାପ୍ରାପ୍ତ; ପରିବାର କୋର୍ଟଗୁଡ଼ିକ ନୁହନ୍ତି ଏବଂ ଦ୍ୱିତୀୟଟି ହେଉଛି, ସାଧାରଣ ମନୋଭାବ ବା ଛାଡ଼ପତ୍ରକୁ ନେଇ ରହିଥିବା ମନୋବୃତ୍ତିରେ ପରିବର୍ତ୍ତନ ଆଣିବା କ୍ଷେତ୍ରରେ ଏହା କେତେଦୂର ପରିବାର ଆଇନର ବିବର୍ତ୍ତନ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ମୁହୂର୍ତ୍ତର ଅୟମାରମ୍ଭ କରିଛି, ଏହା ଦେଖିବାକୁ ବାକି ରହିଲା ।

## ସମ୍ବାଦପତ୍ର, ସାମ୍ବାଦିକ ଓ ମହାତ୍ମା

### ଅକ୍ଷୟ କୁମାର ରାଉତ



ସମ୍ବାଦପତ୍ର ଆଧୁନିକ ସଭ୍ୟତାର ଏକ ପ୍ରଧାନ ଅଙ୍ଗ, ପ୍ରତିଦିନ ପୃଥିବୀର ବିଭିନ୍ନ ସ୍ଥାନରେ ନାନା ଘଟଣା ଘଟୁଛି। ସେ ବନ୍ୟା କି ମରୁଡ଼ି, ଯୁଦ୍ଧ କି ଶାନ୍ତି, ବିଜ୍ଞାନ କି ଦର୍ଶନ, ଦୁଃଖ କି ସୁଖ, ଗଣତନ୍ତ୍ର କି ରାଜତନ୍ତ୍ର, ସାମ୍ୟବାଦ କି ପୁଞ୍ଜିବାଦ, ଏକଛତ୍ରବାଦ କି ସାମରିକ ଶାସନ, ରାଜନୈତିକ ପତନ କି ଉତ୍‌ଥାନ ଏ ସବୁ ବିବରଣୀ ଲୋକମାନଙ୍କ ପାଖରେ ପହଁଚାଇବାର କାର୍ଯ୍ୟ ସାମ୍ବାଦିକମାନେ ସମ୍ବାଦପତ୍ର, ବେତାର ଓ ଦୂରଦର୍ଶନ ମାଧ୍ୟମରେ ପ୍ରକାଶ କରିଥାଆନ୍ତି। ଭାରତବର୍ଷ ଓ ଅନ୍ୟାନ୍ୟ ପ୍ରାଚ୍ୟ ଦେଶଗୁଡ଼ିକଠାରୁ ପାଶ୍ଚାତ୍ୟ ଦେଶରେ ସମ୍ବାଦପତ୍ର ପାଠକଙ୍କ ସଂଖ୍ୟା ବହୁତ ବେଶୀ।

ସମ୍ବାଦ ବା ଖବରକୁ ନ୍ୟୁଜ୍ କୁହାଯାଏ। ଏହି ଶବ୍ଦର ଅକ୍ଷରଗୁଡ଼ିକୁ ଲକ୍ଷ୍ୟକଲେ ଚାରି ଦିଗର ସଙ୍କେତ ବୁଝାପଡେ। 'ଘ' ଅକ୍ଷରଟି **North** ବା ଉତ୍ତର ଦିଗ, 'ର' ଅକ୍ଷରଟି **East** ବା ପୂର୍ବ ଦିଗର ପ୍ରତୀକ, 'ଡ' ବର୍ଣ୍ଣଟି ପଶ୍ଚିମ ଦିଗ ବା **West** ବୁଝାପଡେ। ସେହିପରି ଦକ୍ଷିଣ ଦିଗ ସ୍ଥାନରେ ଝ ବା **South**କୁ ବୁଝାଯାଏ। ଏଥିରୁ ସ୍ପଷ୍ଟ ଅନୁମେୟ ଚାରିଦିଗର କଥା ସମ୍ବାଦପତ୍ର ମାଧ୍ୟମରେ 'ଖବର' ରୂପେ ପ୍ରକାଶ ପାଏ।

ଆଧୁନିକ ଯୁଗରେ ସମ୍ବାଦପତ୍ର ପାଠ କରିବା ବହୁ ବ୍ୟକ୍ତିଙ୍କର ଅଭ୍ୟାସରେ ପରିଣତ ହୋଇପଡିଛି । ଚା, ପାନ ପରି ସମ୍ବାଦପତ୍ର ପଢ଼ିବା ଏକ ନିଶାରେ ପରିଣତ ହୋଇଅଛି। ନିଶା ଦ୍ରବ୍ୟ ସେବନ କ୍ଷତିକାରକ କିନ୍ତୁ ସମ୍ବାଦପତ୍ର ପାଠ ଲୋକମାନଙ୍କର ହିତ ସାଧନ କରେ। କୃଷକମାନେ କୃଷି ସମ୍ବନ୍ଧରେ ଓ କ୍ରୀଡାପ୍ରେମୀମାନେ କ୍ରୀଡା ବିଷୟରେ ଆବଶ୍ୟକ ବିବରଣୀ ପାଇପାରନ୍ତି। ଛାତ୍ରମାନେ ଜ୍ଞାନ ଆହରଣ କରିବା ସଙ୍ଗେସଙ୍ଗେ ପରୀକ୍ଷା ସମ୍ପର୍କରେ ବିଭିନ୍ନ କଥା ଅବଗତ ହୋଇଥାଆନ୍ତି। ପାଠକ ପାଠିକା ସାହିତ୍ୟ ପ୍ରେମୀମାନେ ଗଳ୍ପ, କବିତା, ପ୍ରବନ୍ଧ ଆଲୋଚନା ଆଦି ପାଠ କରିବା ଓ ଜାଣିବାର ସୁଯୋଗ ପାଇଥାଆନ୍ତି। ସମସ୍ତ ଜୀବଜଗତର ସୁରକ୍ଷା ଓ ସ୍ୱାଧୀନତାର ରକ୍ଷା ସମ୍ବାଦପତ୍ର ଓ ସାମ୍ବାଦିକଙ୍କ ଉପରେ ପଡିଥାଏ। ରାଜତନ୍ତ୍ରର ରାଜା ଓ ଗଣତନ୍ତ୍ରର ଲୋକ ପ୍ରତିନିଧିମାନଙ୍କର କାର୍ଯ୍ୟକଳାପ ଉପରେ ସାମ୍ବାଦିକମାନେ ନଜର ରଖିଥାଆନ୍ତି। ଶାସନ କର୍ତ୍ତୃପକ୍ଷ, ରାଜନୀତିଜ୍ଞ ଓ ସର୍ବସାଧାରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିଗଣ ଏବଂ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ସମ୍ବାଦପତ୍ର ଓ ସାମ୍ବାଦିକମାନେ ଦେଇଥିବା ଜନମତ ଦ୍ୱାରା ନିଜ ନିଜର ତ୍ରୁଟି ବୁଝି ପାରି ନିଜେ ନିଜକୁ ସଂଶୋଧିତ କରିଥାଆନ୍ତି। କିନ୍ତୁ ଅସଲ କଥାଟି ହେଉଛି ସାମ୍ବାଦିକ ଗଣମାଧ୍ୟମର ଅଂଶ ସିନା, ଏହାର ମାଲିକାନା ଅନ୍ୟ କାହା ପାଖରେ ଥାଏ। କିଛି ସାମ୍ବାଦିକ ଦରମା ପାଇଥାଆନ୍ତି ତ ଆଉ କିଛି ମାଗଣା ଖଟନ୍ତି। ସକାଳ ସମୟରେ ବିତରକ ତ ସନ୍ଧ୍ୟାରେ ସାମ୍ବାଦିକ। ସକାଳ ଚାକିରି ସଞ୍ଜକୁ ନାହିଁ। ସାମ୍ବାଦିକତା ମାଲିକାନାର ଏକ ସଖୀ କଣ୍ଢେଇ ପାଲଟିଥାଏ। ଏଇତ ଆମର ବିଡମ୍ବନା ଚତୁର୍ଥ ସ୍ତମ୍ଭ ନିମ୍ନଗାମୀ କିନ୍ତୁ ଅନ୍ୟ ତିନୋଟି ସ୍ତମ୍ଭ ଯଥା - ବିଧାନ ପାଳିକା, କାର୍ଯ୍ୟ ପାଳିକା, ନ୍ୟାୟ ପାଳିକା ବିଳାସବ୍ୟସନରେ ବିମଣ୍ଡିତ ହୋଇଥାଏ। ସାମ୍ବାଦିକଟି ଶୋଷିତ ହୁଏ, ତାର ଆକୁଳତାକୁ କେହି ବୁଝନ୍ତିନି। କେଉଁଠି ଦାରିଦ୍ର୍ୟର କଷାଘାତରେ ପେଷି ହୋଇ ରୋଗ, ଶୋକ ଓ ମୃତ୍ୟୁକୁ ଆଦରି ନିଏ। ସବୁ ଶାସନତନ୍ତ୍ରରେ ଅସହାୟା ଦ୍ରୌପଦୀଙ୍କୁ ଯନ୍ତ୍ରଣା ଦେଇ ପାଶବିକ କ୍ଷୁଧା ମେଣ୍ଟାନ୍ତି ଦୁର୍ଯ୍ୟୋଧନମାନେ, କେଉଁଠି ସାଧାରଣ ଜନତା ଛଳନାର ଶିକାର ହୁଏ ମୃତ୍ୟୁକୁ ସାମ୍ନା କରେ ଜଉଘରେ। କେଉଁଠି ପିଲା ବିକ୍ରି ତ କେଉଁଠି ମାଦକଦ୍ରବ୍ୟ ସାଙ୍ଗରେ ରାଜନୈତିକ ହିଂସା, ଏସବୁର ଦରଦୀ ବନ୍ଧୁଟିଏ ହେଉଛି ଗଣମାଧ୍ୟମ। ଯିଏ ଅହରହ ଜନତାଙ୍କ ପାଖରେ ରହି ଗଣତନ୍ତ୍ରର ମୂଲ୍ୟବୋଧକୁ ବଞ୍ଚାଇବାକୁ ଚେଷ୍ଟାକରେ, ଯାହାର ମସୀ ଅସୀଠାରୁ ବଳିୟାନ ହୋଇଉଠେ ସେ ସାମ୍ବାଦିକ ହେଉଛି ସମାଜ ଓ ଜୀବଜଗତର ଜାଗ୍ରତ ପ୍ରହରୀ।

ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମର ଉତ୍ତର ଦାୟିତ୍ୱ ସବୁଠାରୁ ବେଶୀ। ବର୍ତ୍ତମାନ ଯୁଗରେ ସମ୍ବାଦ ଓ ସାମ୍ବାଦିକତାର ଗୁରୁତ୍ୱ ଯଥେଷ୍ଟ। ସମୟ ଥିଲା ପ୍ରସ୍ତର ଯୁଗରେ ମନୁଷ୍ୟ ତାର ଲିପି ପଥର ଉପରେ ଖୋଦିତ କରୁଥିଲା, କ୍ରମେ ତାଳପତ୍ର ଓ ଭୂର୍ଜପତ୍ରରେ ସାହିତ୍ୟ ଓ ସଂସ୍କୃତି ସଂରକ୍ଷଣର ଏକମାତ୍ର ମାଧ୍ୟମ ପାଲଟିଥିଲା। ମୁଦ୍ରଣ ଯନ୍ତ୍ରର ପରିକଳ୍ପନା ପରେ ଭାରତବର୍ଷରେ ଛାପା କାର୍ଯ୍ୟ ଆରମ୍ଭ ହେଲା। ପ୍ରଥମ ସମ୍ବାଦପତ୍ର ଭାବେ ୧୭୮୦ ଖ୍ରୀ.ଅ.ରେ 'ଦି ବେଙ୍ଗଲ ଗେଜେଟ' ପ୍ରକାଶ ପାଇଲା। ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଅୟଆରମ୍ଭରେ ସମ୍ବାଦପତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ୧୯୧୯ରୁ ୧୯୪୭ ମଧ୍ୟବର୍ତ୍ତୀ ସମୟରେ ଭାରତୀୟ ସମ୍ବାଦପତ୍ର ମହାତ୍ମା ଗାନ୍ଧିଙ୍କ ଲେଖନି ଦ୍ୱାରା ସମୃଦ୍ଧ ହୋଇ ସମାଜରେ ଏକ ପରିବର୍ତ୍ତନ ଆଣିଦେଲା। ଗାନ୍ଧିଙ୍କ ଦ୍ୱାରା ଲୋକମାନେ ପ୍ରଭାବିତ ହେଲେ ଫଳରେ ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ ଘଟିଲା। ଗାନ୍ଧୀଜୀ ପାଞ୍ଚଟି ସମ୍ବାଦପତ୍ର ବା ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ଥିଲେ। ପରୋକ୍ଷ ଭାବରେ ଗାନ୍ଧୀଜୀ ଅଧିକାଂଶ ଭାରତୀୟ ସମ୍ବାଦପତ୍ର ସହ ଜଡିତ ଥିଲେ। 'ଇଣ୍ଡିଆନ୍ ଓପିନିୟନ' ଖବରକାଗଜ ଓ 'ୟଙ୍ଗ୍ ଇଣ୍ଡିଆ' ଏବଂ ନବଜୀବନ ପତ୍ରିକାର ପରିଚାଳନାର ଭାର ଗ୍ରହଣ କଲାପରେ ଗାନ୍ଧୀଜୀ ଲୋକମାନଙ୍କୁ ସତ୍ୟାଗ୍ରହ ବିଷୟରେ ଶିକ୍ଷା ଦେଲେ। ୟଙ୍ଗ ଇଣ୍ଡିଆରେ ପ୍ରକାଶିତ କେତୋଟି ପ୍ରବନ୍ଧ ସରକାର ବିରୋଧୀ ଥିବାରୁ ଗାନ୍ଧୀଜୀଙ୍କୁ ୬ ବର୍ଷ ଜେଲ୍ ଯିବାକୁ ପଡିଥିଲା। ଗାନ୍ଧୀଙ୍କର ଲେଖା ପ୍ରକାଶ କରିବା ପାଇଁ ବିଦେଶୀ ଓ ଦେଶୀୟ ସମ୍ବାଦପତ୍ର ଗୁଡ଼ିକ ମଧ୍ୟରେ ପ୍ରତିଯୋଗିତା ଲାଗୁଥିଲା। ଗାନ୍ଧୀଜୀ ସର୍ବଦା କହୁଥିଲେ ସମ୍ବାଦପତ୍ର ଗୁଡିକ ସର୍ବଦା ନିର୍ଭୀକ ଓ ସତ୍ୟ ସମ୍ବାଦ ପରିବେଷଣ କରିବା ଉଚିତ୍। ୧୯୩୨ରେ ସେ ଜେଲ୍‌ରେ ଥିବା ସମୟରେ 'ହରିଜନ' ପତ୍ରିକାର ଆରମ୍ଭ କରିଥିଲେ। ଦଳିତମାନଙ୍କର ଅଧିକାର ଓ ସାମାଜିକ ସଂସ୍କାର ପାଇଁ ଏହି 'ହରିଜନ' ପତ୍ରିକାକୁ ଆୟୁଦ୍ଧ ରୂପେ ବ୍ୟବହାର କରିଥିଲେ। ଗାନ୍ଧୀଜୀ ଯେଉଁ ନିତୀ ନିୟମରେ ସାମ୍ବାଦିକତା ଓ ସମ୍ପାଦନା କରୁଥିଲେ ତାହା ବର୍ତ୍ତମାନ ଯୁଗରେ ସମ୍ଭବ ନୁହେଁ। ସମ୍ବାଦପତ୍ର ଏକ ମଙ୍ଗଳକାରୀ ଶକ୍ତି। ତାହା ସର୍ବଦା ଜୀବଜଗତର ହିତ ପାଇଁ। ଯଦି ସମ୍ବାଦପତ୍ର ଅଯୋଗ୍ୟ ହାତରେ ନିୟନ୍ତ୍ରିତ ହୁଏ, ତାହା ସମାଜର କ୍ଷତିସାଧନ କରେ।

ଓଡିଆ ଭାଷାର ପ୍ରଥମ ପତ୍ରିକା 'ଜ୍ଞାନରୁଣ' ତାପରେ 'ସରକାରୀ ଗେଜେଟ୍'। ୧୮୫୬ରେ ପ୍ରକାଶ ପାଇଲା ପ୍ରବୋଧ ଚନ୍ଦ୍ରିକା। ତାହା ପ୍ରକୃତରେ ଥିଲା ଓଡିଆ ଭାଷାର ପ୍ରଥମ ସାହିତ୍ୟ ପତ୍ରିକା। ୧୮୬୬ ମସିହାରେ ନଅଙ୍କ ଦୁର୍ଭିକ୍ଷ ସମୟରେ ଜନ୍ମ ନେଲା ସ୍ୱଦେଶୀ ପତ୍ରିକା 'ଉତ୍କଳ ଦୀପିକା'। ଯାହାର ପ୍ରତିଷ୍ଠାତା ସଂପାଦକ ଥିଲେ କର୍ମବୀର ଗୌରୀଶଙ୍କର ରାୟ। ଏହିଠାରୁ ଆରମ୍ଭ ହେଲା ଓଡିଆ ଭାଷା ସାହିତ୍ୟ ସଂସ୍କୃତିର ଅଗ୍ରଗତି ପାଇଁ ପ୍ରାଥମିକ ଉଦ୍ୟମ। ବଙ୍ଗଳା ଭାଷାର ପ୍ରାବଲ୍ୟ ଯୋଗୁ ଆରମ୍ଭ ହୋଇଗଲା ଓଡିଆ ଭାଷାକୁ ସଂପୂର୍ଣ୍ଣ ବିଲୋପ କରିଦେବାର ଜଘନ୍ୟ ଷଡଯନ୍ତ୍ର। ଏହି ସମୟରେ ଫକୀର ମୋହନଙ୍କ 'ବୋଧଦାୟିନୀ' ଓ 'ବାଲେଶ୍ୱର ସମ୍ବାଦ ବାହିକା'। ଓଡିଆ ଭାଷାର ସୁରକ୍ଷା ପାଇଁ ଏହି ପତ୍ରିକା ଥିଲା ଆଲୋକ ବର୍ତ୍ତିକା।

ସମ୍ବାଦପତ୍ର ହେଉଛି ଦେଶ ଓ ସମାଜ ଗଢ଼ିବାର ଏକ ଦୁର୍ବାର ଅମୋଘ ଅସ୍ତ୍ର। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ତାର ଯଥାର୍ଥ ଉପଯୋଗିତାକୁ ବିନିଯୋଗ କଲେ ଦେଶ, ଜାତି ଓ ବିଶ୍ୱର ସମାଜ କଲ୍ୟାଣ ସାଧିତ ହେବ। ସୁସ୍ଥ ସମାଜ ତଥା ଉନ୍ନତ ରାଷ୍ଟ୍ର ଗଠନରେ ସମ୍ବାଦପତ୍ର ଓ ସାମ୍ବାଦିକଙ୍କ ଭୂମିକା ଯେ ସ୍ୱତନ୍ତ୍ର ଏହା ସ୍ୱୀକାର୍ଯ୍ୟ।


ପାରାଦ୍ୱୀପଗଡ,
କୁଜଙ୍ଗ, ଜଗତ୍‌ସିଂହପୁର
ମୋ: ୯୯୩୭୬୯୧୪୭୫


## ଆମ ସ୍ୱାଭିମାନର କଥା



### ବୈଷ୍ଣବ ମେହେର

ହୁଏତ ଆଉ କିଛି ଦିନ ପରେ ସ୍ୱାଭିମାନର ପ୍ରକୃତ ଅର୍ଥକୁ ଆମେ ଭୁଲି ଯାଇପାରୁ । ସେତେବେଳେ ସ୍ୱାଭିମାନକୁ ଜଗିରଖି ଚଲୁଥିବା ମଣିଷଟିଏ ଖୋଜି ବାହାର କରିବା ସବୁଠାରୁ ବଡ଼ ମୁସ୍କିଲ ବ୍ୟାପାର ହୋଇ ଯାଇଥିବ । ସଂପ୍ରତି ଯେଉଁ ବେଗରେ ମଣିଷ ନିଜର ନୈତିକତାକୁ ଜଳାଞ୍ଜଳି ଦେବାରେ ଲାଗିଛି, ତାକୁ ଦେଖିଲେ ଏ ଆଶଙ୍କା ଅତ୍ୟନ୍ତ ସ୍ୱାଭାବିକ ମନେ ହୁଏ । ଆମେ ଭୁଲି ଯାଉଛୁ ଯେ ଆମେ ସେହି ଓଡ଼ିଆ ମାଟିର ସନ୍ତାନ ଯେଉଁଠି ମଧୁବାବୁଙ୍କ ଭଳି ପ୍ରଶସ୍ତ ଏବଂ ଦାମ୍ଭିକ ହୃଦୟର ବ୍ୟକ୍ତିତ୍ୱଙ୍କ ଜନ୍ମଲାଭ ଘଟିଥିଲା । ଯିଏ ନିଜ ଜୀବନରେ କେବେ କୌଣସି ପରିସ୍ଥିତିରେ ନିଜ ସ୍ୱାଭିମାନ ଉପରେ ତିଳେ ମାତ୍ର ଆଂଚ ଆସିବାକୁ ଦେଇ ନଥିଲେ । ଧନ, ମାନ, ପଦପଦ୍ଦି, ଶକ୍ତି, ସାମର୍ଥ୍ୟ, କ୍ଷମତା ସବୁ ନିମିତ୍ତ ମାତ୍ର । ମଣିଷର ପ୍ରକୃତ ପରିଚୟ ହେଉଛି ତାର ମୌଳିକତା ଆଉ ସ୍ୱାଭିମାନ ବୋଲି ମଧୁବାବୁ ବାରମ୍ବାର କହିବା ଓ କରି ଦେଖାଇବା ସତ୍ତ୍ୱେ ଏଜାତି କ'ଣ ବୁଝିଲା କେଜାଣି ମଧୁବାବୁଙ୍କ ପ୍ରିୟ ଓଡ଼ିଶାରେ ଓଡ଼ିଆଙ୍କ ସ୍ୱାଭିମାନ ଆଜି ଭୂଲୁଣ୍ଠିତ କହିଲେ ଭୁଲ ହେବ ନାହିଁ । ଯେଉଁ ମଧୁବାବୁ ଗରୀବଗୁରୁବାଙ୍କୁ ଦୁଧ ବିକ୍ରି କରୁଥିବା ଜାଣି ନିଜ ଘରର ଚାକରକୁ ଭର୍ତ୍ସନା କରି ସେହିଦିନଠାରୁ ମାଗଣାରେ ଦୁଧ ବାଣ୍ଟିବାକୁ ଆଦେଶ ଦେଇଥିଲେ । ଋଣ ଆଣି ନିଜେ ଦେବାଳିଆ ସିନା ହୋଇଯିବେ କିନ୍ତୁ ଜୋତା ତିଆରିରେ ସାମାନ୍ୟତମ ଭେଜାଲକୁ କଦାପି ବରଦାସ୍ତ କରିବା ତାଙ୍କ ପକ୍ଷେ ସମ୍ଭବ ହେଲା ନାହିଁ । ସାଧାରଣଜନତାଙ୍କ ସେବା ହିଁ ଏକମାତ୍ର ଲକ୍ଷ, ପେଟପାଟଣା ପାଇଁ ସେ ରାଜନୀତିକୁ ଆସି ନଥିବା କହି ଦରମାକୁ ବିରୋଧ କରିବାକୁ ଯାଇ ମଂତ୍ରୀ ପଦରୁ ଇସ୍ତଫା ଦେଇଥିବା ମଧୁବାବୁ ବର୍ତ୍ତମାନର ଲୋକଙ୍କ ଦୁର୍ନୀତି କରିବାରେ ପ୍ରତିଯୋଗିତା ଏବଂ ରାଜନେତାଙ୍କ ଦରମା ବୃଦ୍ଧିର ଦାବିକୁ ଦେଖି ଆଜି ଥିଲେ ସେ କିଭଳି ବିବ୍ରତ ପ୍ରକାଶ କରନ୍ତେ ତାହା ସହଜେ ଅନୁମେୟ ।

୧୯୦୩ ମସିହାରେ ଉତ୍କଳ ସମ୍ମିଳନୀ ଗଠନ କରି ଏକ ପୂର୍ଣ୍ଣାଙ୍ଗ ଓଡ଼ିଶା ଗଠନରେ ମଧୁବାବୁ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଏଯାଏଁ ପୂରଣ ହୋଇ ସାରିଥିବା ଭଳି ଲାଗୁନି । ଆଂଧ୍ରପ୍ରଦେଶ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼ ଭଳି ରାଜ୍ୟ ଆଜି ବି ଓଡ଼ିଶାର ଅନେକ ଅଂଚଳକୁ ନିଜ ଅକ୍ତିଆରରେ ନେଇଛନ୍ତି ଅଥବା ନିଜ ଅଧିନକୁ ନେବାର ଚେଷ୍ଟା ଚଲାଇଛନ୍ତି । ଏହିସବୁ ରାଜ୍ୟ ସହ ଆମର ଜଙ୍ଗଲ, ଜମି, ନଦୀ, ଜଳ ଆଦିର ଆବଣ୍ଟନକୁ ନେଇ ବିବାଦ ଥମିବାର ନାଁ ନେଉନାହିଁ । ଅପରପକ୍ଷେ ଆମର ନେତୃବର୍ଗ ଏସବୁ ସମସ୍ୟାର ସମାଧାନ ଆଡ଼କୁ ନଯାଇ ରାଜନୀତି ନାଁରେ ପରସ୍ପର କାଦୁଅ ଫିଙ୍ଗାଫିଙ୍ଗି ହୋଇ ସେସବୁ ସମସ୍ୟାକୁ ଅଧିକ ଗୁରୁତ୍ୱର କରିବା ଦ୍ୱାରା ସେମାନଙ୍କ କେଉଁ ସ୍ୱାଭିମାନର ପରିପ୍ରକାଶ ଘଟୁଛି ତାହା ପ୍ରଭୁ ଜଗନ୍ନାଥଙ୍କୁ ଜଣା ।

୧୯୪୭ ଯାଏଁ ଓଡ଼ିଶାରେ କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, କୋରାପୁଟ, ଗଞ୍ଜାମ ଭଳି ଛଅଟି ଜିଲ୍ଲା ଓ ୧୯୪୮ରେ ଗଡ଼ଜାତ ମିଶ୍ରଣ ପରେ ପୁଣି ଛଅଟି କଳାହାଣ୍ଡି, ବଲାଙ୍ଗିର, ସୁନ୍ଦରଗଡ଼, ଫୁଲବାଣୀ, ଢେଙ୍କାନାଳ, କେନ୍ଦୁଝର ଗଠନ ପରେ ୧୯୪୯ ଜାନୁଆରୀ ୧ରେ ମୟୁରଭଞ୍ଜର ଗଠନ ହୋଇ ସମୁଦାୟ ୧୩ ଗୋଟି ଜିଲ୍ଲା ରହି ଆସିଥିଲା ବେଳେ ପ୍ରଶାସନୀକ ସୁବିଧା ଦୃଷ୍ଟିରୁ ୧୯୯୧ରେ ୧୩ରୁ ବର୍ତ୍ତମାନର ୩୦ଟି ଜିଲ୍ଲାକୁ ପରିବର୍ଦ୍ଧିତ କରାଯାଇଥିଲା । ତଥାପି କେଉଁଠି ତୃଟି ରହିଯାଉଛି ଯେ, ଆଂଚଳିକ ବୈଶମ୍ୟତାର ଅଭିଯୋଗ କରି କିଛି ଅଂଚଳ ଓଡ଼ିଶାରୁ ବିଚ୍ଛିନ୍ନ ହେବାର ଦାବି କରୁଛନ୍ତି । ଏଭଳି ସମ୍ବେଦନଶୀଳ ପ୍ରସଙ୍ଗର ତୁରନ୍ତ ଆବଶ୍ୟକ ସମାଧାନ ହେଲେ ହିଁ ଓଡ଼ିଆ ମାଟିର ମଙ୍ଗଳ ହେବ । ଓଡ଼ିଶାରେ ବିସ୍ତୀର୍ଣ୍ଣ ଉର୍ବର ଭୂମି, ଶହଶହ କି.ମି.ର ସମୁଦ୍ର ତଟ, ଅରଣ୍ୟ ସମ୍ପଦ, ଖଣିଖାଦାନ, ଭରପୁର ମାନବ ସମ୍ବଳ ଥାଇ ସୁଦ୍ଧା ଶସ୍ୟ, ମତ୍ସ୍ୟ, ଶକ୍ତି, ଶିଳ୍ପ, ନିଯୁକ୍ତିରେ ଆମର ଯେତିକି ସୁଯୋଗ ସୃଷ୍ଟି ହେବା କଥା କାହିଁ ସେତେ ତ ଦେଖିବାକୁ ମିଳୁ ନାହିଁ । ଫଳରେ ପ୍ରତିବର୍ଷ ଲକ୍ଷଲକ୍ଷ ଓଡ଼ିଆ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଇ ଯେଉଁ ହିନସ୍ତାକୁ ସାମନା କରୁଛନ୍ତି, ତାହା ଏ ମାଟିର ସ୍ୱାଭିମାନକୁ ତଳେ ପକାଉଛି । ଯେଉଁମାନେ କାମଧନ୍ଦା ଅନ୍ୱେଷଣରେ ବାହାରକୁ ଯାଉନାହାନ୍ତି, ସେମାନଙ୍କ ମଧ୍ୟରୁ ମାଲମାଲ ବେକାରୀ କୌଣସି ନା କୌଣସି ରାଜନୈତିକ ଦଳର ହାତବାରିସି ସାଜିଥିବା ଦେଖିବାକୁ ମିଳୁଛି । ସବୁଠାରୁ ବଡ଼କଥା ହେଲା ମାଗଣାଖିଆ ନିଶା ଆମକୁ ଏମିତି ଘାରିଛି ଯେ, ଠକିଭଣି ଯିଏ ଯେତେ ଅଧିକ ମାଗଣା ହଡ଼ପ କରିପାରେ ତା'ର ସେତେ ଅଧିକ ପାରିବାପଣ ଥିବାର ବିଚାର କରାଯାଏ । ନିଃସହାୟ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ମାଗଣା ଘର, ଚାଉଳ, ଆହାର ସହ ବନ୍ୟା, ମରୁଡ଼ି, ଅଗ୍ନୀ ବିପନ୍ନଙ୍କ ସହଯୋଗ ରାଶିକୁ ହାତେଇବାରେ ବଡ଼ବଡ଼ିଆଙ୍କ ପ୍ରତିଯୋଗିତାକୁ ଦେଖିଲେ ଆମର ଦୁର୍ବଳ ସ୍ୱାଭିମାନର ନିଚ୍ଛକ ଚିତ୍ର ସ୍ପଷ୍ଟ ଦିଶେ । ଧନ୍ୟ ଆମର ଓଡ଼ିଆ ଚିନ୍ତା ଓ ଚେତନା, କଥାକଥାରେ ଇଂରାଜୀ ପ୍ରୀତି ଆମର କେଉଁ ଇଜ୍ଜତକୁ ଅବା ବଢ଼ାଉଛି କେଜାଣି ! ଛୁଆପିଲାଙ୍କୁ କଥା ଶିଖାଇବାଠାରୁ ଆରମ୍ଭ କରି ଏକୋଇଶିଆ, ବିବାହବ୍ରତ ଆଦିର ନିମଂତ୍ରଣ ପତ୍ରଛପା, ନାମଫଳକ ଆଦିରେ ଓଡ଼ିଆ ଭାଷାର ଉପେକ୍ଷା ଏବେ ଦେଖସୁହା ହେଲାଣି । ଧିକ୍ ଆମକୁ ଶହଶହ ବର୍ଷ ଧରିଏଇଠି ରହି ବ୍ୟବସାୟ କରି ଆମକୁ ଲୁଟୁଥିବା ଅଣଓଡ଼ିଆଙ୍କଠାରେ କଥାବାର୍ତ୍ତା ହେଲା ବେଳେ ଆମେ କେତେ ଗର୍ବରେ ସେମାନଙ୍କ ଭାଷାରେ କଥା କହୁ । ପାରମ୍ପରିକ ପ୍ରକ୍ରିୟାକୁ ଭୁଲି ଏବେ ଆମେ ବାର୍ଥ ଡେ, ୟୁନିଭରସାରି ଆଦି ପାର୍ଟି କରି କେକ୍ କଟା, ବଫେ ଖାନା ମାଧ୍ୟମରେ ନିଜ ସଂସ୍କୃତିକୁ ହିଁ ହତାଦର କରିଚାଲିଛୁ ।

ପ୍ରବନ୍ଧର ଶେଷ ପର୍ଯ୍ୟାୟରେ କୁଳବୃଦ୍ଧ ମଧୁସୁଦନ ଓଡ଼ିଆ ଜାତି ଉଦ୍ଦେଶ୍ୟରେ ପଣ୍ଡିତ ନୀଳକଣ୍ଠ ଦାସଙ୍କୁ କହିଥିବା ଶେଷ ଧାଡ଼ି 'ମୁଁ ତ ଯାଉଛି, ମନେ ରଖିବ ଜଣେ ଓଡ଼ିଆ ଥିଲା ।' ମନେ ପଡୁଛି । କହିବା ବାହୁଲ୍ୟ ଯେ, ମଧୁବାବୁ ଏଠାରେ ନିଜକୁ ମନେ ରଖିବା କଥା କହିନାହାନ୍ତି ବରଂ ଜୀବନର ଶେଷ ଯାଏଁ ପ୍ରତ୍ୟେକ ଓଡ଼ିଶାବାସୀ ଜଣେ ଖାଣ୍ଟି ଓଡ଼ିଆ ଭାବରେ ବଂଚିବାକୁ ପ୍ରାଧାନ୍ୟ ଦେଇଛନ୍ତି । ତେବେ ଯାଇ ଏ ମାଟି, ଭାଷା, କଳା ସଂସ୍କୃତିର ବିକାଶ ଘଟିବ । ଏକଥାକୁ ହେଜି ପାରିଲେ ଓଡ଼ିଆଙ୍କ ସ୍ୱାଭିମାନ ନିଶ୍ଚିତ ଅତୁଟ ରହିବ ।


ସିନାପାଲି, ନୂଆପଡ଼ା
ମୋ: ୯୭୭୭୭୫୩୯୩୫


## କବିତା କୋଣାର୍କ

### ଆସହେ କଲମ ବୀର

### କୁନା ସେଠୀ



ଆସହେ କଲମ ବୀର
ଆମରି ସାଥିରେ ସାଥୀ ହୋଇ ତୁମେ
ଯିବ ଯୁଦ୍ଧ ଭୂଇଁ ପର ।

ଜାଣିଛି ତୁମର ସ୍ୱାଧୀନ ଚିନ୍ତାକୁ
ଜାଣିଅଛି ବୀର ପଣ
ଲଢ଼ିବା ଜାଣିଛ ଗଢିବା ଜାଣିଛ
କରି ହୃଦୟକୁ ଟାଣ
ମାରି ଯେ ତେରେଛା ବାଣ
ପଥର ହୃଦୟ ତରଳାଇ ଦିଅ
ଚଢ଼ାଇ ଶାନ୍ତିର ଗୁଣ ।

ଚାଟୁକାର ଠାରୁ ବହୁଦୂରେ ତୁମେ
ଗୋଲାମ ଶିଖିନ କାହିଁ
ତେଲେଇବା କେବେ କରିନ ତୁମେ
ହେ
ତୁମରି ସ୍ୱାର୍ଥ ପାଇଁ
ସବୁରି ମଙ୍ଗଳ ଚାହିଁ
ଅନ୍ୟାୟ ବିରୁଦ୍ଧେ ଛିଡା ହୋଇଅଛ
ଯୁଦ୍ଧମ ଦେହି ଡାକ ଦେଇ ।

ଡରି ମରି କେତେ ଶରଣ ପଶିଛେ
ତୁମରି ଚରଣ ତଳେ
କ୍ଷମା ଦେଇ ନାହଁ ସେହିମାନଙ୍କୁ ଯେ
ଦଳିଛ ନିଜର ବଳେ
ଡରିନାହଁ କେବେ ତିଳେ
କଚାଡି ମାରିଛ ଯଶକୁ ହରିଛ
ବୁଡାଇ ମାରିଛ ଜଳେ ।

ବଖାଣିଛ ଦୁଃଖ ଶ୍ରମିକ ଭାଇର
କାତର ହୋଇଣ ବଡ଼
ଶିରାଳ ହାତକୁ ଝାଳୁଆ ମୁହଁକୁ
ସବୁଦିନେ ହୁଏ ମାଡ଼
ଦୃଢ଼ କରିଅଛ ଗୋଡ଼
ବୁଲିଛ ଉଦ୍ୟାନ, ସବୁ ଘରମାନ
ପ୍ରତିବାଦ କରି ବଡ଼ ।
ମାଟିର ମଣିଷ ଚଷା ପୁଅ କଥା
କହିଛ କେତେ ଯେ ଖୋଲି
ନେତା, ସାଉକାର, ବ୍ୟବସାୟୀଙ୍କର
ଦେଇଛ ମୁଖାକୁ ମେଲି
ଆସିଛ ଆଗକୁ ଚାଲି
ଠକିବା, ଶୋଷିବା ବନ୍ଦ କରାଇଛ
ପ୍ରତିବାଦ ବୋଲି ବୋଲି ।

ଆମରି ସାଥିରେ ମିଶିଗଲେ ତୁମେ
ଭାବନା ହୋଇବ ଏକା
ଅନ୍ୟାୟ, ଅନୀତି, ଦୁର୍ନୀତିର କଥା
ତୁମ ଧାରେ ହେବ ଲେଖା
ସଦବୃଦ୍ଧି ଦେବ ଦେଖା
ଅତ୍ୟାଚାରୀର ଆୟୁଷ ସରିବ
ସର୍ବେ ହେବେ ତୁମ ସଖା ।

ଆସ ଆସ ବନ୍ଧୁ ବିଳମ୍ବ କରନି
ଦେଖା କର କବିଠାରେ
ଲେଖକ, ଗାଳ୍ପିକ, ନାଟ୍ୟକାର ଯେତେ
ଭେଟ ହେବେ ରାସ୍ତାପରେ
ଧରିବେ କରକୁ କରେ
ଅନ୍ୟାୟ ଯୁଦ୍ଧକୁ ଧରମେ ଲଢ଼ିବେ
ଅଧର୍ମକୁ ରଖି ଦୂରେ ।


ଭୁତସରସିଙ୍ଗି,
ପୁରୁଷୋତ୍ତମପୁର, ଗଞ୍ଜାମ


### ନୀଳ ନୟନା

### ରୋହିତ ସେଠୀ

ନୀଳ ନୀଳ ଆଖି ଭାରି ନିରୀମାଖି
ଆଗୋ ମୋ' ନୀଳ ନୟନା
ତୁମରି ନଜର ବନ୍ଦୀରେ ବାନ୍ଧିକି
କରୁଅଛ ଆନମନା ।
ନୀଳ ସାଗରର ନୀଳ ଉର୍ମିମାଳା
ସମ ତୁମ ଦୁଇ ଆଖି
ନୀଳ ନୟନାର ସାର୍ଥକ ନାମକୁ
ବିଧାତା ଦେଇଛି ଲେଖି ।
ଲାବଣ୍ୟମୟୀ ଗୋ ନୀଳିମା ନଭରୁ
ନୟନ ପାଇଛ ବୋଲି
ନୀଳା ପରି ଶୋଭେ ବେନି ନେତ୍ର
ସତେ
ତାରା ସମ ଝିଲିମିଲି ।
ନିରେଖି ଅନେଇ ରହିଯାଏ ମୁହିଁ
କିଏ ସେହି ରୂପକାର
ଶତବାର ଭାବି ତୁମକୁ ଗଢ଼ିଛି,
ରୂପେ ତୁମେ ଗନ୍ତାଘର ।
ସରଗ ପୁରର ରମ୍ଭା କି ଉର୍ବଶୀ
ଅବା କିଏ ତୁମେ କୁହ..?
ମୋ ମନରେ ଯେଉଁ ସନ୍ଦେହ ରହିଛି
ଶୀଘ୍ର ଦୂର କରିଦିଅ ।


ଖଜୁରୀପଡ଼ା, କନ୍ଧମାଳ
ମୋ: ୭୭୩୫୨୧୪୩୭୯


### ଶ୍ରମିକ ହାଟ

### ଦୀପକ କୁମାର ମିଶ୍ର



ଧଇଁସଇଁ ଆବେଗ
ଧାଁ ଧପଡ଼ ଜୀବନ
ଖାଁ ଖାଁ ଦ୍ୱିପହର
ମୁଗୁନି ପଥରରେ ଗଢ଼ା ମଣିଷ
ଶରୀର ।

ହାତୁଡ଼ି ହେଉକି ନିହାଣ
କୋଦାଳ ହେଉକି କୁରାଢ଼ି
ଖାଦ୍ୟର ସ୍ୱପ୍ନ
ଅବା ଭୋକର ବିହଙ୍ଗ
କଟିଯାଏ ସକାଳରୁ ସଞ୍ଜ
ଝିଣ୍ଡିଯାଏ ସବୁ କିଛି
କେବଳ ଶୃଙ୍ଖଳ ବ୍ୟତୀତ ।
ସତ ହୁଏନା କାର୍ଲ ମାକ୍ସଙ୍କର ତଥ୍ୟ
ଭୁଲ ପ୍ରମାଣିତ ହୁଏ ମାନିଫେଷ୍ଟୋ
ଏମିତି ବଦଳିଯାଏ ଦର୍ଶନ
ଗୋଟି ହୋଇଯାଏ ଦାଦନ
ଇଟାଭାଟିରେ ପୋଡ଼ି ପାଉଁଶ ହୁଏ
ବିସ୍ମୃତ ଯୌବନ ।

ଏଇଠି ବିକ୍ରି ହୁଏ ଶ୍ରମ ପ୍ରତିଦିନ
ପରିଶ୍ରମ ଫଳେ ନି ନଫଳେ
ଅସରନ୍ତି କିନ୍ତୁ ଶ୍ରମିକର ହାଟ ।


ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦


### ପ୍ରିୟା ଗାଧୋଇଲେ

### ଜୟନ୍ତ କୁମାର ମଲ୍ଲିକ୍



ନଈ ସେପାରିଲେ ପ୍ରିୟା ଗାଧୋଇଲେ
ଏପାରିରେ ଭାରି ବାସେ -
ତା'ବେଣୀରୁ କିଛି କେଶ ରାଶି ଖସି
ଆସେ ଧାଇଁ ମୋଅ ପାଶେ ।
ଭିଜା ବସନରେ ଯଉବନ ତା'ର
ଆହାକି ସୁନ୍ଦର ଦିଶେ -
ଆଖି ଆଇନାରେ ଦେଖିଦେଲେ ମତେ
ଲାଜେ ଆଖି ବୁଜି ହସେ ।
ବେଳେବେଳେ ଗୋରୀ ଲୁଚି ଯାଇ
ଜଳେ
ଡାକେ ମତେ ହାତ ଠାରି -
ଇଛା ହୁଏ ମୋର ବୁଡ଼ି ବୁଡ଼ି ଯାଇ
ତାକୁ ମୁଁ ପକାନ୍ତି ଧରି ।
ଏଇମିତି ନିତି ମନେ ମନେ ପ୍ରୀତି
ଗୀତ ମୁଁ ତ ଗାଇଥାଏ -
ଗାଧୁଆ ତୁଠରୁ ପ୍ରିୟା ଭିଜା ଦେହ
ମୋ ସପନୁ ହଜିଯାଏ ।


ଶୂରଡିହ, ନନ୍ଦିପୁର, ଦଶରଥପୁର,
ଯାଜପୁର
ମୋ: ୯୪୩୭୮୬୫୭୨୭







# ନିର୍ବାଣ

## ବିଜୟଲକ୍ଷ୍ମୀ ପାଣିଗ୍ରାହି



ବର୍ଷ ସରନ୍ତି ଚଇତ୍ର ଆସିଲେ ଚିତ୍ରିତ ହୁଏ ଡଙ୍ଗର, ଝୋଲା, ଆଉ ଗାଆଁ ଗଣ୍ଡାର ଚିତ୍ରପଟ। ପିଲାଟୋକିରୁ ଆରମ୍ଭ କରି ଧାଙ୍ଗଡା ଧାଙ୍ଗଡ଼ି, ଡକରା ଡକରୀ ସମସ୍ତେ ଭାରି ମତୁଆଲା। ମହୁଲି ନିଶା, ସଲପ ତାଡି ଆଉ ଦେଶୀ ଢ଼ୋକ ସାଥେ ଭାରି ନିଶା ଜମାଏ ନାମ ସଂକୀର୍ତ୍ତନ। ଦୁଇ ବର୍ଷ ହେଲା କରୋନା ଯୋଗୁଁ ଚିମର। ପଡିଯାଇଥିଲା ସିନା ଏ ସବୁ ମେଳା ମହୋତ୍ସବ ହେଲେ ସଭିଏଁ ଝୁରି ହେଉଥିଲେ ଜଗା ଦାଦାକୁ। ଜଗା ଦାଦାଙ୍କ ମୃଦଙ୍ଗ ବାଜିଲେ ଦିନ ରାତି ଏକାକାର ହୁଏ। ଏ ବର୍ଷ ତାଙ୍କ ଟିପ ଚାଲିବ ସେଥିପାଇଁ ନୂଆ ବସ୍ତ୍ର ଧାରଣ ସହିତ ଘାଗୁଡି ଆଉ କଉଡ଼ି ମାଳ ପିନ୍ଧିଛି ମୃଦଙ୍ଗ। ଖରାଦେଇ ସବୁଗଣ୍ଠିକୁ ଟାଇଟ କରା ଯାଇଛି। ଜଗା ଦାଦାର ପେଟୁଆ ପେଟ ଉପରେ ମୃଦଙ୍ଗର ପେଟ, ଆହା... ଜନସମୁଦ୍ର ଭିତରେ ବି ଫୁଟି ଉଠେ ତାରା ଗହଣରେ ଜହ୍ନ ପରି। କହିଲ ଦେଖି, ହେବନି ବା କେମିତି ? ଦାଦା କଣ ସାନ ମଣିଷ ? ବୟସ ସିନା ପଚାଶ ଡେଇଁଲାଣି ହେଲେ ଜୁଆନ ଶାଳ ଗଛ ପରା ଜଳିଯିବ ଇର୍ଷାରେ। ଛଅ ପୁଟିଆ ଚେହେରାକୁ ଚଉଡା ଛାତିଟା ଭାରି ମାନେ। କପାଳରେ ତିଳକ ତିନି ଆଙ୍ଗୁଠିକୁ ଦେଖି ଗୁଣ୍ଡୁଚି ମୂଷାମାନେ ଚିଂଚିଂ ହୋଇ ଅଭିଯୋଗ ବାଢ଼ନ୍ତି। ତୁମେ କାହିଁକି ପ୍ରଭୁ ଶ୍ରୀରାମଙ୍କର ଆଶୀର୍ବାଦ ଆମ ପିଠିର ଦାଗକୁ ଛଡେଇ ନେଇ ଯାଇଛ ? ତାପରେ ବାହୁରେ, ବକ୍ଷରେ ତିଳକକୁ ଦେଖି ପରସ୍ପରକୁ ଅନାନ୍ତି ଆଉ ନିରବି ଯାଆନ୍ତି।

ସାତ ସାଇତା ହୋଇଥିବା ଧଳା ଧୋତି ଖଣ୍ଡକୁ ପିନ୍ଧିବା ପରେ ଦାଦା ଅଣ୍ଟାରେ ବାନ୍ଧନ୍ତି ଏକ ରଙ୍ଗ ଗାମୁଛା। ବେକରେ ଝୁଲୁଥାଏ ତୁଳସୀମାଳ। ଏ ତୁଳସୀ ମାଳର ଗୌରବ ବା କେତେ ସମୟକୁ ଏବେ ଏବେ ତ ଟିପ ଉଠିଲେ, ମୃଦଙ୍ଗର ତାଳେତାଳେ ସମସ୍ତେ ନାଚିବେ, ଆଉ ଜଗା ଦାଦାଙ୍କର ବେକ ଭାରି ହୋଇଯିବ । ଲୁଚିଯିବ ତୁଳସୀମାଳ ପ୍ରଶଂସକଙ୍କର ଫୁଲହାରରେ। ପାଦର ଅଳତାଗାର ନାମଯଜ୍ଞର ତାଳେ ତାଳେ ଆହୁରି ରକ୍ତିମ ହୋଇ ଉଠିବ। ଖାଲି ଝୁମୁ ନ ଥିବ ସଂକୀର୍ତ୍ତନ ମଣ୍ଡଳୀ, ନିତାଇଗୌରଙ୍କର ଆରାଧନାରେ କମ୍ପିଉଠୁଥିବ ଗଗନ ପବନ। ଖାଲି କଣ ସେତିକି ଗଛଲତା ମାନେବି ଠେକୁଆ ପରି କାନ ଠିଆ କରି ଶୁଣୁଥିବେ ଅମୃତର ମୂର୍ଚ୍ଛନା।

ଜଗା ଦାଦାର ମୃଦଙ୍ଗ ବାଜିଲେ ମାଟିର ସ୍ପନ୍ଦନରେ ସାନ୍ଦ୍ରତା ବଢେ। ମୃଦୁ ମଳୟ ମଧୁମୟ ଲାଗେ ଆଉ ଆମ୍ବ ପତ୍ରର ତୋରଣରେ ବାଡେଇ ହୋଇ ନିଜର ଏକ ସ୍ୱତନ୍ତ୍ର ସ୍ୱର ତିଆରେ। ଫୁଲ, ଫଳ, ଧୂପ, ଦୀପ ସବୁ ନିଜ ନିଜ ବାଗରେ ସମର୍ପି ଦିଅନ୍ତି ନିଜକୁ।

ହରେ କୃଷ୍ଣ ହରେ ରାମ ପ୍ରଭୁ ନିତ୍ୟାନନ୍ଦ
ହରେ କୃଷ୍ଣ ହରେ ରାମ
ଶ୍ରୀ ରାଧେ ଗୋବିନ୍ଦ।

ଏହି ନାମଜପ କରି କରି ଦୁଇ ହାତକୁ ଉର୍ଦ୍ଧ୍ୱକୁ ଟେକିଦେଇ ସଭିଏଁ ତୋଳନ୍ତି ସ୍ୱାଗତୋକ୍ତି।

ତିନି ଦଶନ୍ଧି ଧରି ମୃଦଙ୍ଗ ବାଦକ କହିଲେ ବୁଝାଏ ଜଗାଦାଦାଙ୍କୁ। ବର୍ଷକୁ ବର୍ଷ ଦଳ ଦଳ ବାଦକ ବାହାର କରନ୍ତି ସେ। ପ୍ରତି ସନ୍ଧ୍ୟାରେ ଚାଲୁଥାଏ ମୃଦଙ୍ଗ ଶିକ୍ଷାଦାନ। ଯେତେ ଯୋଖାଟୋକା ବାହାରନ୍ତୁ ନା କାହିଁକି ବଇନି ଦେଲାବେଳେ ଦାବି ଥାଏ, ଦାଦା ଆସିବେ ତ ? କେବେଯଦି ଦାଦାର କିଛି ଅସୁବିଧା ହୋଇଛି ସେଦିନ ଯାହାର ପାଳି ପଡିବ ତାକୁ ସ୍ଥିର କରେ ଜଗାଦାଦା। ନାମଯଜ୍ଞ ଶେଷରେ ଦାଦା ପଚାରନ୍ତି କେମିତି ବଜେଇଲାରେ ? ଭକ୍ତମାନେ କୁହନ୍ତି, 'ବଜେଇବ ନାହିଁ... ଦାଦାଙ୍କ ପସନ୍ଦଟି।'

ଆଜି ନାମଯଜ୍ଞରେ ସମସ୍ତେ ବିଭୋର। ଜଗା ଦାଦାଙ୍କ ଦେହ ଭଲ ନ ଥିଲା ବୋଲି ନାମଯଜ୍ଞକୁ କିଛିଦିନ ଘୁଞ୍ଚାଯାଇଥିଲା। ଏଥର ଭଲ ଗାୟକକୁ ଖୋଜି ଖୋଜି ଅଣାଯାଇଛି। ନାମଯଜ୍ଞ ତାଳେ ତାଳେ ନୃତ୍ୟ ପରିବେଶଣ କରିବାକୁ ଆସିଛନ୍ତି ଦଳେ ପୁଅଝିଅ। ତଥାପି ଗାୟକଙ୍କର ଗାୟନ, ଝାଞ୍ଜ ବାଲାର ଝାଇଁ ଝାଇଁ ଶବ୍ଦ, ନୃତ୍ୟଶିଳ୍ପୀମାନଙ୍କ ପାଦର ଘୁଙ୍ଗୁର ଶବ୍ଦ ସବୁକୁ ପଛରେ ପକାଇ ମୃଦଙ୍ଗ ଖୋଖୋ ହୋଇ ଶୁଭୁଛି ମାଇକିରେ। ସଂକୀର୍ତ୍ତନ ମଣ୍ଡଳୀ ପରେ ମଣ୍ଡଳୀ, ପ୍ରତି ମଣ୍ଡଳୀର ପରିବେଷଣର ଖୁବ ସ୍ୱତନ୍ତ୍ର। ଭାବରେ ବନ୍ଧା ଭଗବାନ। ଭକ୍ତ ଗହଣରେ ସେ ନିଜକୁ ହଜାଇ ଦିଅନ୍ତି ବୋଲି ପ୍ରହର ପରେ ପ୍ରହର ଗଡ଼ିଚାଲିଛି। ଦଳ ଦଳ ସଂକୀର୍ତ୍ତନ ମଣ୍ଡଳୀଙ୍କ ଭାବମୟ ପରିବେଷଣରେ ନାମଯଜ୍ଞ ଆଗକୁ ଗତି କରୁଛି। ଆଠରୁ ଚବିଶି ଏବଂ ଚବିଶିରୁ ଏ ପର୍ଯ୍ୟନ୍ତ...। ତଥାପି ଥକିନି ଦାଦାଙ୍କର ହାତ। ନିରନ୍ତର ବହିଚାଲିଛି ପ୍ରବଣତାର ଗଙ୍ଗା । ତଲ୍ଲୀନ ହେଉଛନ୍ତି ସଚରାଚର। ସମସ୍ତେ ଝୁମି ଆସିଲା ବେଳକୁ ହାଠାର ଠପ୍ କରି ବନ୍ଦ ହୋଇଗଲା ମୃଦଙ୍ଗ । ଆଖି ଖୋଲି ଦେଖିଲା ବେଳକୁ ଦାଦା ଆଉ ଠିଆ ହୋଇ ନାହାଁନ୍ତି। ତଳେ ପଡିଯାଇଛି ତାଙ୍କ ଶରୀର ହେଲେବି ଟିପ ଚାଲିଛି । ବହିଚାଲିଛି ପ୍ରବଣତାର ଗଙ୍ଗା । ତଲ୍ଲୀନ ହେଉଛନ୍ତି ସଚରାଚର। ସମସ୍ତେ ଝୁମି ଆସିଲା ବେଳକୁ ହାଠାର ଠପ୍ କରି ବନ୍ଦ ହୋଇଗଲା ମୃଦଙ୍ଗ । ଆଖି ଖୋଲି ଦେଖିଲା ବେଳକୁ ଦାଦା ଆଉ ଠିଆ ହୋଇ ନାହାଁନ୍ତି। ତଳେ ପଡିଯାଇଛି ତାଙ୍କ ଶରୀର ହେଲେବି ଟିପ ଚାଲିଛି।

'ପାଣିଟିକେ ଆଣ ହୋ' ଦାଦା ପଡିଗଲେ...। ଶବ୍ଦ ଉଚ୍ଚାରଣର ଅନ୍ତରାଳରେ ଦାଦା ମୃଦଙ୍ଗଟିକୁ ସନିଆ ବେକରେ ପକାଇ ଦେଲେ। ହଳ ହଳ ଆଖି ଟାଣି ହୋଇ ବଡ ହୋଇଯାଉଥିଲେ। ହେଲେ କାହା ପାଟିରେ ଶବ୍ଦ ନଥିଲା। ଅବାକ ହୋଇ ପରସ୍ପରକୁ ସବୁ ଚାହୁଁଥିଲେ।

ସନିଆର ଟିପ ଚାଳନାରେ ମାଇକିଟି ପୁନଶ୍ଚ ଚଳଚଞ୍ଚଳ ହେଲା ଆଉ ଏପଟେ ଲୋକମାନେ ଦାଦାଙ୍କୁ ଉଠାଇବାରେ ଲାଗିଲେ। ଶାଳ ଗଛ ପରି ଦାଦାଟା ଅଚଳ ମହାମେରୁ ପରି ଭାରି ହୋଇଯାଉଛନ୍ତି। ମୁହଁରେ ପାଣି ଛିଞ୍ଚିଲା ବେଳକୁ ହାତ ପାଦ କାଲୁଆ ପଡ଼ିଲାଣି। ଦାଦାଙ୍କ ମୁହଁରେ ଦ୍ୱିତୀୟ ଚାନ୍ଦର ସ୍ମିତ ରେଖା। ଅଥଚ ଚାରିଆଡେ ବିଷର୍ଣ୍ଣତା। ସମୟର ଗତି ପରି ଅବିଶ୍ରାମ ଆଉ ଜୁଆର ପରି ପ୍ରବହମାନ ଜଗାଦାଦା ଏମିତି କେମିତି ନିରବି ଯାଇ ପାରନ୍ତି ନିମିଷକରେ...।

କ୍ଷଣକରେ ଚାରିଆଡେ ସଂକ୍ରମି ଗଲା ଅବସାଦ ଆଉ ଅପପ୍ରଚାରର ଗୁଞ୍ଜନ।

ଏକ କଣରୁ ଗୁଜବ ଆସୁଥିଲା ସାରା ଜୀବନ ଗାଦି ସମ୍ଭାଳି ରହିଲେ। ମରଣ ପୂର୍ବରୁ ପାଟମୃଦଙ୍ଗଟିକୁ ଉପଯୁକ୍ତ ବ୍ୟକ୍ତିକୁ ଦିଆଯାଇ ପାରିଥାନ୍ତା। କି ମୂର୍ଖାମୀ କାମ କଲେ।

ଫୁସ ଫୁସ ହୋଇ ଆଉ ଦୁଇଜଣ କହୁଥିଲେ। ମାରା ହୋଇଗଲା ଏ ମେଢ଼ ମଣ୍ଡପ। ଆଜିଠୁଁ ବନ୍ଦ ଏ ନାମଯଜ୍ଞ। ଗଲେ ତ ଗଲେ... ସବୁ ସାରିଦେଇ ଗଲେ।

ଦାଦା ଏ କଣ କଲେ ? ଯାହାକୁ ଛୁଇଁ ଯୋଗ୍ୟ ନୁହେଁ, ଶେଷରେ ତାକୁ ମୃଦଙ୍ଗର ଭାର ସମର୍ପିଦେଲେ। ଛି...ଛି...ଛି...

ସନିଆ ଆଖିରେ ଲୁହ ଟଳମଳ। ଗୁଜବର ସରବ୍ୟ ନା ପ୍ରବଣତାରେ ଛଳ ଛଳ କେଜାଣି ହେଲେ ଟିପରେ ତ ସେହି ସାମର୍ଥ୍ୟ ଯାହାର ପରିଚାଳନାରେ ସମସ୍ତେ ମତୁଆଲା ହୁଅନ୍ତି। ଏକଦମ ବାରି ହୋଇ ପାରୁନି ଭିନ୍ନ ଅଙ୍ଗୁଳି ଚାଳନା ଭଳି ବରଂ ସଂକୀର୍ତ୍ତନ ଗାୟକର ସ୍ୱର ଆହୁରି ଘନେଇ ଉଠୁଛି। ଝାଞ୍ଜ ବାଜାଲିମାନେ ନାମ ସଂକୀର୍ତ୍ତନରେ ପ୍ରମତ୍ତ ହେଉଛନ୍ତି। ହଁ ଏହା ସତ୍ୟ ଯେ, ସମସ୍ତ ଗୁଞ୍ଜରଣକୁ ଚାପିଦେବାକୁ ସମର୍ଥ ଥିଲା ସନିଆର ମୃଦଙ୍ଗଚାଳନା। ଶେଷ ହେଲା ପୂର୍ଣ୍ଣାହୁତି।

ପାଟ ପୁରୋହିତ କହିଲେ, ଅହୋଭାଗ୍ୟ ଜଗାଦାଦାଙ୍କର। ଏମିତି ମରଣ କାହାକୁ ମିଳେ ? ଭଗବାନଙ୍କର ସେବା କରି କରି ନାମଯଜ୍ଞର ଅନ୍ତିମ ପ୍ରହରରେ ପୁଣି ତାଙ୍କରି ମେଢ଼ରେ... ?

ଧନ୍ୟ ଧନ୍ୟ ଜଗାଦାଦା ! କୋଟି ଜନ୍ମର ସୁକୃତରେ ହିଁ ମିଳିପାରେ ଏ ନିର୍ବାଣ।


+ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ
ମୋ- ୮୨୪୯୪୫୦୦୫୦




ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

## ଜ୍ୟୋସ୍ନାମୟୀ ପଣ୍ଡା



॥ ଭାଗ-୨ ॥

କିନ୍ତୁ, କାହିଁ ସେଠି ତାଙ୍କ ପ୍ରଶ୍ନର ଉତ୍ତର ? ଯେତେ ପ୍ରଶ୍ନ ସବୁ କେବଳ ପ୍ରଶ୍ନ ହୋଇ ନିଜ ନିକଟକୁ ଫେରି ଆସୁଛି । ଆର୍ଯ୍ୟଋଷି, ବେଦ ପ୍ରଣେତା ମାନଙ୍କ ଅନ୍ତରାତ୍ମା ଦ୍ୱାରା ସୃଷ୍ଟ, ବିଶ୍ୱ ବ୍ରହ୍ମାଣ୍ଡର ସେହି ଆଦି ସ୍ରଷ୍ଟା, ପରଂବ୍ରହ୍ମଙ୍କ ସହ ସଂଯୁକ୍ତ ପ୍ରଜାପତି ବ୍ରହ୍ମା କେବଳ ନିଜକୁ ପ୍ରଶ୍ନକରିବାରେ ଲାଗିଲେ ।

'ଯେଉଁ ଅନନ୍ତ ଆକାଶର ଚକ୍ର ବଳୟ ସ୍ପର୍ଶି ମୋର ଅଷ୍ଟ ଚକ୍ଷୁ ବାରମ୍ବାର ଫେରିଆସୁଛି, ଯଦି ତାହାର ଆଦି ଓ ଅନ୍ତ ଅଛି, ତାହାପରେ କ'ଣ ଅଛି ? ଯଦି ନାହିଁ, ତାହା ମଧ କିପରି ? ଏହି ଅନନ୍ତ ଅଙ୍କରେ ପ୍ରକାଶିତ ଏହି ଜ୍ୟୋତିଷ୍କମାନେ କେଉଁଠାରୁ ଆସିଲେ ? ସେମାନଙ୍କ ମଧରେ କି ରହସ୍ୟ ପୂର୍ଣ୍ଣହୋଇ ରହିଛି ? ଏହି ପୃଥିବୀକୁ କିଏ ସୃଷ୍ଟି କଲା ? ମାତାର ମାତା ହୋଇ ସେହି ସର୍ବପ୍ରଥମ ମାତା କିଏ ??

ପ୍ରଥମେ ଶିଶୁ ନାଁ ପ୍ରଥମେ ମା ? ପ୍ରଥମେ ବୀଜ ନା ପ୍ରଥମେ ବୃକ୍ଷ ? କିମ୍ବା ଦୁଇଜଣନାରୀ, ପୁରୁଷ ଏକାବେଳେ ସୃଷ୍ଟି ହେଲେ ଓ ମା ଗର୍ଭରେ ଶିଶୁର ସଂଚାର ହେଲା ? କେଉଁ ଉଦ୍ଦେଶ୍ୟରେ ସୃଷ୍ଟିକର୍ତ୍ତା ଏସବୁ ସର୍ଜନା କଲେ ? ମୁଁ କିପରି ଜାଣିବି ଏବେ ମୋର କର୍ତ୍ତବ୍ୟ କ'ଣ ??

ବିଷ୍ଣୁଙ୍କର ସେହି ଅନନ୍ତ ହିରଣ୍ମୟ ଗର୍ଭରେ ଭ୍ରମି ଭ୍ରମି ସ୍ୱୟଂ ବ୍ରହ୍ମା ଅତ୍ୟନ୍ତ ଶ୍ରାନ୍ତ ଓ କ୍ଳାନ୍ତ ହୋଇ ପଡିଲେଣି । ସେ ଦେଖିଲେ, ଏହି ଅନନ୍ତ ଗର୍ଭରେ ପ୍ରତ୍ୟେକ ସୃଷ୍ଟି କେବଳ କାଳର କରାଳ ଗ୍ରାସରେ ବିଲୀନ ହୋଇଯାଉଛି !! ଏହାହିଁ ତ ବେଦବ୍ୟାସଙ୍କର ଭାଗବତ ରଚନାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ସାତ ଦିନ ମଧ୍ୟରେ ତକ୍ଷକ ଦଂଶନ କରିବ ବୋଲି ଅଭିଶାପ ପାଇ ରାଜା ପରୀକ୍ଷିତ ମୃତ୍ୟୁ ପୂର୍ବରୁ ତାଙ୍କର କର୍ତ୍ତବ୍ୟ କ'ଣବୋଲି ଚିନ୍ତା କଲେ। ସେହିଠାରେ ହିଁ ଭାରତବର୍ଷର ମୁନି ଋଷିମାନେ ତାଙ୍କୁ ଭାଗବତ ଶୁଣାଇ ବୁଝାଇ ଦେଇଥିଲେ ଯେ, ପ୍ରତ୍ୟେକ ମାନବ ମୃତ୍ୟୁଶୀଳ । ପୃଥିବୀରେ ମନୁଷ୍ୟର ସୃଷ୍ଟି ହେବା ଦିନ ଠାରୁ ଅନେକ ବଂଶ ଓ ଗୋଷ୍ଠୀ ମାନ ଗଢି ଉଠିଛି ଓ ବଂଶାନୁକ୍ରମେ ସେମାନେ ଏହି ପୃଥିବୀକୁ ଭୋଗ କରୁ ଅଛନ୍ତି । ତାହା ମଧରେ କେତେ ଜନ୍ମ ଓ ମୃତ୍ୟୁ, କେତେ ଯୁଦ୍ଧ ଓ ଉତ୍ସବ, କେତେ ଜୟ ଓ ପରାଜୟ, କେତେ ଐଶ୍ୱର୍ଯ୍ୟ ଓ ବନବାସ, କେତେ ସୁଖ ଓ ଦୁଃଖ , କେତେ ଆନନ୍ଦ ଓ ବିଷାଦ ମଧଦେଇ ସେମାନଙ୍କ ଜୀବନ ଗତିଶୀଳ ହୋଇଅଛି । କେତେ ରାଜା, ମହାରାଜା , ସମ୍ରାଟ ଓ ଯୋଦ୍ଧା ମାନେ ନିଜ ନିଜର ବୈଭବ, ଶକ୍ତି, କ୍ଷମତାର ଗର୍ବରେ ଉନ୍ମତ୍ତ ହୋଇଛନ୍ତି । କିନ୍ତୁ ଶେଷରେ ସମସ୍ତେ ହିଁ ସେହି ମୃତ୍ୟୁକୁ ଚିରନ୍ତନ ସତ୍ୟ ରୂପରେ ମାନି ନେଇଛନ୍ତି। କେବଳ ସେମାନଙ୍କ କୀର୍ତ୍ତି ଓ ସଦ୍‌ଗୁଣ ଗୁଡିକ ହିଁ ଲୋକମାନଙ୍କ ମଧରେ ଅମର ହୋଇ ରହିଯାଇଛି। ଧର୍ମର ଜୟ ଓ ପାପର କ୍ଷୟ ହୋଇଛି । ରାମ, କୃଷ୍ଣଙ୍କ ପରି ଅବତାରମାନେ ଯେତେବେଳେ ଜନ ମାନସରେ ଚିରସ୍ମରଣୀୟହୋଇ ରହିଛନ୍ତି, ଅନାମ, ଅଜ୍ଞାତ କୋଟି, କୋଟି ସୃଷ୍ଟି ଧୂଳିକଣା ପରି ସତ୍ତାହୀନ ହୋଇ ଯାଇ ଅଛନ୍ତି। ମୃତ୍ୟୁର ଶହେ ବର୍ଷପରେ ମଧ ସେମାନଙ୍କର ସ୍ମୃତି ଲୋପ ହୋଇ ଯାଇଛି । ସେମାନେ କିମ୍ବା ସେମାନଙ୍କର ଶତ୍ରୁ, ଉଭୟଙ୍କର ପୁତ୍ର, ପୌତ୍ର କେହି ମଧ ଏ ପୃଥିବୀରେ ରହି ନହାନ୍ତି। ସେମାନଙ୍କର ଘର ଦ୍ୱାର, ଧନ ସମ୍ପତି ନିଶ୍ଚିହ୍ନ ହୋଇଯାଉଛି । ସେମାନଙ୍କ ଅଣ ଓ ପଣ ନାତି, ନାତୁଣୀମାନେ ଆକବରଙ୍କ ସପ୍ତପୁରୁଷ, ନେପୋଲିୟନ, ଆଲେକଜାଣ୍ଡାର, ଚର୍ଚ୍ଚିଲ, କ୍ରମାଙ୍କରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ମାନଙ୍କ ନାମକୁ ମନେରଖିଛନ୍ତି, ଅଥଚ ନିଜ ପ୍ରପିତାମହଙ୍କ ନାମ ସେମାନଙ୍କୁ ଆଦୌ ଜଣାନାହିଁ । ହାୟରେ ଏହି ମୃତ୍ୟୁଶୀଳ ମାନବ ଜୀବନର ପରିଣତି ! ତେଣୁ ସଂସାରରେ ଯେତେ ଦିନ ବଞ୍ଚିଥିବ, ଜୀବନରେ ଯେତିକି ମିଳିଛି , ସେତିକିରେ ସନ୍ତୁଷ୍ଟ ହୋଇ ଆନନ୍ଦରେ କାଳତିପାତ କର। ଶେଷରେ ସେମାନେ ଏହା ମଧ କହି ଅଛନ୍ତି ଯେ, ଦେହ ମରଣଶୀଳ କିନ୍ତୁ ଆତ୍ମା ଅବିନାଶୀ ଅଟେ। ଏହା ଅଗ୍ନିରେ ଦହନ ହୁଏନାହିଁ, ଶସ୍ତ୍ରରେ ଛିଣ୍ଡେ ନାହିଁ ବା ଜଳରେ ନିମଗ୍ନ ହୁଏନାହିଁ। ମୃତ୍ୟୁ ଏକ ଶେଷ ନୁହେଁ। ତେଣୁ ଇହ ଜନ୍ମ ମଧରେ ମାନବ ପରଲୋକ ପ୍ରତି ସଚେତନ ରହି ନିଜ ଆତ୍ମାର ସଦ୍ଗତି ପାଇଁ ପ୍ରଯତ୍ନ କରିବା ଉଚିତ। (କ୍ରମଶଃ...)


+ବାଲିଝରି, କାନପୁର,ବଡ଼ମ୍ବା, କଟକ


# ଦୁର୍ଜନ ସଙ୍ଗେ କଲେ ବାସ, ଘଟିବ ଜାଣ ସର୍ବନାଶ

## ଶ୍ୱେତା ରାଉତ୍

ସମ୍ପର୍କର ରଙ୍ଗ



ସତ କହିଲେ ପ୍ରଶଂସା କାହାକୁ ବା ଭଲ ନଲାଗେ ! କେହି ଯଦି କିଛି ପ୍ରଶଂସା କରି କୁହେ,ଘଣ୍ଟା ଘଣ୍ଟା ତା କଥା ଶୁଣିଲେ ବି ବିରକ୍ତ ଲାଗେନାହିଁ, ଯଦି କେହି ଖରାପ ବୋଲି ପଦୁଟିଏ କହିଦିଏ,ବ୍ୟସ୍ତ ଅଛି, ବହୁତ କାମ ଅଛି କହି ତାଠୁ ଦୁରେଇବାକୁ ଆମେ ଚେଷ୍ଟା କରୁ। ଯିଏ ଆମକୁ ପ୍ରଶଂସା କରେ ଆମେ ତାକୁ ମିତ୍ର ଓ ଯିଏ କଟୁ କଥା କହେ ବା ଅପ୍ରିୟ ସତ୍ୟ କହେ, ଆମେ ତାକୁ ଶତ୍ରୁ ଭାବିଥାଉ। ଆମେ ଆଶା କରୁ ସମସ୍ତେ ଆମକୁ ଖୁବ୍ ପ୍ରଶଂସା କରନ୍ତୁ। କିନ୍ତୁ ଜରୁରୀ ନୁହେଁ ସବୁବେଳେ ମିଠା କଥା କହି ଆମକୁ ପ୍ରଶଂସା କରୁଥିବା ବ୍ୟକ୍ତି ଆମର ମିତ୍ର ହୋଇଥିବ, ମିଠା ଜହର ବି ହୋଇପାରେ। କାହା ମିଠା କଥାରେ ଶତ୍ରୁ କି ମିତ୍ର ଆକଳନ କରିହୁଏ ନାହିଁ ବରଂ ତାର କର୍ମରୁ ଜଣାପଡେ। ସବୁବେଳେ ଆମ ସହିତ ଭଲ ସମ୍ପର୍କ ରଖୁଥିବା, ମିଠା କଥା କହୁଥିବା ବ୍ୟକ୍ତି ଆମର ଶତ୍ରୁ ବି ହୋଇଥାନ୍ତି ଓ ଆମକୁ ଆକଟ କରୁଥିବା, ଗାଳି କରୁଥିବା ବ୍ୟକ୍ତି ଉପକାରୀ ଦେଖିବାକୁ ମିଳନ୍ତି।

ଅନେକ ଥର ଆପଣ ଦେଖିଥିବେ, କୌଣସି ବ୍ୟକ୍ତିଙ୍କ ବିରୁଦ୍ଧରେ ଖୁବ୍ ଗପୁଥିବା, ଘୃଣା କରି କହୁଥିବା ଏବଂ ତା ସହିତ ନ ମିଶିବାକୁ ଆପଣଙ୍କୁ ପରାମର୍ଶ ଦେଉଥିବା ଲୋକଟି ସେଇ ବ୍ୟକ୍ତି ସହିତ ହସି ହସି ଭଲରେ ମିଶୁଥିବେ, ପ୍ରଶଂସା କରି ଗୁଡ଼ାଏ ଲେଖୁଥିବେ, ଉତ୍ତମ ସମ୍ବନ୍ଧ ରଖୁଥିବେ। ଆପଣ ବିଶ୍ୱାସ କରି ପାରିବେନି ଯେ ଏହି ଲୋକ ତା ବିଷୟରେ ଏମିତି କହୁଥିଲା ପୁଣି ଏମିତି ମିଶୁଛି। ତେବେ ବୁଝି ଯାଆନ୍ତୁ ଯେ କାହାର କଥାରେ ତାର ବ୍ୟକ୍ତିତ୍ୱ ଆକଳନ କରା ଯାଇପାରେନା। ମଣିଷ ଈର୍ଷା ଓ ସ୍ୱାର୍ଥ ପାଇଁ ଅନେକ ସ୍ଥାନରେ ଅଭିନୟ କରେ, ଛଳନା କରେ, ତା ପାଇଁ ସମ୍ପର୍କଠୁ ଅଧିକ ସ୍ୱାର୍ଥ ଗୁରୁତ୍ୱ ରଖେ। ସେଥିପାଇଁ କେବେ କାହା ମିଠା କଥା ବା ଛଳନାରେ ଭାସି ନଯାଇ ତାକୁ ପରଖିବା ଉଚିତ୍। ବେଳେବେଳେ ମିଠା ଶରୀର ପାଇଁ କ୍ଷତିକାରକ ଓ ପିତା ଖୁବ୍ ଉପକାରୀ ହୋଇଥାଏ।ପରିବାରର ଆକଟ, ଅନୁଶାସନ ଠିକ୍ ପିତା ଔଷଧ ଭଳି, ସ୍ୱାଦ ଭଲ ଲାଗେନାହିଁ ସତ କିନ୍ତୁ ସ୍ୱାସ୍ଥ୍ୟ ପାଇଁ ହିତକାରକ ହୋଇଥାଏ।

ମଣିଷ ଚିହ୍ନି ମିତ୍ରତା ନକଲେ ବେଳେବେଳେ ଲୋଭ, ମୋହ, ଆସକ୍ତି ଓ ଅଭିପ୍ସାର ପୂର୍ତ୍ତି କରିବାକୁ ଯାଇ ମଣିଷ ଭ୍ରମରେ ପଡ଼ି ନର୍କଗାମୀ ହୋଇଯାଏ। ଆମେ ଯେମିତି ବ୍ୟକ୍ତିତ୍ୱର ସଂସ୍ପର୍ଶରେ ଆସିବା ଆମର ସ୍ୱଭାବ, ଗୁଣ, ଆଚରଣ ମଧ ସେଭଳି ହେବାକୁ ଲାଗିବ। ଯେମିତି ଲୁହାକୁ ନିଆଁରେ ପକାଇଲେ, ଲୁହା ଉତ୍ତପ୍ତ ହୋଇଯାଏ, ନିଆଁର ଗୁଣକୁ ଧାରଣ କରିନିଏ ଏବଂ ପାଣିରେ ପକାଇଲେ ଥଣ୍ଡା ହୋଇଯାଏ ବା ପାଣିର ଗୁଣକୁ ଧାରଣ କରିନିଏ। ପାଣି ନିଆଁ ସଂସ୍ପର୍ଶରେ ଆସିଲେ ଉତ୍ତପ୍ତ ହୁଏ ଓ ବରଫ ସଂସ୍ପର୍ଶରେ ଆସିଲେ ଶୀତଳ ବା ବରଫ ହୁଏ। ଠିକ୍ ସେମିତି ମଣିଷର ଆତ୍ମା ସବୁବେଳେ ସ୍ୱଚ୍ଛ, ଶୁଦ୍ଧ, ଶୂନ୍ୟ ହୋଇଥାଏ, ଯେତେବେଳେ ଯାହା ସଂପର୍ଶରେ ଅଧିକ ଆସେ, ତାର ଗୁଣକୁ ଧାରଣ କରିନିଏ।ତେଣୁ ଆମକୁ ଧାନ ରଖିବା ଜରୁରୀ ଯେ ଆମେ କାହା ସଂସ୍ପର୍ଶରେ ଆସୁଛନ୍ତି ଓ କେଉଁ ଗୁଣକୁ ଧାରଣ କରୁଛନ୍ତି।

ଜଣଙ୍କ ଭିତରେ ସକରାତ୍ମକ ବିଚାର, ନିର୍ମଳ ହୃଦୟ, ନିଃସ୍ୱାର୍ଥପଣ, ସହଯୋଗୀ ମନୋଭାବ ହିଁ ଜଣେ ଭଲ ମିତ୍ର ଭାବେ ପରିଚୟ ଦେଇଥାଏ।

କଥାରେ ଅଛି 'ଦୁର୍ଜନ ସଙ୍ଗେ କଲେ ବାସ, ଘଟିବ ଜାଣ ସର୍ବନାଶ' ।ଏକଥା ଆମେ ଜାଣୁ ଅଥଚ କାମରେ ଲଗାଇବା ସହଜ ହୋଇନଥାଏ। ନିଜକୁ ସକରାତ୍ମକ ମାର୍ଗରେ ରଖିବା ପାଇଁ ସେହିଭଳି ବ୍ୟକ୍ତି, ଅନୁଷ୍ଠାନ, ପରିବେଶ,ପରିବାର ସହିତ ଯୋଡି ରଖିବାକୁ ହେବ। ଚାକଚକ୍ୟ ଭରା ଦୁନିଆ, ଛଳନା ଗ୍ରସ୍ତ ସମ୍ପର୍କର ମଧୁର ଆକର୍ଷଣ ମୋହରେ ପଡ଼ି ନିଜର ସର୍ବନାଶ ନକରି ଦୁଃଖ, ଜଞ୍ଜାଳ, ଦହଗଞ୍ଜର ଛୋଟିଆ ସଂସାର ଭିତରେ ଆତ୍ମସନ୍ତୋଷର ବୀଜ ବୁଣିବାକୁ ପଡ଼ିବ। ସଂଘର୍ଷ ଭିତରେ ଯେଉଁ ଆନନ୍ଦ ନିହିତ ଥାଏ, ସମ୍ପତ୍ତି ବା ପ୍ରାଚୂର୍ଯ୍ୟ ଭିତରେ ନଥାଏ। ମିତ୍ରତାର ଦ୍ୱାହୀ ଦେଇ ପ୍ରାଚୂର୍ଯ୍ୟର ପ୍ରଲୋଭନ ଦେଖାଇ କେହି ଆପଣଙ୍କଠାରୁ ଆପଣଙ୍କ ସରଳ ବ୍ୟକ୍ତିତ୍ୱକୁ ଲୁଟି ନେବା ପୂର୍ବରୁ ନିଜ ହୃଦୟକୁ ଶୁଣନ୍ତୁ ଏବଂ ସଚ୍ଚୋଟ ସାଙ୍ଗ ବା ମିତ୍ରକୁ ପରଖନ୍ତୁ। ଏଠି ଦୁର୍ଯ୍ୟୋଧନ ସବୁଆଡେ ମିଳିଯିବେ ହେଲେ ସୁଦାମା ମିଳିବା କଷ୍ଟ।


+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦


# ଆଜିର କବିତା

## ବିଦଗ୍ଧ ହୃଦୟ ଡାକ

### ଅନୀତା ପାଣି



ଉତ୍କଳ ମାଟିକୁ ମାଆ ସମ୍ବୋଧିଲ
ଉତ୍କଳ ବାସୀଙ୍କୁ ଭାଇ,
ଡାକୁଥିଲ କେତେ ବିଦଗ୍ଧ ହୃଦୟେ
ଜାତି ପରିଚୟ ଦେଇ ।

ଜନନୀ ଜନ୍ମ ମାଟି ପାଇଁ ଛାତି
କାନ୍ଦୁଥିଲା ଅହରହ,
ନବଉତ୍କଳର ପରିକଳ୍ପନାରେ
ତୁମେ ଥିଲ ପିତାମହ ।

ଜାତିର ଉନ୍ନତି ପାଇଁ ଜାଳିଦେଲ
ସ୍ୱ ଅଭିମାନର ଦୀପ,
ଜୀବନ ତମାମ ଲଢୁଆ ସାଜିଲ
ନଥିଲା ଲାଭ ଭୃକ୍ଷେପ ।

ସ୍ୱାର୍ଥ ତେଜି କର ଜନନୀର ସେବା
ଦେଇଥିଲ ମହାମନ୍ତ୍ର,
କୂଳବୃଦ୍ଧ ବୋଲି ସଭିଏଁ ଜାଣନ୍ତି
ଛୁଏଁନା କା ଷଡଯନ୍ତ୍ର ।

ପଗଡି ପୁରୁଷ ପ୍ରଚଣ୍ଡ ଯୁକ୍ତିର
ପ୍ରସଙ୍ଗର ପରିଭାଷା,
ସ୍ୱତନ୍ତ୍ର ଭାଷାର ମାନ୍ୟତା ପାଇଲା
ଆଧାରରେ ମାତୃଭାଷା।

ବିଚକ୍ଷଣ ବୁଦ୍ଧି ସ୍ୱଭାବ ସାଧୁତା
ଉଚ୍ଚମନା ଜାତିପ୍ରୀତି ,
ଇତିହାସ ପୃଷ୍ଠା ଅଲିଭା ଅକ୍ଷରେ
ଲିଖିତ ଜୀବନ ଗୀତି ।

ଜାତି ପ୍ରେମବହ୍ନି ପ୍ରଜ୍ୱଳିତ କଲ
ପ୍ରତି ଉତ୍କଳିୟ ମନେ,
ପୁରୁବ ଗୌରବ ମହିମା ସ୍ମରଣ
କରାଇଲ ଦମ୍ଭପଣେ ।

ତନ ମନ ଧନ ସମର୍ପି ଦେଇଛ
ଉତ୍କଳ ଭାରତୀ ପାଇଁ,
ସର୍ବସ୍ରାନ୍ତ ହେଲ ଶେଷ ସମୟରେ
ଅଭାବି ମଣିଷ ହୋଇ ।

ଉତ୍କଳ ମାଟିର ବେଦନା ବିଳାପେ
ହୋଇଥିଲ ମର୍ମାହତ,
ଅଖଣ୍ଡ ଉତ୍କଳ ସ୍ୱପ୍ନ ସତ ବେଳେ
ନଥିଲ ତୁମେ ଜୀବିତ।

ଜାତି ଇତିହାସ ଝର ପାନେ ତୁମେ
ହେଲ ଜାତି ପ୍ରାଣଧର ,
ଜାତିର ପୁରଧା ଉତ୍କଳ ଗୌରବ
ଘେନ ପୂଜ୍ୟ ନମସ୍କାର ।


+ପଦ୍ମେଶୟ, ସୌଭାଗ୍ୟ ନଗର, ଅନୁଗୋଳ

# ଏସ୍.ଇ.ବି.ସି. ସର୍ଭେ କେନ୍ଦ୍ର ପରିଦର୍ଶନ କଲେ ଜିଲ୍ଲାପାଳ




ଭଦ୍ରକ, ୦୩/୦୫ (ନି.ପ୍ର): ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ମତେ ମଇ ୧ ତାରିଖ ଆଜିଠାରୁ ମଇ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଓଡ଼ିଶା ପଛୁଆ ବର୍ଗ ଲୋକଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ସର୍ଭେ କାର୍ଯ୍ୟ ଆଜିଠାରୁ ଭଦ୍ରକ ଜିଲ୍ଲାରେ ସମସ୍ତ ବ୍ଲକ୍‌ରେ ଆରମ୍ଭ କରାଯାଇଛି । ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଆଜି ବନ୍ତ ବ୍ଲକ୍ ଗସ୍ତରେ ଯାଇ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରୀତା, ମିଶନ ଶକ୍ତି କାର୍ଯ୍ୟକ୍ରମ ଆଦି ପରିଦର୍ଶନ କରିବା ସହିତ ଆରମ୍ଭ ହୋଇଥିବା ଏସ୍.ଇ.ବି.ସି. ସର୍ଭେ କେନ୍ଦ୍ର ପରିଦର୍ଶନ କରି ସର୍ଭେ କାର୍ଯ୍ୟ ପରିଚାଳନା ସମ୍ପର୍କରେ ଅନୁଧାନ କରିଥିଲେ । ବନ୍ତବ୍ଲକ୍‌ର ଗୋପୀନାଥପୁର ଗ୍ରାମପଞ୍ଚାୟତ ଅଧୀନରେ ଥିବା ଅଞ୍ଚଳ ପାଇଁ ଗୋପୀନାଥପୁର ପ୍ରାଥମିକ ବିଦ୍ୟାଳୟରେ ଖୋଲାଯାଇଥିବା ସର୍ଭେ କେନ୍ଦ୍ର ଓ ମହାନ୍ତିପଡ଼ା ଗ୍ରାମପଞ୍ଚାୟତର ସର୍ଭେ କେନ୍ଦ୍ରକୁ ଯାଇ ଏନୁମରେଟର, ସୁପରଭାଇଜର ମାନଙ୍କଦ୍ୱାରା କରାଯାଉଥିବା ସର୍ଭେ କାର୍ଯ୍ୟ ସମ୍ପାଦନ ନେଇ ପଚ୍ଚରିବୁଝିଥିଲେ । ବନ୍ତ ବି.ଡ଼ି.ଓ. ପି.କେ. ସେଠୀ, ବନ୍ତ ବ୍ଲକ୍ ଅଧକ୍ଷ ମନୋରଞ୍ଜନ ଘଡ଼େଇ ଓ ଅନ୍ୟାନ୍ୟ ସମ୍ପୃକ୍ତ ଅଧିକାରୀ ଓ କର୍ମଚ୍ଚରୀ ମାନେ ଜିଲ୍ଲାପାଳଙ୍କ ଏହି ପରିଦର୍ଶନ ସମୟରେ ଉପସ୍ଥିତ ଥିଲେ । ସୂଚନା ଯୋଗ୍ୟକି ଏହି ଗସ୍ତ ସମୟରେ ଜିଲ୍ଲାପାଳ ବନ୍ତ ବ୍ଲକ୍‌ର ଗୋପୀନାଥପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଏବଂ ଏହି କାର୍ଯ୍ୟାଳୟ ନିକଟ ଏ.ଏନ୍.ଏମ୍. କେନ୍ଦ୍ର,ଏ.ଏନ୍.ଏମ୍ କ୍ୱାର୍ଟର ପରିଦର୍ଶନ କରିଥିଲେ । ମହାନ୍ତିପଡ଼ା ଗ୍ରାମପଞ୍ଚାୟତର ମିଶନ ଶକ୍ତି ଏସ୍.ଏଚ୍.ଜି. ସଦସ୍ୟ ମାନଙ୍କ ସହ ସେମାନଙ୍କ କାର୍ଯ୍ୟଧାରା ସମସ୍ୟା, ଲକ୍ଷ୍ୟ ଆଦି ସମ୍ବନ୍ଧରେ ପଚ୍ଚରି ବୁଝିଥିଲେ । ଭଦ୍ରକ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଜେନା, ବନ୍ତ ବି.ଡ଼ି.ଓ. ବନ୍ତ ବ୍ଲକ ଅଧକ୍ଷ ପ୍ରମୁଖ ମଧ ଜିଲ୍ଲାପାଳଙ୍କ ଏହି ପରିଦର୍ଶନରେ ଉପସ୍ଥିତ ଥିଲେ । ମହାନ୍ତିପଡ଼ା ଗ୍ରାମପଞ୍ଚାୟତର ଭାରତ ନିର୍ମାଣ ରାଜୀବ ଗାନ୍ଧି ସେବା କେନ୍ଦ୍ର ମଧ ପରିଦର୍ଶନ କରିଥିଲେ ।

## ହରିଶଙ୍କର ମହୋତ୍ସବରେ ବଜରଙ୍ଗ ଦଳ ପକ୍ଷରୁ ଦହି ପାଣି ବଂଟନ

ବଲାଙ୍ଗିର, ୦୩/୦୫ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ସ୍ଥିତ ହରିଶଙ୍କରରେ ଶ୍ରୀ ନୃସିଂହ ଚତୁର୍ଦଶୀ ଉପଲକ୍ଷେ ଅନୁଷ୍ଠିତ ହେଉଥିବା ହରିଶଙ୍କର ମହୋତ୍ସବରେ ବଜରଙ୍ଗ ଦଳ ଦ୍ୱାରା ଦହିପାଣି ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଆଗାମୀ ୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି କାର୍ଯ୍ୟକ୍ରମ ବଜରଙ୍ଗ ଦଳ ଖପ୍ରାଖୋଲ ପ୍ରଖଣ୍ଡର ସିଦ୍ଧାନ୍ତ ସାହୁଙ୍କ ନେତୃତ୍ୱରେ ହେଉଥିବା ବେଳେ ରୋହନ ତାଣ୍ଡି, ନିରୋଜ ଯାଦବ, ମୋହନ ଦଣ୍ଡସେନା, ବିଶାଳ କୁମାର ରାଉତ, ସିଦ୍ଧାନ୍ତ ନାଗ, ସୁଧୀର ମହାକୁଡ, ବାଳଗୋପାଳ ଦାଶ, ବଳରାମ ଧରୁଆ, ଇନ୍ଦ୍ରମଣି ସାହୁ, ମୁକେଶ ସେଠ, କ୍ରିଷ୍ଣା ତାଣ୍ଡି, ପୂରନ ସାହୁ ପ୍ରମୁଖ କାର୍ଯ୍ୟକର୍ତା ଆଜିର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଗଞ୍ଜାମ ଜିଲ୍ଲାର ପଛୁଆ ବର୍ଗର ଲୋକଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ସମ୍ପର୍କରେ ସର୍ଭେ ଆରମ୍ଭ

ଗଞ୍ଜାମ, ୦୩/୦୫ (ନି.ପ୍ର): ଗଞ୍ଜାମ ଜିଲ୍ଲାର ପଛୁଆ ବର୍ଗର ଲୋକ ମାନଙ୍କର ସାମାଜିକ ଓ ଶିକ୍ଷାଗତ ସ୍ଥିତି ସମ୍ପର୍କରେ ସର୍ଭେ କାର୍ଯ୍ୟ ସୋମବାର ଠାରୁ ଆରମ୍ଭ ହୋଇଛି । ଏହା ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ସର୍ଭେରେ ସେମାନଙ୍କର ବୃତି ଓ ଶିକ୍ଷାଗତ ଯୋଗ୍ୟତା ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯିବ । ପଛୁଆ ବର୍ଗର ଲୋକ ମାନଙ୍କର ବୃତି, ଶିକ୍ଷାଗତ ଯୋଗ୍ୟତା ସହିତ ସେମାନଙ୍କର ପରିବାରର ଲୋକମାନେ କେଉଁ ପ୍ରକାର ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଛନ୍ତି ସେ ବିଷୟରେ ସୂଚନା ମିଳିବା ଦ୍ୱାରା ସେମାନଙ୍କର ସାମାଜିକ ଓ ଶିକ୍ଷାଗତ ସ୍ଥିତି ସମ୍ବନ୍ଧରେ ସଠିକ୍ ତଥ୍ୟ ପ୍ରାପ୍ତ ହୋଇପାରିବ । ସର୍ଭେ କାର୍ଯ୍ୟ ସଠିକ୍ ଓ ନିର୍ଭୁଲ ଭାବେ ପରିଚାଳନା କରିବାକୁ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସର୍ଭେରେ ନିୟୋଜିତ ଅଧିକାରୀ ଓ କର୍ମଚାରୀ ମାନେ ଛୁଟୀରେ ରହିପାରିବେ ନାହିଁ । ଆଜି ଠାରୁ ୨୦ ତାରିଖ ପର୍ଯ୍ୟନ୍ତ ନିର୍ଦ୍ଧାରିତ ସେଂଟର ଗୁଡିକ ପ୍ରତିଦିନ ସକାଳ ୧୦ଟାରୁ ଦିନ ୧୨ଟା ଏବଂ ଅପରାହ୍ନ ୩ଟା ଠାରୁ ୫ଟା ପର୍ଯ୍ୟନ୍ତ ଖୋଲା ରହିବ । ମଇ ୨୧ ରୁ ୨୭ ତାରିଖ ପର୍ଯ୍ୟନ୍ତ ସର୍ଭେରେ ନିୟୋଜିତ କର୍ମଚାରୀ ମାନେ ଘରକୁ ଘର ବୁଲି ସର୍ଭେ କରିବେ । ସମସ୍ତ ସରକାରୀ ଛୁଟି ଏପରିକି ରବିବାର ଦିନ ମଧ ସର୍ଭେ କାର୍ଯ୍ୟ ଚାଲୁ ରହିବ । ଆଇନଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ପାଟ୍ରୋଲିଂ କରାଯିବ ।

ଏଠାରେ ଉଲ୍ଲେଖଯୋଗ୍ୟ, ଗଞ୍ଜାମ ଜିଲ୍ଲାରେ ୨୪୦ ୱାର୍ଡ ଏବଂ ୫୦୩ ଗ୍ରାମପଂଚାୟତରେ ଏହି ସର୍ଭେ କାର୍ଯ୍ୟ ହେବ । ଏଥି ସକାଶେ ସମୁଦାୟ ୧୮୩୮ ଗୋଟି ସର୍ଭେ ସେଂଟର ବ୍ୟବସ୍ଥା ହୋଇଛି । ସମୁଦାୟ ୨୨୯୬ ଜଣ ଏନୁମେଟର୍ ଏବଂ ୨୩୬ ଜଣ ସୁପରଭାଇଜରଙ୍କୁ ଦାୟୀତ୍ୱ ପ୍ରଦାନ କରାଯାଇଛି । ବ୍ଲକ୍ ସ୍ତରରେ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଗଣ, ବିଜ୍ଞାପିତ ଅଂଚଳ ଓ ପୌରାଂଚଳରେ କାର୍ଯ୍ୟନିର୍ବାହୀ ଅଧିକାରୀଗଣ ନୋଡାଲ ଅଧିକାରୀ ଭାବେ କାର୍ଯ୍ୟର ସୁପରିଚାଳନା କରୁଛନ୍ତି । ଜିଲ୍ଲା ସ୍ତରରେ ଅତିରିକ୍ତ ଜିଲ୍ଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ଜିଲ୍ଲା ସ୍ତରୀୟ ନୋଡାଲ ଅଧିକାରୀ ଭାବେ ଦାୟୀତ୍ୱ ସମ୍ପାଦନ କରୁଛନ୍ତି । ଏ କ୍ଷେତ୍ରରେ ଡେପୁଟି କଲେକ୍ଟର ସୁକାନ୍ତ ମିଶ୍ର ସୁପରିଚାଳନା ଦାୟୀତ୍ୱରେ ରହିଛନ୍ତି ।

ପ୍ରକାଶ ଥାଉକି, ଏଥି ସକାଶେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଗତ ଶୁକ୍ରବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଏକ ସଚେତନତା ରଥର ଶୁଭାରମ୍ଭ କରିଥିଲେ ।

# ଜନ ଶିକ୍ଷଣ ସଂସ୍ଥାନ ଭଦ୍ରକ ଦ୍ୱାରା ଆନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ

ଭଦ୍ରକ, ୦୩/୦୫ (ନି.ପ୍ର): ଜନ ଶିକ୍ଷଣ ସଂସ୍ଥାନ, ଭଦ୍ରକ ତରଫରୁ ଆନ୍ତର୍ଜାତୀୟ ଶ୍ରମିକ ଦିବସ ଭଦ୍ରକ ଜିଲ୍ଲା କାର୍ଯ୍ୟାଳୟରେ ପାଳିତ ହୋଇ ଯାଇଛି । ଏହି ଅବସରରେ ସଂସ୍ଥାନର ନିର୍ଦ୍ଦେଶିକା ଆରତୀ ସାହୁଙ୍କ ଅଧକ୍ଷତାରେ ଏକ ସାଧାରଣ ସଭା ଓ ସଚେତନତା କାର୍ଯ୍ୟକ୍ରମ ଶ୍ରମିକଙ୍କ ଅଧିକାର ନିୟମ ବିଷୟରେ ଆଲୋଚନା କରାଯାଇଥିଲା । ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କର୍ମ ନିୟୋଜନ ଅଧିକାରୀ ଅଜୟ କୁମାର ଦାସ ଏବଂ ସମ୍ମାନନୀୟ ଅତିଥି ଭାବେ ଆଇନଜୀବୀ ପବନ ଶର୍ମା, ଅବସରପ୍ରାପ୍ତ ଇଂରାଜୀ ପ୍ରାଧାପକ ସଂଗ୍ରାମ କିଶୋର ମହାନ୍ତି ଯୋଗ ଦେଇଥିଲେ । ପ୍ରାରମ୍ଭରେ ସଂସ୍ଥାର ପ୍ରୋଗ୍ରାମ ଅଫିସର ମିଲୁ କୁମାର ମହାନ୍ତି ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଦାସ ସରକାରଙ୍କ ଦ୍ୱାରା ପ୍ରଣୟ କରାଯାଉଥିବା ଓ ଉପଲବ୍ଧ ହେଉଥିବା ଶ୍ରମିକ କଲ୍ୟାଣ ଯୋଜନା ବିଷୟରେ ଆଲୋକପାତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷା ନେଉଥିବା ଛାତ୍ରୀମାନଙ୍କ ମଧ୍ୟରେ ଏକ ମେହେନ୍ଦି ପ୍ରତିଯୋଗିତା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୮୨ରୁ ଉର୍ଦ୍ଧ୍ୱ ପ୍ରଶିକ୍ଷାର୍ଥୀ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଜନ ଶିକ୍ଷଣ ସଂସ୍ଥାନର କମ୍ପ୍ୟୁଟର ଅପରେଟର ରଶ୍ମି ରଂଜନ ସାହୁ, ଆକାଉଣ୍ଟ ଅଫିସର ବିଶ୍ୱଜିତ୍ ବେହେରା, ସବିତା ଯେନା ପରିଚାଳନା କରିଥିଲେ । ଶେଷରେ ସଂସ୍ଥାନର ଆସିଷ୍ଟାଣ୍ଟ ପ୍ରୋଗ୍ରାମ ଅଫିସର ଗଜେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ବିପର୍ଯ୍ୟସ୍ତ ବାମନଘାଟି ସ୍ୱାସ୍ଥ୍ୟ ସେବା ସମାଧାନ ପ୍ରସଙ୍ଗ

# ଦୁଇମାସ ମଧ୍ୟରେ ସମାଧାନ ପାଇଁ ପଦକ୍ଷେପ ନ ନେଲେ ଆନ୍ଦୋଳନ ଚେତାବନୀ



ବାରିପଦା, ୦୩/୦୫ (ନି.ପ୍ର): ମୟୁରଭଂଜ ଜିଲ୍ଲା ବାମନଘାଟି ଉପଖଣ୍ଡର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାକୁ ସୁଧାରିବା ଦାବୀ ନେଇ ମେ ପହିଲା ଠାରୁ ତିରିଂ ବ୍ଲକ ଠାରୁ ଆରମ୍ଭ ହୋଇ ମେ ୪ତାରିଖ ବାରିପଦା ଜିଲ୍ଲାପାଳଙ୍କ ଅଫିସ ପହଞ୍ଚିବାର କାର୍ଯ୍ୟକ୍ରମ ଥିଲା ମାତ୍ର ମୟୁରଭଞ୍ଜ ଜିଲ୍ଲା ପ୍ରଶାସନ ତରଫରୁ ସ୍ୱାସ୍ଥ୍ୟ ସମସ୍ୟା ଦୂର କରିବା ନେଇ ଅଲୋଚନା ସକାଶେ ଆଜି ବାରିପଦା ସ୍ଥିତ ଉପଜିଲ୍ଲାପାଳଙ୍କ ଅଫିସେର ଭଞ୍ଜେସନା ପ୍ରତିନିଧି ମଣ୍ଡଳୀଙ୍କୁ ଡାକି ଅଲୋଚନା କରିଥିଲେ, ଅଲୋଚନା ସମୟେର ଭଞ୍ଜେସନା ପ୍ରତିନିଧି ମଣ୍ଡଳୀଙ୍କ ସେମତ ମୟୁରଭଞ୍ଜ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ରୁପଭାନୁ ମିଶ୍ର, ବାରିପଦା ଉପଜିଲ୍ଲାପାଳ, ବାରିପଦା ପୋଲିସ ଏସ.ଡି.ପି.ଓ ଏବଂ ଅନ୍ୟାନ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଆଲୋଚନାରେ ରାଇରଙ୍ଗପୁର ରେ ନୂତନ ସର୍ଜରୀ ସ୍ପେଶାଲିଷ୍ଟ ଡକ୍ଟର ନିଯୁକ୍ତି, ଡ଼ାଇରିଆ ୱାଡର୍ରେ ଅଧିକ ଶଯ୍ୟା ଯୋଡ଼ାଯିବା, ନୂତନ ଡାଇଲିସିସ ସେଣ୍ଟର ନିର୍ମାଣ କରାଯିବା, ମେ ମାସ ଶେଷ ସପ୍ତାହ ଆଡକୁ ସାରା ରାଜ୍ୟେର ନୂତନ ନିଯୁକ୍ତି ପାଉଥିବା ଡାକ୍ତର ମାନଙ୍କ ମଧ୍ୟରୁ ସମଗ୍ର ମୟୁରଭଞ୍ଜର ବାମନଘାଟି ଉପଖଣ୍ଡ କୁ ସର୍ବାଧିକ ଡାକ୍ତର ପ୍ରଦାନ କରାଯିବା, ଜିଲ୍ଲା ଖଣିଜ ପାଣ୍ଠିର ସିଂହ ଭାଗ ଖଣି ଖାଦାନ ଏରିଆର ସ୍ୱାସ୍ଥ୍ୟ କ୍ଷେତ୍ରେର ଖର୍ଚ୍ଚ କରାଯିବା, ସ୍ୱାସ୍ଥ୍ୟ କ୍ଷେତ୍ରେର ଚୁକ୍ତି ଭିତିକ ନିଯୁକ୍ତିରେ ସ୍ଥାନୀୟ ପିଲାଙ୍କୁ ଅଗ୍ରାଧିକାର ପ୍ରଦାନ କରାଯିବା ଆଦି ଦାବୀ କରିଥିଲେ। ଉପସ୍ଥିତ ସରକାରୀ ଅଧିକାରୀଙ୍କ ସମ୍ମୁଖେର ଆଗାମୀ ଦୁଇ ମାସ ମଧ୍ୟେର ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରତିଶୃତି ପ୍ରଦାନ କରିଛନ୍ତି । ତାସହିତ ବାଙ୍ଗିରପୋଷି ଓ କୁଳିଅଣା ବ୍ଲକର ସ୍ୱାସ୍ଥ୍ୟ ସମସ୍ୟା ଗୁଡିକ ମଧ ଯଥାଶୀଘ୍ର ସମାଧାନ ପାଇଁ ପ୍ରତିଶୃତି ପ୍ରଦାନ କରିଥିଲେ । ପ୍ରତିଶ୍ରୁତି ପାଳନ ନକେଲ ଦୁଇ ମାସ ପେର ଭଞ୍ଜେସନା ପକ୍ଷରୁ ଜୋରଦାର ଅନ୍ଦୋଳନ ହେବ୍ବାଲି ସଂଗଠନର କମର୍କର୍ତ୍ତା ମତାେ ପ୍ରକାଶ କରିଥିଲେ. ତାସହିତ ଆସନ୍ତା କାଲି ଠାରୁ ତିରିଂ ବ୍ଲକ ରୁ ଆରମ୍ଭ ହେବାକୁ ହେବାକୁ ଥିବା ସାଇେକଲ ରାଲି ଅଲୋଚନା ପେର ବତର୍ମାନ ପାଇଁ ସ୍ଥଗିତ ରଖାଯାଇଛି ବୋଲି ମଧ ସଂଗଠନ ପକ୍ଷରୁ କୁହାଯାଇଅଛି । ଆଜିର ଅଲୋଚନେର ଭଞ୍ଜେସନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ସେମତ ବହଳଦା ନିର୍ବାଚନ ମଣ୍ଡଳୀର ଦୁଇ ଦୁଇ ଥରର ପୂର୍ବତ୍ତନ ବିଧାୟକ ଖେଲାରାମ ମାହାଲି, ଭଞ୍ଜେସନା କାର୍ଯ୍ୟକାରୀ ଅଧକ୍ଷ ସଂଜୀବ ରାଉତ, ଉପାଧକ୍ଷ ମହମ୍ମଦ ଅଲ୍ଲୀ ଖାନ, ଜିଲ୍ଲା ସଭାପତି ପିଣ୍ଟୁ ମାଇତି, ଜିଲ୍ଲା ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, ଓବିସି ଶାଖା ସଭାପତି ରାକେଶ ବେହେରା, ବାମନଘାଟି ଉପଖଣ୍ଡ ଶାଖା ସଭାପତି ଇଂ ରମଜାନ ବେଗ, ବାମନଘାଟି ଉପଖଣ୍ଡ ଆଦିବାସୀ ଶାଖା ସଭାପତି ସୁନ୍ଦର ମୋହନ ଟୁଡୁ, ଜିଲ୍ଲା ଯୁବ ଶାଖା ସଭାପତି ସୌମ୍ୟରଞ୍ଜନ ମିଶ୍ର, ପ୍ରମୁଖ ଉପସ୍ଥିତ ଥିଲେ ।

# ନୂତନ ରେକର୍ଡ ସ୍ଥାପନା ପାଇଁ ସେଲ ରାଉରକେଲା ଇସ୍ପାତ କାରଖାନାର ଏସଏମଏସ-୨ ସାମୁଦାୟିକଙ୍କୁ ଭାରପ୍ରାପ୍ତ ନିର୍ଦ୍ଦେଶକଙ୍କ ଅଭିନନ୍ଦନ



ରାଉରକେଲା, ୦୩/୦୫ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ, ଶ୍ରୀ ଅତନୁ ଭୌମିକ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ସଦ୍ୟତମ ରେକର୍ଡ ସ୍ଥାପନା ପାଇଁ ଅଭିନନ୍ଦନ ଜ୍ଞାପନ ନିମନ୍ତେ ଷ୍ଟିଲ୍ ମେଲ୍ଟିଂ ସପ-୨ ବିଭାଗ ପରିଦର୍ଶନ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ଏସଏମଏସ-୨ର କଣ୍ଟିନ୍ୟୁୟସ କାଷ୍ଟିଂ ମେସିନ୍ -୨ (ସିସିଏମ-୨) ୨୨୨ଟି ହିଟ୍ ର ସର୍ବକାଳୀନ ଶ୍ରେଷ୍ଠ କାଷ୍ଟିଂ ସିକ୍ୱେନ୍ସ ପଞ୍ଜିକରଣ କରିଛି ଯାହା ନା କେବଳ ଆରଏସପିର ବରଂ ସମଗ୍ର ସେଲ ମଧରେ ଦୀର୍ଘତମ ହିଟ ସିକ୍ୱେନ୍ସ ଅଟେ ।

ଶ୍ରୀ ଭୌମିକଙ୍କ ସହିତ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏସ୍ ଆର ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ପି କେ ଶତପଥୀ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ପି କେ ସାହୁ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସୋମନାଥ ତ୍ରିପାଠୀ ଏବଂ ଖଣି ବିଭାଗର ସିଜିଏମ ଇନ ଚାର୍ଜ, ଶ୍ରୀ ପି କେ ରଥ ଏହି ପରିଦର୍ଶନରେ ସାମିଲ ଥିଲେ । ଏହି ଅବସରରେ ବହୁ ବିଭାଗ ମୁଖ୍ୟ ତଥା କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ବହୁ ସଂଖ୍ୟାରେ ଏସଏମଏସ-୨ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ ।

ସାମୁଦାୟିକଙ୍କୁ ଶ୍ରୀ ଭୌମିକ ଅଭିନନ୍ଦନ ଜଣାଇବା ସହ ଦଳଗତ କାର୍ଯ୍ୟ ତଥା ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟର ଉଚ୍ଚ ପ୍ରଶଂସା କରିଥିଲେ । କର୍ମଚାରୀମାନଙ୍କୁ ଅଧିକ ପ୍ରୟାସ କରିବାକୁ ଉତ୍ସାହିତ କରିବା ସହ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ ସମସ୍ତ ପ୍ରୟାସ କରିବାକୁ ଅନୁପ୍ରେରିତ କରିଥିଲେ । ସେ ତିନୋଟି ପରିମାପକତା ଯଥା ପ୍ରଦର୍ଶନରେ ନିରବଚ୍ଛିନ୍ନତା, ଗୁଣବତ୍ତା ଓ ମୂଲ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ ଯାହା କାରଖାନାକୁ ଉଚ୍ଚତର ସୋପାନରେ ପହଞ୍ଚାଇବ । ଡ଼ିଆଇସି ଏସଏମଏସ-୨ ବିଭାଗୀୟ ଦଳଙ୍କୁ ପୁଷ୍ପ ଏବଂ ମିଷ୍ଟାନ୍ନ ପ୍ରଦାନ କରିଥିଲେ ।

ଏକ ମହତ୍ତ୍ୱପୂର୍ଣ୍ଣ ମାଇଲଖୁଣ୍ଟରେ ପହଞ୍ଚିବା ପାଇଁ ଶ୍ରୀ ସୂର୍ଯ୍ୟବଂଶୀ ଏସଏମଏସ-୨ ଏବଂ ସମସ୍ତ ସମ୍ପୃକ୍ତ ବିଭାଗଙ୍କୁ ଅଭିନନ୍ଦନ ଜଣାଇଥିଲେ । ୩୦୦ ଟି ହିଟର ପରବର୍ତ୍ତୀ ସିକ୍ୱେନ୍ସ ଲକ୍ଷ୍ୟ ହାସଲ କରିବାକୁ ସେ ବିଭାଗକୁ ଆହ୍ୱାନ ଦେଇଥିଲେ । ସୁରକ୍ଷିତ ଏବଂ ପରିବେଶ ଅନୁକୂଳ ଇସ୍ପାତ ଉତ୍ପାଦନ ପାଇଁ ସେମାନଙ୍କର ସଂକଳ୍ପକୁ ଦୋହରାଇବା ପାଇଁ ସେ ସମସ୍ତଙ୍କୁ ଉତ୍ସାହିତ କରିଥିଲେ ।

ସୂଚନାଯୋଗ୍ୟ ଯେ, ସିସିଏମ-୨ ଗତ ଅପ୍ରେଲ ୧୭ ତାରିଖ ୧୫.୪୨ ଘଣ୍ଟା ସମୟରେ ଏହି ସିକ୍ୱେନ୍ସ ଆରମ୍ଭ କରିଥିଲା ଏବଂ ଅପ୍ରେଲ ୨୮ ତାରିଖ ୧୪.୪୨ ଘଣ୍ଟାରେ ୨୬୩ ଘଣ୍ଟାର ରେକର୍ଡ ସମୁଦାୟ କାଷ୍ଟିଂ ସମୟ ସହିତ ଏହାକୁ ସମାପ୍ତ କରିଥିଲା । ଏହି ପ୍ରକ୍ରିୟାରେ, ୟୁନିଟ୍ ୩୫୨୭୫ ଟନ୍ ଅଶୋଧିତ ଇସ୍ପାତ (୨୦୭୧ ଟି ସ୍ଲାବ୍) ଉତ୍ପାଦନ କରିଥିଲା ଯାହାମଧରେ ୨୫ ଟଣ୍ଡିଶ୍ ଫ୍ଲାଇଙ୍ଗ୍ ଏବଂ ସମୁଦାୟ କାଷ୍ଟର ଦୈର୍ଘ୍ୟ ୧୬୪୦୭ ମିଟର ରହିଥିଲା ।

ସେକେଣ୍ଡାରୀ ଷ୍ଟିଲ୍ ୟୁନିଟ୍ ଏବଂ ଏସଏମଏସ-୨ର ବେସିକ ଅକ୍ସିଜେନ ଫର୍ଣ୍ଣେସ ଆବଶ୍ୟକୀୟ ଗୁଣମାନ, ବିଶ୍ଳେଷଣ ଏବଂ ତାପମାତ୍ରାର ତଥା ସଠିକ୍ ସମୟରେ ଉତ୍ତାପ ଉପଲବ୍ଧ କରାଇ ଏହି ସଫଳତାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏହି ପ୍ରକାରର ଦୀର୍ଘ ସିକ୍ୱେନ୍ସ କାଷ୍ଟିଂ କରିବା ପୂର୍ବରୁ ହାସଲ ହୋଇନଥିବା ପରିପ୍ରେକ୍ଷୀରେ ଏହା ଅତ୍ୟନ୍ତ ଆହ୍ୱାନମୂଳକ ରହିଥିଲା । କିନ୍ତୁ ସମଗ୍ର ଉତ୍ପାଦନ ଶୃଙ୍ଖଳ ଏବଂ ସହାୟକ ଏଜେନ୍ସି ଯଥା ମେକାନିକାଲ୍, ଇଲେକ୍ଟ୍ରିକାଲ୍, ଇନଷ୍ଟ୍ରୁମେଣ୍ଟେସନ୍, ରିସର୍ଚ୍ଚ ଆଣ୍ଡ କଣ୍ଟ୍ରୋଲ୍ ଲ୍ୟାବ୍ ଏବଂ ଉତ୍ପାଦନ ଯୋଜନା ଓ ନିୟନ୍ତ୍ରଣ (ପିପିସି) ବିଭାଗର ମିଳିତ ପ୍ରୟାସ ଦ୍ୱାରା ଏହି ସଫଳତା ହାସଲ ହୋଇପାରିଥିଲା ।

ଏସଏମଏସ-୨ ବିଭାଗର ସିଜିଏମ ଶ୍ରୀ ଟି ପି ଶିବଶଙ୍କରଙ୍କ ନେତୃତ୍ୱରେ ବିଭାଗୀୟ ସାମୁଦାୟିକ ଉଚ୍ଚ ପ୍ରବନ୍ଧନର ଆଶାଆକାଂକ୍ଷା ପୂରଣ ନିମନ୍ତେ ସମସ୍ତ ପ୍ରୟାସ କରିବେ ବୋଲି ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲେ ।

# ସେଲ ଆରଏସପିର ସିପିପି-୧ ବିଭାଗରେ ଠିକା ଶ୍ରମିକ ପୁରସ୍କୃତ



ରାଉରକେଲା, ୦୩/୦୫ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର କ୍ୟାପ୍ଟିଭ୍ ପାୱାର୍ ପ୍ଲାଣ୍ଟ-୧ ବିଭାଗରେ ନିୟୋଜିତ ୧୫ ଜଣ ଠିକା ଶ୍ରମିକଙ୍କୁ ଅପ୍ରେଲ ୨୭ ତାରିଖରେ ବିଭାଗରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଥିଲା । ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଜିଏମ ଇନ ଚାର୍ଜ, ଶ୍ରୀମତୀ ଆଶା କାର୍ଥା ଏହି ଉତ୍ସବରେ ଅଧକ୍ଷତା କରିଥିଲେ । ଏହି ଅବସରରେ ସିପିପି-୧ ବିଭାଗର ଜିଏମ୍, ଏନ ସି ପରିଡା, ଜିଏମ ଇନ ଚାର୍ଜ, ଶ୍ରୀ ଏସ୍ ଏଲ୍ ଦାସ, କାର୍ମିକ ବିଭାଗର ଜିଏମ ଶ୍ରୀ ଏସ୍ କେ ମେହରୋତ୍ରା, ସିପିପି-୧ ବିଭାଗର ଜିଏମ ଶ୍ରୀ ବି ଭି ଦାଶ ଓ ଶ୍ରୀ ଜେ ସିଂହ ଉପସ୍ଥିତ ଥିଲେ ।ମାନ୍ୟଗଣ୍ୟ ବ୍ୟକ୍ତିମାନେ ଠିକା ଶ୍ରମିକମାନଙ୍କୁ ସେମାନଙ୍କର ଉଦାହରଣୀୟ ଯୋଗଦାନ ନିମନ୍ତେ ଟୋକନ୍ ଉପହାର ପ୍ରଦାନ କରିଥିଲେ । ଏହି ଅବସରରେ ଶ୍ରୀମତୀ କାର୍ଥା ଶୂନ୍ୟ ଶାରୀରିକ ଖ୍ୟାତି ଲକ୍ଷ୍ୟ ହାସଲ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ପ୍ଲାଣ୍ଟରେ ଏକ ସୁରକ୍ଷିତ କାର୍ଯ୍ୟ ସଂସ୍କୃତିର ବିକାଶ ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ବିଭିନ୍ନ ମେକାନିକାଲ କାର୍ଯ୍ୟଧାରା ଯଥା ଗ୍ୟାସ୍ ଲାଇନ୍ ବ୍ଲାଙ୍କିଙ୍ଗ୍ / ଡି-ବ୍ଲାଙ୍କିଂ କାର୍ଯ୍ୟ, ବଏଲର ଚାପ ଅଂଶ ଯାଞ୍ଚ, ରକ୍ଷଣାବେକ୍ଷଣ, ଟର୍ବୋ ବ୍ଲୋୟର ଫିଲ୍ଟର ସଫା କରିବା, ଜେନେରେଟର କୁଲର୍ ଟ୍ୟୁବ୍ ସଫା କରିବା ଏବଂ ବୈଦ୍ୟୁତିକ ପ୍ୟାନେଲ୍ ୱାୟରିଙ୍ଗ ଏବଂ ମରାମତି, ବିଭିନ୍ନ ମୋଟର ଏବଂ ଆକ୍ଟୁଏଟର୍ ଓଭରହଲିଙ୍ଗ ଭଳି ଯାନ୍ତ୍ରିକ କାର୍ଯ୍ୟରେ ଉଲ୍ଲେଖନୀୟ ଯୋଗଦାନ ନିମନ୍ତେ ଠିକା ଶ୍ରମିକଙ୍କୁ ପୁରସ୍କୃତ କରାଯାଇଥିଲା । ଉଲ୍ଲେଖଯୋଗ୍ୟ ଯେ, ସିପିପି-୧ ବିଭାଗ ଆରଏସପିର ଏକ ପ୍ରମୁଖ ବିଭାଗ ଯାହା ବର୍ଗ-୧ରେ ମହତ୍ତ୍ୱପୂର୍ଣ୍ଣ ବିଦ୍ୟୁତ ଉତ୍ପାଦନ କରିଥାଏ ଏବଂ ବ୍ଲାଷ୍ଟ ଫର୍ଣ୍ଣେସକୁ କୋଲ୍ଡ ବ୍ଲାଷ୍ଟ ଯୋଗାଇଥାଏ । ଏଥିରେ ୧୬ଟି ବୟଲର, ୫ଟି ଟର୍ବୋ ଅଲ୍ଟରନେଟର, ୮ ଟର୍ବୋ ବ୍ଲୋୟର, ପିବିଏସ୍, ସିଡିସିପି ଏବଂ ବିପିଟିଜି, ଟିଆରଟିଜି, ସିଏଚପି, ଏମପି ବଏଲର ରହିଛି ଯାହାର କାର୍ଯ୍ୟକାରିତା ଏବଂ ରକ୍ଷଣାବେକ୍ଷଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ।

# ନୂତନ ବନୀକରଣ ପାଇଁ ଆଧୁନିକ ପ୍ରଣାଳୀ ବିହନର ପ୍ରୟାସ

ବଲାଙ୍ଗିର, ୦୩/୦୫ (ନି.ପ୍ର): ଜଙ୍ଗଲ ନଷ୍ଟ ହେବା ଏବଂ ଜଙ୍ଗଲ ନଷ୍ଟ ହେବାର ଆହ୍ୱାନର ମୁକାବିଲା ପାଇଁ ବୃକ୍ଷରୋପଣ ଏକ ଗୁରୁତ୍ୱପୂର୍ଣ୍ଣ ଉପକରଣ ଭାବରେ ଉଭା ହୋଇଛି । ଅବଶ୍ୟ ଜଙ୍ଗଲ ଇକୋସିଷ୍ଟମର ଦୀର୍ଘସ୍ଥାୟୀ ସ୍ଥିରତା ନିଶ୍ଚିତ କରିବାକୁ ବୃକ୍ଷରୋପଣ ପାଇଁ ଉଚ୍ଚମାନର ବିହନ ରହିବା ଜରୁରୀ । ସାଂପ୍ରତିକ ସମୟରେ, ବିଶେଷ କରି ବନୀକରଣ କ୍ଷେତ୍ରରେ ବିହନ ଉତ୍ପାଦନ ଦିଗରେ ଏକ ପରିବର୍ତ୍ତନ ଆସିଛି । ଏହାଦ୍ୱାରା ବୃକ୍ଷରୋପଣରେ ୬ ମାସ ପୁରୁଣା ବିହନ ରଦ୍ଦ ହୋଇଗଲା ଏବଂ ସ୍ଥାୟୀ ନର୍ସରୀଗୁଡ଼ିକରେ ୧୮ ମାସର ବିହନ ଉତ୍ପାଦନ ଆଡକୁ ଧ୍ୟାନ ଦିଆଗଲା । ୧୮ ମାସର ବିହନ ପ୍ରତି ଏହି ପରିବର୍ତ୍ତନର ଅନେକ ସୁବିଧା ଅଛି । ପ୍ରଥମତଃ ଏହି ବିହନଗୁଡିକ ଅଧିକ କ୍ଷେତରେ ସ୍ଥାନାନ୍ତରିତ ହେଲେ ଏକ ଭଲ ବଂଚିବାର ହାର ଥାଏ । ଏହାର କାରଣ ହେଉଛି ସେମାନଙ୍କର ଏକ ସୁ-ବିକଶିତ ମୂଳ ପ୍ରଣାଳୀ ଅଛି, ଯାହା ସେମାନଙ୍କୁ ମାଟିରୁ ଜଳ ଏବଂ ପୋଷକ ତତ୍ୱକୁ ଅଧିକ ଦକ୍ଷତାର ସହିତ ଗ୍ରହଣ କରିବାରେ ସକ୍ଷମ କରିଥାଏ । ଦ୍ୱିତୀୟତଃ ୧୮ ମାସର ବିହନଗୁଡିକର ଏକ ଭଲ ଷ୍ଟେମ୍ ଟେପର ଏବଂ ରୁଟ୍-କଲାର ବ୍ୟାସ ଅଛି, ଯାହା ବିହନ ଗୁଣର ଗୁରୁତ୍ୱପୂର୍ଣ୍ଣ ସୂଚକ । ତୃତୀୟତଃ, ଏହି ବିହନଗୁଡିକ ବାୟୋଟିକ୍ ଏବଂ ଆବିଓଟିକ୍ ଚାପ ଯେପରିକି ମରୁଡ଼ି, କୀଟନାଶକ ଏବଂ ରୋଗ ପ୍ରତି ଅଧିକ ପ୍ରତିରୋଧୀ, ଯାହା ବୃକ୍ଷରୋପଣ ଜଙ୍ଗଲରେ ସାଧାରଣ ସମସ୍ୟା ଅଟେ । ୧୮ ମାସର ବିହନ ବୁଣିବାର ଆବଶ୍ୟକତାକୁ ଦୃଷ୍ଟିରେ ରଖି କେତେକ ଭିତିଭୂମି ଯେପରିକି ଗଭୀର ବୋର କୂଅ, ସାଇଟ୍ ଲେଭେଲିଂ, ଫେନସିଂ, ୱାଟର ପମ୍ପ ଇତ୍ୟାଦି ବିକାଶ କରାଯାଇଥିଲା । ଏହି ଭିତିଭୂମି ନିଶ୍ଚିତ କରିବାକୁ ସାହାଯ୍ୟ କରିଛି ଯେ, ବିହନଗୁଡିକ ପର୍ଯ୍ୟାପ୍ତ ସ୍ଥାନ ଏବଂ ଜଳ ପାଇବ, ଯାହା ସେମାନଙ୍କର ବୃଦ୍ଧି ଏବଂ ବିକାଶ ପାଇଁ ଜରୁରୀ ଅଟେ । ସ୍ଥାୟୀ ନର୍ସରୀ ମଧ ନୂତନ ସିଲଭିକଲଚୁରାଲ୍ କୌଶଳ ଗ୍ରହଣ କରିବାକୁ ସକ୍ଷମ କରିଛି, ଯାହାଦ୍ୱାରା ଉଦ୍ଭିଦ ବୃଦ୍ଧି ଏବଂ ଅଧିକ ଅମଳ ହୋଇଛି । ସ୍ଥାୟୀ ନର୍ସରୀର ବିକାଶ ମଧ ନର୍ସରୀ ଅନୁସନ୍ଧାନ ଏବଂ ସିଲଭିକଲଚରାଲ୍ ଉନ୍ନତି ପାଇଁ ଏକ ସୁଯୋଗ ସୃଷ୍ଟି କରିଛି । ସର୍ବୋତମ ନର୍ସରୀ ଅଭ୍ୟାସ ନିର୍ଣ୍ଣୟ କରିବା ଏବଂ ବିହନର ଗୁଣରେ ଉନ୍ନତି ଆଣିବା ପାଇଁ ନୂତନ କୌଶଳ ବିକାଶ ପାଇଁ ବନବାସୀ ବର୍ତମାନ ପରୀକ୍ଷଣ କରିପାରିବେ । ଏହା କେବଳ ଉଦ୍ଭିଦ ବୃଦ୍ଧିରେ ଉନ୍ନତି ଆଣିବ ନାହିଁ ବରଂ ବିହନ ଉତ୍ପାଦନର ମୂଲ୍ୟ ହ୍ରାସ କରିବାରେ ମଧ ସାହାଯ୍ୟ କରିବ । ଏହା କେବଳ ବିହନର ଗୁଣରେ ଉନ୍ନତି ଆଣିବ ନାହିଁ ବରଂ ଜଙ୍ଗଲ ସମ୍ପଦର ନିରନ୍ତର ପରିଚାଳନାରେ ମଧ ସାହାଯ୍ୟ କରିବ ।

# ଶ୍ରମିକ ଦିବସରେ ବିଦ୍ୟୁତ କର୍ମଚାରୀଙ୍କ ସମାବେଶ

## ଶ୍ରମିକଙ୍କୁ ସବର୍ନିମ୍ନ ମଜୁରୀ ପ୍ରଦାନ ନେଇ ଦାବି




ବାରିପଦା , ୦୩/୦୫ (ନି.ପ୍ର): ନେସ୍କୋ ପାୱାର ଇଜ ୟୁନିୟନ ପକ୍ଷରୁ ସ୍ଥାନୀୟ ଶହୀଦ ସ୍ମୃତି ଭବନ ଠାରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଶ୍ରମିକ ଜାତି ଉପରେ ହୋଇଥିବା ଅନ୍ୟାୟ ଅତ୍ୟାଚାର ଶୋଷଣ ବିରୋଧରେ ଆମେରିକାର ଚିକାଗୋ ସହରରେ ୦୧ ମେ ୧୮୮୬ ମସିହାରେ ହୋଇଯାଇଥିବା ବୈପ୍ଲବିକ ଐତିହାସିକ ଆନ୍ଦୋଳନକୁ ମେନ ପକାଇ ଆନ୍ଦୋଳନରେ ଶହୀଦ ହୋଇଥିବା ଶ୍ରମିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବାସହ ଏହି ଦିବସକୁ ବିଶ୍ୱ ଶ୍ରମିକ ଦିବସ ଭାବରେ ପାଳନ କରାଯାଉଛି। ବର୍ତ୍ତମାନ ପରିସ୍ଥିତିରେ ଠିକା ପ୍ରଥା ବା ଶୋଷଣ ପ୍ରଥାକୁ ପ୍ରାଧାନ୍ୟ ଦେଇ ପୁଞ୍ଜିପତି ମାନେ ଶ୍ରମିକ ମାନଙ୍କୁ ଶୋଷଣ କରିବା ଏକ ନୂତନ ଆନ୍ଦୋଳନ ଗଢ଼ି ତୋଳିବାର ସୁଯୋଗ ପ୍ରଦାନ କରୁଛନ୍ତି ବୋଲି ବକ୍ତା ମାନେ ମତବ୍ୟକ୍ତ କରିଥିଲେ । ପୂର୍ବତନ ଉପ ବାଚସ୍ପତି ତଥା ସଙ୍ଘର ଉପଦେଷ୍ଟା ସାନନ୍ଦ ମାରାଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ମୁଖ୍ୟଅତିଥି ଭାବରେ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ବାସନ୍ତୀ ହେମ୍ବ୍ରମ ଯୋଗଦେଇ ଶ୍ରମିକ ମାନଙ୍କର ଦେଶ ପାଇଁ ଅବଦାନ ଏବଂ ସେମାନଙ୍କ ସଂଘଷର୍ର କାହାଣୀ ବିଷୟେର ଅାଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେର ପୂର୍ବତନ ମନ୍ତ୍ରୀ ତଥା ବାଙ୍ଗିରିପୋଷି ବିଧାୟକ ଶ୍ରୀଯୁକ୍ତ ସୁଦାମ ମାରାଣ୍ଡି, ମୋରଡ଼ା ବିଧାୟକ ରାଜକିଶୋର ଦାସ, ବାରିପଦା ପୌରପରିଷଦ ଅଧକ୍ଷ କୃଷ୍ଣାନନ୍ଦ ମହାନ୍ତି, ଆଦିବାସୀ ଓ ହରିଜନ ଉନ୍ନୟନ ବିଭାଗର ଉପଦେଷ୍ଟା ତଥା ପୂର୍ବତନ ସାଂସଦ ସରୋଜିନୀ ହେମ୍ବ୍ରମ, ଟିପିଏନଓଡିଏଲର ମୁଖ୍ୟ ମାନବସମ୍ବଳ ଅଧିକାରୀ ଶ୍ରୀବଲ୍ଲଭ ସିଂ, ମାନବସମ୍ବଳ ଡେପୁଟି ମ୍ୟାନେଜର ମାନସ ସ୍ୱାଇଁ, ନେସ୍କୋ ପାୱାର ଇଞ୍ଜିନିୟର ଆସୋସିଏସନର ସଭାପତି ସୁରେନ୍ଦ୍ର ନାଥ ଦାସ, ସଂଘର ଜିଲ୍ଲା ସଭାପତି ସୁବ୍ରମନ୍ୟମ ମହାନ୍ତି, ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘର ଯୁଗ୍ମ ସମ୍ପାଦକ ପ୍ରିୟବ୍ରତ ନାୟକ ଓ ସଙ୍ଘ ର ଉପ ସାଧାରଣ ସମ୍ପାଦକ ଜ୍ୟୋତି କୃଷ୍ଣ ବେହେରା ପ୍ରମୁଖ ଯୋଗେଦଇ ବିଦ୍ୟୁତ କର୍ମଚାରୀ ମାନଙ୍କର କାର୍ଯ୍ୟ କୁ ପ୍ରଶଂସା କରିଥିଲେ. ଶ୍ରମିକ ଦିବସ ଉପଲେକ୍ଷ କର୍ମଚାରୀଙ୍କ ଭିତେର ହୋଇଥିବା କୁଇଜ ପ୍ରତିଯୋଗିତାର ୫ ଜଣ ବିଜେତାଙ୍କୁ ଫଳକ ପ୍ରଦାନ ଏବଂ ସଙ୍ଘର ବରିଷ୍ଠ କର୍ମକର୍ତ୍ତା ଯୋଗେଶ ଚନ୍ଦ୍ର ଅଗସ୍ତିଙ୍କୁ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ବିଦ୍ୟୁତ ଶ୍ରମିକ ଏବଂ ଇଉନିଅନର ମୁଖ୍ୟ ଦାବି ଗୁଡ଼ିକୁ ତୁରନ୍ତ ସମାଧାନ କରିବା ପାଇଁ ଅତିଥି ଭାବେ ଯୋଗଦେଇଥିବା ବିଭାଗୀୟ ଅଧିକାରୀ ମାନେ ପଦେକ୍ଷପ ନେବେ ବୋଲି କହିଥିଲେ । ସଂଘର ଡିଭିଜନାଲ ସମ୍ପାଦକ ଶ୍ରୀ ଚନ୍ଦନ କୁମାର ମହାନ୍ତି ଉପସ୍ଥିତ ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ ଦେବା ସହ ଆଜିକାର ସମାବେଶେର ଯୋଗେଦଇ ସମାବେଶକୁ ସଫଳ କରିଥିବା ୧୫୦୦ ରୁ ଉର୍ଦ୍ଧ ଠିକା ଓ ସ୍ଥାୟୀ କର୍ମଚାରୀ ଏବଂ ସଂଘର ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଥିଲେ । ଉକ୍ତ ସମାବେଶେର ସଂଘର ବରିଷ୍ଠ କର୍ମକର୍ତ୍ତା ଦେବାଶିଷ ବେହେରା, ଦିପ୍ତୀକାନ୍ତ ଭୂୟାଁ, ସତ୍ୟରଞ୍ଜନ ପାଣିଗ୍ରାହୀ, ଆଶିଷ ପୁହାଣ, ଜ୍ଞାନ ରଞ୍ଜନ ପରିଡ଼ା, ଦିପକ ମହାନ୍ତ, ପାଥର୍ସାରଥୀ ଦାସ,ବୁଦ୍ଧେଶ୍ୱର ମାରାଣ୍ଡି, ସିଦ୍ଧେଶ୍ୱର ମହାପାତ୍ର, କୃଷ୍ଣ ପଦ ମହାନ୍ତି,ସୁମନ ସଞ୍ଜିତ ମହାନ୍ତ, ତାପସ ବେହେରା, ଦେିନେଶ କୁମାର ଗୁପ୍ତା, ପ୍ରଶାନ୍ତ କୁମାର , ଚନ୍ଦନ ଜେନା ପ୍ରଭୃତି ଏବଂ ଅନ୍ୟ ବରିଷ୍ଠ କର୍ମକର୍ତ୍ତା ଯୋଗଦେଇ ଥିଲେ।

## ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ନେଲେ ଦିଲ୍ଲୀପ ରାଉତରାଏ

ଭୁବନେଶ୍ୱର, ୦୩/୦୫ (ନି.ପ୍ର): ଦିଲ୍ଲୀପ ରାଉତରାଏ ବୁଧବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନୂତନ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଭାଗର ବରିଷ୍ଠ ଅଧିକାରୀମାନେ ନୂତନ ନିର୍ଦ୍ଦେଶକଙ୍କୁ ସ୍ୱାଗତ କରିବା ସହ ବିଭାଗର ବିଭିନ୍ନ କାର୍ଯ୍ୟପନ୍ଥା ସଂପର୍କରେ ଅବଗତ କରାଇଥିଲେ। ପୂର୍ବରୁ ନିର୍ଦ୍ଦେଶକ ଥିବା ରଞ୍ଜନ କୁମାର ଦାସ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ଭାବେ ବଦଳି ହେବା ପରେ ଶ୍ରୀ ରାଉତରାଏ ତାଙ୍କ ସ୍ଥାନରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ବିଭାଗ ପକ୍ଷରୁ ଅନୁଷ୍ଠିତ ସାଂସ୍କୃତିକ ଦଳ ପରିଚାଳନା ବ୍ୟବସ୍ଥା ସଂପର୍କିତ ଦୁଇଦିନିଆ କର୍ମଶାଳାରେ ଯୋଗଦେଇ ଶ୍ରୀ ରାଉତରାଏ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମକୁ ଜିଲ୍ଲାସ୍ତରରେ ସଫଳତାର ସହ କାର୍ଯ୍ୟକାରୀ କରିବାକୁ ଜିଲ୍ଲା ସଂସ୍କୃତି ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ୫-'ଟି' ଆଧାରରେ ଜନସାଧାରଣଙ୍କୁ ତ୍ୱରିତ ସେବା ଯୋଗାଇଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

# ଜିଲାସ୍ତରୀୟ ଆଧାର ମନିଟରିଂ କମିଟି ବୈଠକ



ବାଲେଶ୍ୱର, ୦୩/୦୫ (ନି.ପ୍ର): ଓଡ଼ିଶା ସରକାରଙ୍କ ବୈଷୟିକ ଓ ସୂଚନା ପ୍ରଯୁକ୍ତି ବିଭାଗ ନିର୍ଦ୍ଦେଶରେ ଗଠିତ ଜିଲା ସ୍ତରୀୟ ଆଧାର ମନିଟରିଂ କମିଟିର ଦ୍ୱିତୀୟ ବୈଠକ ସ୍ଥାନୀୟ ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏହି ବୈଠକରେ ଅଧକ୍ଷତା କରିବା ସହ ଅଧାର ଅପଡେଟ କାର୍ଯ୍ୟ ସମ୍ପାଦନ ଉପରେ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବିଶେଷ କରି ପଛୁଆବର୍ଗ ଜନଗଣନାରେ ଅପଡେଟ ଆଧାର କାର୍ଡ଼ର ଆବଶ୍ୟକତା ସମ୍ପର୍କରେ ଜିଲାପାଳ ସମସ୍ତଙ୍କୁ ଅବଗତ କରିଥିଲେ। ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ଉପ-ଆରକ୍ଷୀ ଅଧୀକ୍ଷକ ବ୍ରଜେଶ୍ୱରୀ ବଳ, ଜିଲା ଶିକ୍ଷା ଅଧିକାରୀ ବିଷ୍ଣୁ ଚରଣ ସୂତାରଙ୍କ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ କୁନ୍ତଳାକୁମାରୀ ମଲିକଙ୍କ ସମେତ ଜିଲା ଇ-ଗଭର୍ଣ୍ଣାନ୍ସ ମ୍ୟାନେଜର, ଡାକ ବିଭାଗ ଅଧିକାରୀ, ଲିଡ୍ ବ୍ୟାଙ୍କ୍ ଅଧିକାରୀ, ମୋ ସେବା କେନ୍ଦ୍ର ସଂଯୋଜକ, ଆଧାର ବିଭାଗୀୟ କର୍ମକର୍ତ୍ତା ଆଦି କମିଟିର ସଦସ୍ୟମାନେ ଏହି ବୈଠକରେ ଯୋଗ ଦେଇ ଜିଲାରେ ଆଧାର ଅପଡେଟର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରକାଶ ଥାଉକି ଆଜିର ସମୟରେ ବିଭିନ୍ନ ସରକାରୀ ଯୋଜନା ତଥା ଅନ୍ୟାନ୍ୟ ସୁବିଧା ସୁଯୋଗ ଓ ସେବାର ଲାଭ ପାଇଁ ଅପଡେଟ ଆଧାର ଅନିବାର୍ଯ୍ୟ ହୋଇଛି। ଆଧାର ଅପଡେଟ ନ କଲେ ଏହା ଅଚଳ ହୋଇଯିବାର ଆଶଙ୍କା ଥିବାରୁ ସରକାରୀ ସ୍ତରରେ ବିଭିନ୍ନ ଅନୁଷ୍ଠାନ ତଥା ଶିବିର ମାଧ୍ୟମରେ ଅଡେଟ କରାଯାଉଛି। ଜନସାଧାରଣ ଏହାର ଉପଯୋଗ କରି ଆଧାରକୁ ଅପଡେଟ ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି। ଅପଡେଟ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ରାସନ ବଣ୍ଟନ କେନ୍ଦ୍ର, ପଛୁଆ ବର୍ଗ ଜନଗଣନା ଶିବିର ସହ ଯୋଡ଼ି ହୋଇ ଆଧାର ଅପଡେଟକୁ ଆଗେଇ ନେବା ପାଇଁ ବ୍ୟାଙ୍କ୍ ତଥା ଡାକ ବିଭାଗ ଅଧିକାରୀମାନଙ୍କୁ ଜିଲାପାଳ ଦେଇଥିଲେ। ବିଦ୍ୟାଳୟ ସ୍ତରରେ ୧୫/୧୬ ବର୍ଷ ବୟସ ବର୍ଗଙ୍କ ନିମନ୍ତେ ପ୍ରଧାନ ଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଜିଲା ଶିକ୍ଷା ଅଧିକାରୀ ଦାୟିତ୍ୱ ନେଇଥିଲେ। ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ୫ବର୍ଷ ବୟସର ପିଲାମାନଙ୍କ ଆଧାର ଅପଡେଟ ସଚେତନତାକୁ ଆଗେଇ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।ଏଥି ସହ ଓକାକ ତରଫରୁ କଲେକ୍ଟୋରେଟ ଏବଂ ପୌରପାଳିକା କାର୍ଯ୍ୟାଳୟ ଠାରେ ଆଧାର ଅପଡେସନ କେନ୍ଦ୍ର ଖୋଲିବା ନିମନ୍ତେ ବ୍ୟବସ୍ଥା କରାଯିବା ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହା ଏକ ନିତାନ୍ତ ଆବଶ୍ୟକ ଓ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇଥିବାରୁ ଧାର୍ଯ୍ୟ ସମୟରେ ଏହାକୁ ନିର୍ଭୁଲ ଭାବେ ସମ୍ପାଦନ ପାଇଁ ସମସ୍ତ ଅନୁଷ୍ଠାନ, ଅଧିକାରୀ, କର୍ମଚାରୀ ତଥା ବ୍ୟକ୍ତି ବିଶେଷ ଯତ୍ନବାନ ହେବାକୁ ଜିଲାପାଳ ଶ୍ରୀ ଶିନ୍ଦେ ଆଶା ପୋଷଣ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ୯ ତାରିଖରେ....

ବାତ୍ୟାଟି କୁଆଡ଼େ ଯିବ, କେତେ ତୀବ୍ରତା ରହିବ ଆକଳନ ହୋଇନାହିଁ। ୭ ତାରିଖ ବେଳକୁ ଲଘୁଚାପ କ୍ଷେତ୍ର ସୃଷ୍ଟି ହେଲା ପରେ ଏନେଇ ସ୍ପଷ୍ଟତା ଆସିବ। ତେବେ ୭ରୁ ସମୁଦ୍ର ଅଶାନ୍ତ ରହିବ। ତେଣୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। ଯେଉଁମାନେ ସମୁଦ୍ରରେ ଅଛନ୍ତି ସେମାନେ ୭ ସୁଦ୍ଧା ଚାଲି ଆସିବାକୁ ପରାମର୍ଶ ଦିଆଯାଇଛି ବୋଲି କହିଛନ୍ତି ଆଇଏମଡି ଡିଜି। ଅପରପକ୍ଷରେ ଓଡ଼ିଶା ଉପରେ ବାତ୍ୟାର ପ୍ରଭାବ ନେଇ ସେ କହିଛନ୍ତି ଯେ ୭ରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେଲା ପରେ ବାତ୍ୟାଟି କୁଆଡ଼େ ଯିବ, କେତେ ତୀବ୍ରତା ରହିବ ତାହା ସ୍ପଷ୍ଟ ହେବ। ବର୍ତ୍ତମାନ ଓଡ଼ିଶା ପାଇଁ କିଛି ସତର୍କ ସୂଚନା ନାହିଁ। ଓଡ଼ିଶା ଉପକୂଳ ପାଇଁ ବର୍ଷା, ପବନର ସତର୍କ ସୂଚନା ଜାରି କରାଯାଇନି। ତେଣୁ ଲୋକମାନେ ବ୍ୟସ୍ତ ହୁଅନ୍ତୁନି।

## ୫ ଯାଏଁ ରହିବ ...

ଭୁବନେଶ୍ୱର ସ୍ଥିତ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ୨୪ ଘଂଟାରେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଯାଜପୁର, ମୟୁରଭଂଜ, କେନ୍ଦୁଝର, ଦେବଗଡ, ସୁନ୍ଦରଗଡ, ଅନୁଗୁଳ, ସମ୍ବଲପୁର, ବୌଦ୍ଧ, ସୋନପୁର, ବଲାଙ୍ଗିର, କନ୍ଧମାଳ ,କଳାହାଣ୍ଡି, ନବରଙ୍ଗପୁର, ରାୟଗଡା ଓ କୋରାପୁଟ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଆସନ୍ତାକାଲି ପାଇଁ ୧୧ ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାଗୁଡିକ ହେଲା ବାଲେଶ୍ୱର, ଭଦ୍ରକ, ମୟୁରଭଂଜ, କେନ୍ଦୁଝର, ଅନୁଗୁଳ , ସମ୍ବଲପୁର, ଦେବଗଡ, କୋରାପୁଟ , ନବରଙ୍ଗପୁର, ନୂଆପଡା ଓ କଳାହାଣ୍ଡି।

## ସମଲିଙ୍ଗୀ ବିବାହ....

ଜେନେରାଲ ତୁଷାର ମେହେଟା କହିଛନ୍ତି । କେନ୍ଦ୍ର ସରକାର ସମଲିଙ୍ଗୀ ବିବାହକୁ ସ୍ୱୀକୃତି ସପକ୍ଷରେ ନାହାଁନ୍ତି କିନ୍ତୁ ସେମାନଙ୍କୁ ସରକାରୀସ୍ତରରେ ନ୍ୟାୟ ପ୍ରଦାନ କରିବାକୁ କମିଟି ଗଠନ କରିବା ନେଇ ପ୍ରସ୍ତାବ ଦେଇଛନ୍ତି । ସମଲିଙ୍ଗୀ ବିବାହକୁ ଅନୁମତି ନଦେଇ କିପରି ସେମାନଙ୍କୁ ସାମାଜିକ ନ୍ୟାୟ ପ୍ରଦାନ କରିହେବ ସେନେଇ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି ସୁପ୍ରିମକୋର୍ଟ । ଏପ୍ରିଲ ୨୭ ତାରିଖରୁ ଏହି ମାମଲାର ଶୁଣାଣି ଚାଲିଥିଲେ ବି ଏପର୍ଯ୍ୟନ୍ତ ରାୟ ଆସିନାହିଁ । ଏହି ପ୍ରସଙ୍ଗକୁ ଅଧିକ ନବଢାଇବାକୁ ମଧ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି । ତେବେ କୋର୍ଟ କଣ ଚୂଡ଼ାନ୍ତ ନିଷ୍ପତି ନେଉଛନ୍ତି ତାହା ଉପରେ ସମସ୍ତଙ୍କର ନଜର ରହିଛି ।

## ୧୦ରେ ଭୁବନେଶ୍ୱରରେ....

ଏହା ସହିତ ଟିମ୍ ନରାଜ ବ୍ୟାରେଜ୍, ମହାନଦୀ ବ୍ୟାରେଜ୍ ଓ ବିରୁପା ବ୍ୟାରେଜ ପରିଦର୍ଶନ କରିବେ। ଯୋବ୍ରାସ୍ଥିତ ସାମୁଦ୍ରିକ ସଂଗ୍ରହାଳୟକୁ ମଧ ଟ୍ରିବ୍ୟୁନାଲ ବୁଲିଦେଖିବେ। ମେ' ୧୨ରେ ଟ୍ରିବ୍ୟୁନାଲ ସାତକୋଶିଆ ଗଣ୍ଡ ଅଭୟାରଣ୍ୟ ପରିଦର୍ଶନ କରିବେ। ଏହା ସହ ଉକ୍ତ ଦିନ ଟିମ୍ କେନ୍ଦ୍ରୀୟ ଜଳ ଆୟୋଗଙ୍କ ଟିକରପଡ଼ାସ୍ଥିତ ଜଳବିଜ୍ଞାନ ପର୍ଯ୍ୟବେକ୍ଷଣ ସ୍ଥଳ ଓ ଟିକରପଡ଼ା ଡ୍ୟାମ୍ ମଧ ପରିଦର୍ଶନ କରିବେ। ଆସନ୍ତା ୧୩ରେ ଟିମ୍ ଚିଲିକା ହ୍ରଦ ଓ ସମୁଦ୍ର ମୁହାଣ ସ୍ଥିତି ଅନୁଧ୍ୟାନ ପାଇଁ ଯିବେ। ପ୍ରଥମ ପର୍ଯ୍ୟାୟ କ୍ଷେତ୍ର ପରିଦର୍ଶନର ଅନ୍ତିମ ଦିବସ ଅର୍ଥାତ ମେ' ୧୪ରେ ମହାନଦୀ ଡେଲଟା ରିଭର ସିଷ୍ଟମ (ଦୟା, ଭାର୍ଗବୀ ଓ କୁଶଭଦ୍ରା) ପରିଦର୍ଶନ କରି ସେଦିନ ସନ୍ଧ୍ୟାରେ ଟ୍ରିବ୍ୟୁନାଲ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ। ଦ୍ୱିତୀୟ ପର୍ଯ୍ୟାୟ କ୍ଷେତ୍ର ପରିଦର୍ଶନ ପାଇଁ ଟ୍ରିବ୍ୟୁନାଲ ଦିଲ୍ଲୀରୁ ମେ' ୧୮ରେ ଝାରସୁଗୁଡ଼ା ଗସ୍ତ କରିବେ। ସେଦିନ ସଂଧ୍ୟାରେ ଅଶୋକ ନିବାସ (ହୀରାକୁଦ ଡ୍ୟାମ)ରେ ରାଜ୍ୟ ପ୍ରତିନିଧିଙ୍କ ଦ୍ୱାରା ଟ୍ରିବ୍ୟୁନାଲ ଟିମ୍‌ଙ୍କୁ ସ୍ୱାଗତ କରାଯିବ। ୧୯ରେ ଟିମ୍ ହୀରାକୁଦ ଡ୍ୟାମ ପ୍ରକଳ୍ପ ଓ ଡେବ୍ରିଗଡ଼ ବନ୍ୟଜନ୍ତୁ ଅଭୟାରଣ୍ୟ ପରିଦର୍ଶନ କରିବେ। ହୀରାକୁଦ ପରିଦର୍ଶନ ପୂର୍ବରୁ ଟିମ୍‌ଙ୍କୁ ଡ୍ୟାମ ସଂପର୍କିତ ସଂକ୍ଷିପ୍ତ ତଥ୍ୟ ଉପସ୍ଥାପନ କରାଯିବ। ଟିମ୍ ହୀରାକୁଦ ନଦୀବନ୍ଧ ଓ ଜଳ ଭଣ୍ଡାର, ଜବାହର ଉଦ୍ୟାନ ବନୀକରଣ, ସ୍ପିଲୱେ, ପାୱାର ହାଉସ୍, ହେଡ୍‌ୱାର୍କସ, ପ୍ରସ୍ତାବିତ ଅତିରିକ୍ତ ସ୍ପିଲୱେ ଓ ପ୍ରସ୍ତାବିତ ବ୍ରାହ୍ମଣୀକୁ ଟିକିରା ଲିଙ୍କ୍‌ର ପରିଦର୍ଶନ କରିବେ। ଏହାପରେ ଜଳାଶୟ ପାର୍ଶ୍ୱରେ ଥିବା ଡେବ୍ରିଗଡ଼ ବନ୍ୟଜନ୍ତୁ ଅଭୟାରଣ୍ୟ ପରିଦର୍ଶନ କରିବେ। ୨୦ରେ ଟିମ୍ ହୀରାକୁଦ କମାଣ୍ଡ ଏରିଆ ଓ ଚିପିଲିମା ପାୱାର ହାଉସ ପରିଦର୍ଶନ କରିବେ। ବରଗଡ଼ ମୁଖ୍ୟ କେନାଲ 'ମିନି ହାଇଡାଲ' ପ୍ରକଳ୍ପ, ବରଗଡ଼ ମୁଖ୍ୟ କେନାଲ ଠାରୁ ଅତାବିରା ଶାଖା କେନାଲ କମାଣ୍ଡ ଏରିଆ ପର୍ଯ୍ୟନ୍ତ ପରିଦର୍ଶନରେ ଯିବେ। ଦ୍ୱିତୀୟ ପର୍ଯ୍ୟାୟ ଗସ୍ତର ଶେଷ ଦିନ ଅର୍ଥାତ ୨୧ରେ ହୀରାକୁଦ ଜଳଭଣ୍ଡାରର ଅନ୍ୟାନ୍ୟ ସ୍ଥିତି ପରିଦର୍ଶନ ପରେ ଦିଲ୍ଲୀ ଫେରିଯିବେ। ଓଡ଼ିଶାକୁ କ୍ଷେତ୍ର ପରିଦର୍ଶନରେ ଟ୍ରିବ୍ୟୁନାଲଙ୍କ ଅଧକ୍ଷ, ଦୁଇ ବିଚାରପତି ସଦସ୍ୟ, ରେଜିଷ୍ଟ୍ରାର, ଦୁଇ ଆସେସର, ପକ୍ଷଭୁକ୍ତ ରାଜ୍ୟର ଆଇନଜୀବୀ ଓ ବୈଷୟିକ ଟିମ୍ ସାମିଲ ହେବେ।

## ଓଡ଼ିଶା ଆସିବେ ବିହାର....

ତେବେ ଏନେଇ ନିଜର ମତ ରଖିଛନ୍ତି ବିଜେଡି ବିଧାୟକ ରାଜକିଶୋର ଦାସ। ସେ କହିଛନ୍ତି, 'ପୂର୍ବରୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆସି ମୁଖ୍ୟମନ୍ତ୍ରୀଙ୍କୁ ଭେଟିକି ଯାଇଛନ୍ତି। କାହାକୁ ମନା ନାହିଁ କୋଉ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ। ମାନ୍ୟବର ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଭେଟନ୍ତି। ସବୁ ନିଷ୍ପତି ମୁଖ୍ୟମନ୍ତ୍ରୀଙ୍କ ଉପରେ ନିର୍ଭର କରେ। ସେ ମୁଖ୍ୟମନ୍ତ୍ରୀ ତଥା ଆମ ଦଳର ନେତା ତେଣୁ ତାଙ୍କ ନିଷ୍ପତ୍ତିକୁ ଆମେ ଅପେକ୍ଷା କରିବୁ। ସେ ଯାହା ନିଷ୍ପତ୍ତି ନେବେ ସେଇଟା ହିଁ ସମସ୍ତଙ୍କ ପାଇଁ ଭଲ। ସବୁ କିଛି ତାଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ। ଆମେ ତାଙ୍କ ନିଷ୍ପତ୍ତିକୁ ଅପେକ୍ଷା କରିଛୁ। ଯେଉଁ ନିଷ୍ପତ୍ତି ହେବ ତାକୁ ଆମେ ପାଳନ କରିବୁ।'

# ପିକଅପ ଭ୍ୟାନ ଦୁର୍ଘଟଣାଗ୍ରସ୍ତ:୪ଗୋରୁ ମୃତ

ଖଇରା, ୦୩/୦୫ (ନି.ପ୍ର): ସୋର-କୁପାରୀ ରାସ୍ତାର ବାଙ୍କିତିରା ଛକ ନିକଟରେ ଏକ ଗୋରୁ ବୋଝେଇ ପିକଅପ ଭ୍ୟାନ ଦୁର୍ଘଟଣା ଗ୍ରସ୍ତ ହେବା ଯୋଗୁଁ ୪ଗୋରୁଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୪ଟି ଆହତ ହୋଇଛନ୍ତି । ମଙ୍ଗଳବାର ରାତିରେ ଗାଡିଟି ଅମାନୁଷିକ ଭାବେ ୮ଟି ଗୋରୁ ବୋଝେଇ କରି ମୁସ୍ତଫାବାଦରୁ ବାଲେଶ୍ୱର ଜିଲା ଅନ୍ତର୍ଗତ ସୋର-କୁପାରୀ ରାସ୍ତା ଦେଇ ପଶ୍ଚିମବଙ୍ଗ ଯାଉଥିବା ବେଳେ ଭାରସାମ୍ୟ ହରାଇ ଓଲଟି ପଡିବା ସହ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା । ଖଇରା ପୋଲିସ ଏକ ମାମଲା(୧୫୪/୨୩) ରୁଜୁ କରି ଡ୍ରାଇଭର ବିଦ୍ୟାଧର ମହାକୁଡଙ୍କୁ ଗିରଫ କରିଛି ।

# ଖଇରା ଇତିହାସରେ ଯୋଡିଲା ଆଉ ଏକ ଆରଡ଼ି ରାସ୍ତା

ଖଇରା, ୦୩/୦୫ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ପାଇଁ ଥିଲା ଆଜିଏକ ଶୁଭ ଦିନ । ଅଧୀନ ଖଇରା ଓ ସିମୁଳିଆ ୨ବ୍ଲକକୁ ସଂଯୋଗ କରୁଥିବା ମିରିପୁର ଖଇରା-ଅଲିପୁର ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ରେ । ବିକାଶର ଅନ୍ୟନାମ ବିଜେଡି ବୋଲି ଉଲ୍ଲେଖ କହିଥିଲେ । ଏହି ରାସ୍ତା ବ୍ୟବହାର କରି ସାରଡାଙ୍ଗ ପଞ୍ଚାୟତର ସାରଡାଙ୍ଗ, ଅଲିପୁର, ଦାମୋଦରପୁର, ଭୁଆଁଳଗଡିଆ, ମିର୍ଜାପୁର, ଛେଳିମୁଣ୍ଡିଆ, ଆମ୍ବଗଡିଆ ଇତ୍ୟାଦି ଗ୍ରାମର ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୁବନେତା ଧିରେନ କୁମାର ସେଣ୍ଠ, ସୁଶାନ୍ତ କୁମାର ବେହେରା, କୁଶାସନ କର,ସୁଦାମ ଚରଣ କୁଣ୍ଡୁ,ଜିଲା ପରିଷଦ ସଭ୍ୟ ସୁଷମା ମହାପାତ୍ର,ୱାର୍ଡସଭ୍ୟ ସୌରଭ



ଖଇରା ଇତିହାସରେ ଆଉ ଏକ ଆରଡି ରାସ୍ତା ଯୋଡି ହୋଇ ଯାଇଛି । ଶହ ଶହ ସଂଖ୍ୟାର ଗ୍ରାମବାସୀଙ୍କ ଉପସ୍ଥିତିରେ ପୂର୍ବତନ ମନ୍ତ୍ରୀ ତଥା ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଭିତ୍ତିପ୍ରସ୍ତର ସ୍ଥାପନ କରି ଲୋକଙ୍କର ୭୫ବର୍ଷ ସ୍ୱପ୍ନକୁ ଫଳବତୀ କରାଇଛନ୍ତି। ବିଧାୟକ ତାଙ୍କ ଭାଷଣରେ ୨କୋଟି ୯୩ଲକ୍ଷ ଟଙ୍କା ବିନିମୟରେ ନିର୍ମିତ ହେବାକୁ ଥିବା ଏହିରାସ୍ତା ସ୍ଥାନୀୟ ଅଞ୍ଚଳ ବିକାଶରେ ଯଥେଷ୍ଟ ସହାୟକ ହେବ ବୋଲି କହିଥିଲେ ଲୋକେ ମିରିପୁରଖଇରା ରୁ କୁରୁଣ୍ଟା ଦେଇ ଗୋଟିଏ ପଟେ ଗଣ୍ଡିବେଡ ଓ ଅନ୍ୟପଟେ ସିମୁଳିଆ ଯାତାୟତ କରିଥାନ୍ତି। ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିବା ବେଳେ ସେମାନଙ୍କୁ ବର୍ଷାଦିନେ ପାଣିକାଦୁଅରେ ହିନସ୍ତା ହେବାକୁ ପଡୁଥିଲା । ସ୍ୱାଧିନତା ପରଠାରୁ ୭୫ବର୍ଷଧରି ଏହି ଆର.ଡି ଅଧୀନରେ ଥିବା ଏହି ରାସ୍ତା ନିର୍ମାଣ ପାଇଁ ଦାବୀ ହୋଇ ଆସୁଥିଲା । ଶେଷରେ ବିଧାୟକଙ୍କ ପ୍ରଚେଷ୍ଟାରେ ଶେଷରେ ଏହି ରାସ୍ତା ନିର୍ମାଣ ସ୍ୱପ୍ନ ପୁରଣ ହେବାକୁ ଯାଉଛି । ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଏଥିସହ ଆଦର୍ଶ ବିଦ୍ୟାଳୟ ଛାତ୍ରୀ ନିବାସ ର ଶିଳାନ୍ୟାସ ବିଧାୟକଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଥିବା ବେଳେ ବ୍ଲକ ଉପାଧକ୍ଷ ଗଜେନ୍ଦ୍ର ପ୍ରସାଦ ପରିଡା, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ସମିତିସଭ୍ୟା ନର୍ମଦା ଦେଓ,ବ୍ଲକ ବିଜେଡି ମହିଳା ସଭାପତି ଜୟନ୍ତୀ ମହଲା, ଅଶୋକ ଦାସମହାପାତ୍ର, ରମାକାନ୍ତ ମହାନ୍ତି,ଏମ୍‌ବିକେ ନିରୁପମା ନାୟକ, ପୁର୍ବ ବିଭାଗ ଯନ୍ତ୍ରୀ ନରେଶ ସିଂ, ଜ୍ୟୋତି ପ୍ରସାଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଜଗନ୍ନାଥ ଡିଗ୍ରୀ କଲେଜରେ ରାଜନୀତି ବିଜ୍ଞାନ ଆଲୋଚନାଚକ୍ର

ଜଳେଶ୍ୱର ୩/୫ (ନି.ପ୍ର): ସ୍ୱାଧିନତାର ୭୫ବର୍ଷ ବିତି ଯାଇଥିଲେ ମଧ୍ୟ ଅଦ୍ୟାବଧି ଗଣତନ୍ତ୍ରର ସଠିକ୍ ସଂଜ୍ଞା ନିରୂପଣ ହୋଇ ପାରିନଥିବା ବେଳେ କ୍ଷମତାର ବିକେନ୍ଦ୍ରୀକରଣରେ ଜନସାଧାରଣଙ୍କ ଭୂମିକା ନଗଣ୍ୟ ହେଉଛି । ଫଳରେ ଭାରତପରି ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ରରେ ଏହାର ସଫଳ ରୂପାୟନ ହୋଇ ପାରୁନାହିଁ ବୋଲି ଆଜି ଆୟୋଜିତ ଏକ ପାଠଚକ୍ରରେ ମତପ୍ରକାଶ ପାଇଛି । ଜଳେଶ୍ୱରସ୍ଥିତ ଜଗନ୍ନାଥ ଡିଗ୍ରୀ କଲେଜର ରାଜନିତୀ ବିଜ୍ଞାନ ଦ୍ୱାରା ଆହୁତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଅଧ୍ୟକ୍ଷ ସରୋଜ କୁମାର ମହାନ୍ତି ଅଧ୍ୟକ୍ଷତା କରି ଆଲୋଚନାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ କମଳାକାନ୍ତ ଚାନ୍ଦ ସାମ୍ପ୍ରତିକ ସମୟରେ ଗଣତନ୍ତ୍ରର ବିକେନ୍ଦ୍ରୀକରଣ ତଥା ରାଜନୈତିକ ଭାଗିଦାରୀ ପାଇଁ ପ୍ରତ୍ୟେକ୍ଷ ବା ପରୋକ୍ଷରେ ସାଧାରଣ ଜନତା ଅଧିକାରୁ ଅଧିକ ଆଗ୍ରହୀ ହେବା ଆବଶ୍ୟକ ବୋଲି ମତ ଉପସ୍ଥାପନ କରିଥିଲେ । ବିକେନ୍ଦ୍ରୀକରଣରେ ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ଠାରେ କ୍ଷମତା ନ୍ୟସ୍ତ ରହୁଥିବା ବେଳେ ଜନସାଧାରଣଙ୍କ ମତ ଶାସନରେ ପ୍ରତିଫଳିତ ହୋଇ ପାରୁନାହିଁ । ଅନ୍ୟପକ୍ଷରେ ଗଣତନ୍ତ୍ରର ଅର୍ଥ ରୂପାନ୍ତରିତ ହେବା ଜରୁରୀ ଥିଲାବେଳେ ତାହା ଲୋକେ ଉପସ୍ଥାପନ କରିପାରୁନାହାନ୍ତି ବୋଲି କହିଥିଲେ । ଅଧ୍ୟାପକ ଅଶୋକ କୁମାର ରଥ ବେଦପାଠ କରିଥିବା ବେଳେ ଅଧ୍ୟାପକ ରଣଜିତ୍ କୁମାର ବେହେରା, ଗବେଷଣାରତ ଅଧ୍ୟାପକ ରଣଜିତ୍ କୁମାର ବେହେରା ଗଣତନ୍ତ୍ର ଓ ବିକେନ୍ଦ୍ରୀକରଣର ପରିଭାଷା ସଂପର୍କରେ ସୂଚନା ଦେଇଥିଲେ । ବିଭାଗୀୟ ମୁଖ୍ୟ ଅଧ୍ୟାପକ ଶ୍ରବଣ କୁମାର ନାଥ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜଗତ ରଂଜନ ଦାସ ସନ୍ଦର୍ଭ ଉପରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଫାଗୁ ଗୁଡ୍ଡୁ, ଦୀନବନ୍ଧୁ କାମିଲା, ସସ୍ମିତା ଦେ, ସୁନେରା ଖାତୁନ, କବିତା ଦାସ, ଦିବ୍ୟଜ୍ୟୋତି ରଣା, ସସ୍ମିତା ଗିରି, ଦୀପା ଦାସ ପ୍ରମୁଖ ସ୍ୱଲିଖିତ ସନ୍ଦର୍ଭ ପାଠ କରିଥିଲେ । ଫକୀରମୋହନ ବିଶ୍ୱବିଦ୍ୟାଳୟର ଛାତ୍ରୀ ଶୁଭସ୍ମିତା ସାହୁ, ବେଳାଭୂମୀ କଲେଜର ଛାତ୍ର ସୁଭ୍ରାଂଶୁ ଦାସ ଆଲୋଚନାରେ ମତଉପସ୍ଥାପନ କରିଥିଲେ। ଶେଷରେ ୩ୟ ବର୍ଷର ଛାତ୍ର/ଛାତ୍ରୀଙ୍କୁ ୧ମ ଓ ୨ୟ ବର୍ଷର ଛାତ୍ର/ଛାତ୍ରୀମାନେ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ । ବୈଶାଖୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ରଙ୍ଗରାଗ ସାହିତ୍ୟ ପରିଷଦ ପକ୍ଷରୁ ରାଜ୍ୟସ୍ତରୀୟ କବିତା ପାଠ ଉତ୍ସବ



ବାସୁଦେବପୁର, ୦୩/୦୫ (ନି.ପ୍ର): ବାସୁଦେବପୁର ଅଟଳବିହାରୀ ହାଇସ୍କୁଲ ପରିସରରେ ଜାତୀୟ କବି ବାଞ୍ଛାନିଧି ମହାନ୍ତି ସମ୍ମିଳନୀ କକ୍ଷରେ ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ରାଜ୍ୟ ସ୍ତରୀୟ କବିତା ପାଠ ଉତ୍ସବ ଓ ଦ୍ୱାଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କବିତା ପାଠ ଉତ୍ସବ ରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ କବି ସୁରେନ୍ଦ୍ର ପାଣିଗ୍ରାହୀ ସ୍ୱାଧୀନତା ସଂଗ୍ରାମ ସମୟରେ ଦେଶାତ୍ମକ ବୋଧକ କାବ୍ୟ କବିତା, ଦେଶ ପ୍ରେମ ଓ ଆଧୁନିକ ଓଡ଼ିଆ କବିତାର ରୂପକଳ୍ପ ସମ୍ପର୍କରେ ଆଲୋକପାତ କରିଥିଲେ । ଆକାଶବାଣୀ ସମ୍ବଲପୁର କେନ୍ଦ୍ର ର ଉପସ୍ଥାପିକା କବି ମିତା ପଟ୍ଟନାୟକ ଓ କବି ଗାଳ୍ପିକ କ୍ଷୀରୋଦ ବିହାରୀ ବିଶ୍ୱାଳ କବିତା ଗୁଡିକୁ ସଂଯୋଜନା କରିଥିଲେ । କବି ଡ଼କ୍ଟର ପ୍ରଭାତ ନଳିନୀ ମହାପାତ୍ର, ଡ଼କ୍ଟର ରାଧାରାଣୀ ମହାପାତ୍ର, ମଧୁସ୍ମିତା ନାୟକ, ସଦାନନ୍ଦ ପାଣିଗ୍ରାହୀ, ମାନସ ପାଢ଼ୀ, ରତ୍ନାକର ପଣ୍ଡା, ମନୋରଞ୍ଜନ ମୁଦୁଲି, ଦେବେନ୍ଦ୍ର ମହାଳିକ, ଉଦୟ ଜେନା, ବାବୁରାମ ରାଉତ, ରଞ୍ଜନ ନାୟକ, ପ୍ରିୟଙ୍କା ପ୍ରିୟ ଦର୍ଶନୀ ଦାସ, ସୁଦିପା ସାହୁ, ସସ୍ମିତା ରାଉତ, ସଞ୍ଜୟ ପଣ୍ଡା, ବିଚିତ୍ରା ନନ୍ଦ ଜେନା, ଅରୂପା ନନ୍ଦ ନାୟକ, ଅଙ୍କିତ ଧଳ, ଅଭିମନ୍ୟୁ ସାହୁ, ଯାଯାବର, ସୁଧା ରଞ୍ଜନ ମହାନ୍ତି, ଶାନ୍ତିଲତା ପଣ୍ଡା, ରଶ୍ମି ପ୍ରଭା ପୁହାଣ, ଶ୍ରୀୟା ମହାନ୍ତି, ଶଶାଙ୍କ ଶେଖର ସାହୁ, ପାର୍ଥ ସାରଥୀ ବାରିକ, ପ୍ରହ୍ଲାଦ ବାରିକ, ନାରାୟଣ ପ୍ରସାଦ ବାରିକ, ତପନ ମିତ୍ର, ହୃଷିକେଶ ବାରିକ, ଦେବେନ୍ଦ୍ର ପ୍ରସାଦ ମହାନ୍ତି, ଅରୁଣ ଦାଶ, ଅସିତ ଦାଶ, ସୁବ୍ରତ ମଲିକ, ପଲ୍ଲବୀ ସାହୁ, କୈଳାସ ବେହେରା, ମହାପ୍ରସାଦ ସ୍ୱାମୀ, ଅମୁଲ୍ୟ ବାରିକ, ନିରଦ ଦାଶ, ଗୀତିକା ବିଶ୍ୱାଳ, ବିନମ୍ର ଶତପଥି, ଦୀପକ ନାୟକ, ସୁରେଶ ନାୟକ, ବୈଲୋଚନ ସାହୁ, ନୀଳକଣ୍ଠ ନାୟକ, ଶଶିକାନ୍ତ ବେହେରା, ମୁକୁନ୍ଦ ଦେବ ନାୟକ, ବସନ୍ତ ବାରିକ ପ୍ରମୁଖ ଏହି ଉତ୍ସବ ରେ କବିତା ପାଠ କରିଥିଲେ । ବାଇ ଚଢେଇ ର ସମ୍ପାଦକ କବି ବିକାଶ ଶତପଥି ଅତିଥି ପରିଚୟ ପ୍ରଦାନ କରିଥିଲେ । ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦ, ମହାତ୍ମା ଗାନ୍ଧୀ ପାଠାଗାର ଓ ଉତ୍କଳ ମଣି ଗୋପବନ୍ଧୁ ସଂଗ୍ରହାଳୟ ର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପୋଲ ନିର୍ମାଣ ବିଳମ୍ବ ନେଇ ଜନ ଅସନ୍ତୋଷ

ଖଇରା,୩/୫(ନିପ୍ର): ଔପଦା ବ୍ଲକ ଫତେପୁର ପଂଚାୟତ ଫତେପୁର ବଜାର ଠାରୁ ପରମାନନ୍ଦ ପୁର ରାସ୍ତାରେ ମନୁଆ ରାଉତ ବିଲ ଠାରେ ଥିବା ପୁରୁଣା ପୋଲ କୁ ଭାଙ୍ଗି ନୂଆ ପୋଲ ନିର୍ମାଣ ବିଳମ୍ବ ନେଇ ଜନ ଅସନ୍ତୋଷ ଦେଖାଦେଇଛି । ଏହି ପ୍ରକଳ୍ପଟି ଜିଲାପରିଷଦ ପାଣ୍ଠିରୁ ୨ଲକ୍ଷ ର ଅଟକଳ ମୂଲ୍ୟ ହୋଇଥିବା ବେଳେ ପୋଲ ନିର୍ମାଣ ନହେବାରୁ ଯୋଗା ଯୋଗ ବିଛିନ୍ନ ହୋଇଛି ।ପୁରୁଣା ପୋଲଟି ଭାଙ୍ଗିବାର ୧୫ ଦିନ ବିତିଯାଇଥିଲେ ମଧ୍ୟ ନୂତନ ପୋଲ ନିର୍ମାଣର ନା କେହି ଧରୁ ନାହାନ୍ତି । ଏହି ରାସ୍ତା ଉପରେ ହରିହରପୁର,ପରମାନନ୍ଦ ପୁର, ରାଏରାମ ଚନ୍ଦ୍ରପୁର, ଶୋରିଷପାଳ,ଖୁଣ୍ଟାଡିହା ଗ୍ରାମର ଶହ ଶହ ଜନସାଧାରଣ ଗମନା ଗମନ କରନ୍ତି । ବିଶେଷ କରି ସ୍କୁଲ ଛାତ୍ରଛାତ୍ରୀ,ବ୍ୟାଙ୍କ,ମେଡିକାଲକୁ ଆସୁଥିବା ଜନସାଧାରଣ ୩ରୁ ୪ କିଲୋମିଟର ବୁଲି ଅସୁଛନ୍ତି । ଯାହା ଫଳରେକି ସ୍ଥାନୀୟ ଅଞ୍ଚଳ ବାସୀ ନାହି ନଥିବା ଅସୁବିଧାରେ ସମ୍ମୁଖିନ ହୋଉଛନ୍ତି । ପୋଲଟି ଭାଙ୍ଗିବା ପରେ ମଧ୍ୟ କୌଣସି ବିକଳ୍ପ ରାସ୍ତାଟିଏ କରାଯାଇ ନାହିଁ । ଜରୁରୀ ସେବା ଯୋଗଉ ଥିବା ଗାଡି ଦମକଳ , ଅମ୍ବୁଲନ୍ସ ଗୁଡିକ ର ଗମନା ଗମନ ଠପ ହୋଇଯାଇଛି । ଏହି ବିଷୟରେ ବିଭାଗୀୟ ଯନ୍ତ୍ରୀଙ୍କୁ ଯୋଗେଯାଗ କରିବାରୁ ଆହୁରି କିଛିଦିନ ବିଳମ୍ବ ହେବ ବୋଲି ପ୍ରକାଶ କରିଥିଲେ । ନିଳଗିରୀ ଅତିରିକ୍ତ ଜିଲାପାଳଙ୍କୁ ଅବଗତ କରାଇଥିଲେ ମଧ୍ୟ ସେ ବିଡିଓଙ୍କ ସହିତ ଯୋଗ ଯୋଗ କରିବାକୁ ପ୍ରକାଶ କରିଥିଲେ । ପୁରୁଣା ପୋଲ ଭାଙ୍ଗିବା ନୂଆ ପୋଲ ତିଆରି ରେ ସରକାରୀ ଅଧିକାରୀଙ୍କର ଖାମଖିଆଲୀ ନିତି ସାଧାରଣରେ ଚର୍ଚ୍ଚା ହେଉଛି ।




## ଆବାସ ଯୋଜନା ସଂକ୍ରାନ୍ତୀୟ କର୍ମଶାଳା ଅନୁଷ୍ଠିତ

ନୀଳଗିରି , ୦୩/୦୫ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଂଚଳ) ହିତାଧିକାରୀ ମାନଙ୍କ ପାଇଁ ଏକ ସାମାଜିକ ସମୀକ୍ଷା କାର୍ଯ୍ୟକ୍ରମ ନୀଳଗିରି ଏନ.ଏ.ସି. କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ସାମାଜିକ ସମୀକ୍ଷା କର୍ମଶାଳାରେ ନୀଳଗିରି ଏନ.ଏ.ସି. ଅଧକ୍ଷା ଶ୍ରୀମତୀ ଅମ୍ବିକା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଷଲ । ସମ୍ମାନୀତ ଅତିଥି ଭାବେ ନୀଳଗିରି ଏନ.ଏ.ସି.ର ଉପାଧକ୍ଷା ମହେନ୍ଦ୍ର ବେହେରା ଯୋଗ ଦେଇଥିବା ବେଳେ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ବଡୁ, ନୋଡାଲ ଅଧିକାରୀ ବିଜୟ କୁମାର ଦାସ, ମଂଚାସୀନ ରହି କର୍ମଶାଳାର ଉଦ୍ଦେଶ୍ୟ ଓ ଲକ୍ଷ ଉପରେ ଆଲୋକପାତ କରିଥିଲେ । ଲାଇଫ ଏକାଡେମୀ ଅଫ ଭୋକେଶନାଲ ଷ୍ଟଡିଜର କର୍ମକର୍ତା ରମେଶ ଚନ୍ଦ୍ର ବଳ ସାମାଜିକ ସମୀକ୍ଷକ ସୀମର କୁମାର ମହାନ୍ତି, ସହରାଂଚଳରେ ଆବାସ ଯୋଜନାର ସଫଳତା ଓ ବିଫଳତା ଉପରେ ଉପସ୍ଥିତ ଥିବା ସମସ୍ତ କାଉନସିଲର, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ବହୁ ହିତାଧିକାରୀ, ଗାଁ ସାଥୀମାନଙ୍କ ଠାରୁ ମତାମତ ନିଆଯାଇଥିଲା । ଏହି ଯୋଜନାକୁ ସଫଳ ରୂପାୟନ ପାଇଁ ୬ପ୍ରକାର କମିଟି ଗଠନ କରାଯାଇଥିଲା । ନଥୀପତ୍ର ସମୀକ୍ଷା, ଗୋଷ୍ଠୀଗତ ଆଲୋଚନା, ଜନଶୁଣାଣୀ ସୁଗଭୀର ସାକ୍ଷାତକାର, ମୁଖ୍ୟ ସୂଚନାଦାତା ସାକ୍ଷାତକାର, ବିବରଣୀ ପ୍ରସ୍ତୁତି ଓ ପ୍ରଦାନ କମିଟି ଗଠନ କରାଯାଇ ଭିନ୍ନ ଭିନ୍ନ କମିଟିର ଉପସ୍ଥିତ ଥିବା ବ୍ୟକ୍ତି ବିଶେଷକୁ ନେଇ ଗଠନ କରାଯାଇଥିଲା । ଏହି ସମୀକ୍ଷା ବୈଠକରେ ପୌର ପରିଷଦର ଏସ.ଆଇ.ଏସ. ପ୍ରଭାତୀ ମହାରଣା, ଗୋଷ୍ଠୀ ସଂଯୋଜକ ସଂଗୀତା ପାଣିଗ୍ରାହୀ, କନିଷ୍ଠ ଯନ୍ତ୍ରୀ ବୁଧିରାମ ସିଂ, ୱାର୍ଡ ଅଫିସର ହିମାଂଶୁ ବାରିକ ପ୍ରମୁଖ ଉପସ୍ଥିତ ରହି ସମୀକ୍ଷା ବୈଠକରେ ଅଂଶ ଗ୍ରହଣ କରିଥିଲେ ।

# ବାଲେଶ୍ୱର ଜିଲ୍ଲାରେ ୧୭୬ ଜଣ ଡୁପ୍ଲିକେଟ ଶିକ୍ଷକ

■ବାଲେଶ୍ୱର ସଦରରେ ସର୍ବାଧିକ ୪୦
■ଭୋଗରାଇରେ ସର୍ବନିମ୍ନ ୨

ଜଳେଶ୍ୱର ୩/୫ (ନି.ପ୍ର): ଶିକ୍ଷାବିଭାଗରେ ଦିନକୁ ଦିନ ଅନିୟମିତତା ଓ ଦୁର୍ନିତୀ ବଢୁଥିବା ବେଳେ ଏବେ ସଦ୍ୟ ପ୍ରକାଶିତ ରିପୋର୍ଟରେ ବାଲେଶ୍ୱର ଜିଲାର ୧୭୬ଜଣ ଡୁପ୍ଲିକେଟ (ନକଲି) ଶିକ୍ଷକ ଥିବାର ଡିପିସିଙ୍କ କାର୍ଯ୍ୟାଳୟରୁ ପ୍ରକାଶିତ ଏକ ରିପୋର୍ଟରେ ଦର୍ଶାଯାଇଛି । ବାଲେଶ୍ୱର ସଦରରେ ସର୍ବାଧିକ ୪୦ ଶିକ୍ଷକ ଡୁପ୍ଲିକେଟ ଥିବା ବେଳେ ସବୁଠାରୁ କମ୍ ଭୋଗରାଇ ବ୍ଲକରେ ୨ଜଣ ଥିବା ପ୍ରକାଶ ପାଇଛି । କିନ୍ତୁ ଜଳେଶ୍ୱର ବ୍ଲକରେ ୩ଜଣ ଶିକ୍ଷକଙ୍କ ନାମ ପ୍ରକାଶ ପାଇଛି । ଗତ ୨୯-୪-୨୩ ତାରିଖରେ ବାଲେଶ୍ୱର ଡିପିସିଙ୍କ କାର୍ଯ୍ୟାଳୟରୁ ପ୍ରକାଶିତ ଏକ ଚିଠିରେ ଉପରୋକ୍ତ ତଥ୍ୟ ପ୍ରକାଶ ପାଇଛି । ଏଥିରେ ବାହାନଗା ବ୍ଲକରୁ ୧୬ଜଣ, ସଦର ବ୍ଲକରୁ ୪୦ଜଣ, ବାଲିଆପାଳ ବ୍ଲକରେ ୯ଜଣ, ବସ୍ତା ବ୍ଲକରେ ୧୯ଜଣ, ଭୋଗରାଇ ବ୍ଲକରେ ୨ଜଣ, ସୋର ବ୍ଲକରେ ୩୨ଜଣ, ନିଳଗିରି ବ୍ଲକରେ ୨୩ଜଣ, ଖଇରା ବ୍ଲକରେ ୩ଜଣ, ଔପଦା ବ୍ଲକରେ ୧୨ଜଣ, ରେମୁଣା ବ୍ଲକରେ ୧୩ଜଣ, ସିମୁଳିଆ ବ୍ଲକରେ ୪ଜଣ ଡୁପ୍ଲିକେଟ ଶିକ୍ଷକ ଥିବା ବେଳେ ଜଳେଶ୍ୱରରେ ୩ଜଣ ରହିଛନ୍ତି । ଜଳେଶ୍ୱର ବ୍ଲକର ପୃଥୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ନିଳମଣି ମୁର୍ମୁ, ହାତୀଗଡର ଡି.ପଲ ସ୍କୁଲରେ ମଣିତା ପ୍ରଧାନ ଏବଂ ସେଣ୍ଟ ସିଟି ସେକେଣ୍ଡାରୀ ସ୍କୁଲରେ ଚିନ୍ମୟ କୁମାର ସାହୁଙ୍କ ନାମ ଥିବା ଦର୍ଶା ଯାଇଛି । ନିକଟରେ ସମଗ୍ର ରାଜ୍ୟରେ ହଜାର ହଜାର ନକଲି ମ୍ୟାଟ୍ରିକ ସାର୍ଟିଫିକେଟ ସଂପର୍କରେ ବିଭିନ୍ନ ତଥ୍ୟ ପ୍ରକାଶ ପାଇଥିଲା । ଏଥିନେଇ ତୁମ୍ଭି ତୁଫାନ ପ୍ରକାଶ ପାଇଥିବା ବେଳେ ନକଲି ସାର୍ଟିଫିକେଟରେ ଅଧିକ ନିଯୁକ୍ତି ପାଇଥିବା କୁହାଯାଉଛି । କିନ୍ତୁ ଏବେ ସମଗ୍ର ରାଜ୍ୟରେ ହଜାର ହଜାର ଡୁପ୍ଲିକେଟ ଶିକ୍ଷକ ଥିବାର ଜଣାଯିବାପରେ ଏ ସଂପର୍କରେ ମଧ୍ୟ ଖୋଳତାଡ ହେବାକୁ ଦାବି ହୋଇଛି । ଏ ସଂପର୍କରେ ଆଜି ଜଳେଶ୍ୱର ଏବିଓ ଅଜୟ କୁମାର ଜେନାଙ୍କୁ ପଚାରିବାରୁ ସେ କହିଲେ ଜଣେ ଶିକ୍ଷକଙ୍କ ନାମ ୨ଟି ବିଦ୍ୟାଳୟରେ ରହିଥିବାର ପ୍ରମାଣ ମିଳିଛି । ଆଶ୍ଚର୍ଯ୍ୟର କଥା ଏହି ଶିକ୍ଷକମାନେ ସରକାରୀ କିମ୍ୱା ବେସରକାରୀ ବିଦ୍ୟାଳୟରେ ନାମ ରଖିଥିବାରୁ ଅତିଶୀଘ୍ର ୟୁ-ଡାଇସ୍ ପ୍ଲସ୍‌ରେ ତ୍ରୁଟି ସୁଧାରିବାରକୁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟଥା ୨ଟି ସ୍ଥାନରୁ ସେମାନଙ୍କ ନାମ ରଦ୍ଦ କରାଯିବ ବୋଲି ସୂଚନା ମିଳିଛି ।

# ମଇ ୫ରେ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ନୀଳଗିରି ଗସ୍ତ

## ସ୍ୱର୍ଣ୍ଣଚୂଡ଼ ଯୁବ ମହୋତ୍ସବ କମିଟିର ବ୍ୟାପକ ପ୍ରସ୍ତୁତି



ନୀଳଗିର, ୦୩/୦୫ (ନି.ପ୍ର) : ଚଳିତ ବର୍ଷ ପ୍ରଥମ ଥର ପାଇଁ ସ୍ୱର୍ଣ୍ଣଚୂଡ଼ ଯୁବ ମହୋତ୍ସବ ଆସନ୍ତା ମେ’ ୫ ରୁ ୭ତାରିଖ ୩ଦିନ ଧରି ମହାଆଡ଼ମ୍ବରରେ ପାଳନ କରିବାକୁ ଯାଉଥିବା ବେଳେ ୫ ତାରିଖରେ ଓଡ଼ିଶାର କୋଣ ଅନୁକୋଣରେ ଚର୍ଚ୍ଚିତ ଚେହେରା ତଥା ବିଜେପିର ରାଷ୍ଟ୍ରିୟ ପ୍ରବକ୍ତା ତଥା ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ନୀଳଗିରି ସ୍ୱର୍ଣ୍ଣଚୂଡ଼ ଯୁବ ମହୋତ୍ସବକୁ ଆସୁଥିବା ବେଳେ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଂଚିଛି । ନୀଳଗିରି ଗସ୍ତକୁ ସାଂସଦ ଅପରାଜିତା ଷଡ଼ଙ୍ଗୀ ସବୁଜ ସଙ୍କେତ ଦେଇଥିବା ବେଳେ ନୀଳଗିରିବାସୀଙ୍କ ମନରେ ଉତ୍କଣ୍ଠା ଖେଳି ଯାଇଛି । ଉକ୍ତ ତାରିଖରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ଶ୍ରୀତମ ଦାସ, ଅଶ୍ରୁମୋଚନ ମହାନ୍ତି ଉପସ୍ଥିତ ରହିବେ ବୋଲି କମିଟିର ଆବାହକ ସବ୍ୟସାଚୀ ମହାପାତ୍ର (ଟୁବୁଲୁ) ସୂଚନା ଦେଇଛନ୍ତି ।

# ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



ଲଙ୍ଗଳେଶ୍ୱର, ୦୩/୦୫ (ନି.ପ୍ର): ସଦର ବ୍ଲକ ସିଂଲା ଥାନା ଅନ୍ତର୍ଗତ କଷାଫଳ ଭଗବାନ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ର ଅବସର ପ୍ରାପ୍ତ କର୍ମଚାରୀ ବଂଶୀଧର ମହାନ୍ତି ଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଭୀମ ଚରଣ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏଇ ସଭାରେ ପୂର୍ବତନ ସରପଞ୍ଚ ଶିବାନନ୍ଦ ପାତ୍ର ମୁଖ୍ୟ ବକ୍ତା ଭାବେ ସିଆରସିସି ମଧୁସୂଦନ ମାଝୀ ସମ୍ମାନୀତ ଅତିଥି ଭାବେ ନିମାଇଁ ଲାଲ ବେହେରା,ପରିଚନା କମିଟି ସଭାପତି ଗୌର ଗୋପାଳ ମଣ୍ଡଳ, ଉପସଭାପତି ପ୍ରତିମା ଜେନା ଯୋଗଦେଇ ବଂଶୀଧର ଜଣେ କର୍ତ୍ତବ୍ୟନିଷ୍ଠ ,ସରଳ ଓ ମିଷ୍ଠ ଭାଷୀ ମେଳାପୀ ଲୋକ ଥିଲେ ବୋଲି କହିଥିଲେ । ପରେ ଉପଢୌକନ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା । ପରେ ବିଦ୍ୟାଳୟ ର ମେଧାବୀ ଛାତ୍ରଛାତ୍ରୀ ଅନିଶା ସାଇ ଜ୍ୟୋତି ପରିଡା, ଅନୁରାଗ ବାଗ ସ୍ୱାଭିମାନ ରାଉତ ଙ୍କୁ ଶ୍ରୀପତି କର ଛାତ୍ରବୃତ୍ତି ଯଥାକ୍ରମେ ପ୍ରଥମ ଦ୍ୱିତୀୟ ତୃତୀୟ ହିସାବରେ ନଗଦ ୨୦ହଜାର, ୧୦ହଜାର ଓ୫ହଜାର ଟଙ୍କା ପୁରସ୍କାର ଦେବବ୍ରତ କର ପ୍ରଦାନ କରିଥିଲେ।ଏତା ଛଡା ଦୁଇଜଣ ଶିକ୍ଷକ ଅଭୟ ପ୍ରସାଦ ଗିରି ସୌମ୍ୟ ରଞ୍ଜନ ନାୟକ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ନିନୀ ମଝି ନିରଞ୍ଜନ ପାତ୍ର, ନିରଞ୍ଜନ ମାଝି, ଘନଶ୍ୟାମ ମାରେଣ୍ଡି ,ନିର୍ମଳା ଜେନା, ସୀତା ରାଣୀ ଦାସ, ମାନସୀ ମହାପାତ୍ର, ସୁଶାନ୍ତ କୁମାର ସାହୁ, ବିଶ୍ୱଜିତ ସିଂ, ପ୍ରଦୀପ କୁମାର କାଳହା, ଖଗେନ୍ଦ୍ର ପାତ୍ର ସଞ୍ଜୟ ମଣ୍ଡଳ, ଝୁନା ରାଣୀ ମାଝୀ, କହ୍ନେଇ ଚରଣ ଖଟୁଆ ପ୍ରମୁଖ ସଭା ପରିଚାଳନା କରିଥିଲେ ।ପରିଚାଳନା କମିଟି ଓ ଆଲୁମିନି କମିଟି ର ସମସ୍ତ ସଭ୍ୟସଭ୍ୟା ଉପସ୍ଥିତ ଥିଲେ ।

## ମାଟି ଚୋରି କରି ମାଫିଆ ମାଲେମାଲ: ସାଧାରଣରେ ଅସନ୍ତୋଷ

ନୀଳଗିରି , ୦୩/୦୫ (ନି.ପ୍ର):ଔପଦା ବ୍ଲକ ଶ୍ୟାମସୁନ୍ଦରପୁର ପଂଚାୟତ ଜୁରିଆପାଟଣା ଗାଁ ହରଡ଼ବାଡ଼ି ନିକଟରୁ ଅନାବାଦୀ ଜାଗାରୁ ଉଠୁଛି ଶହ ଶହ ଟ୍ରିପ ମାଟି । ମାଟି ଚୋରି କରି ମାଫିଆ ମାଲେମାଲ ହେଉଥିବାବେଳେ ସାଧାରଣ ଲୋକେ ହନ୍ତସନ୍ତ ହେଉଛନ୍ତି । ଫଳରେ ଲକ୍ଷାଧିକ ଟଙ୍କା ରାଜସ୍ୱ ହରାଉଛନ୍ତି ସରକାର । ଅନାବାଦୀ ଜାଗାରୁ ମାଟି ଚୋରି ହେବା ଫଳରେ ନିକଟବର୍ତୀ ଗାଁ ଗୁଡ଼ିକରେ ଗୋରୁ ଗାଈ ରଖୁଥିବା ଲୋକେ ପ୍ରତିବର୍ଷ ହନ୍ତସନ୍ତ ହେଉଛନ୍ତି । ମାଟିକୁ ଏକ ବ୍ୟକ୍ତିଗତ ପଦାରେ ରଖି ଇଟାଭାଟିକୁ ଚାଲାଣ କରାଯାଉଛି । ତେବେ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେଇ ମାଟି ମାଫିଆମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହେଉଛି ।

# ପଦୋନ୍ନତି ପାଇଲେ ଜିଲ୍ଲାର ୨୮୮ ଚତୁର୍ଥ ବର୍ଗ ପ୍ରଧାନ ଶିକ୍ଷକ




ଭଦ୍ରକ, ୦୩/୦୫ (ନି.ପ୍ର): ପ୍ରାଥମିକ ଶିକ୍ଷକ ସଂଘର ଦାବି ଅନୁଯାୟୀ ଜିଲ୍ଲାରେ ମୋଟ ୨୮୮ ଜଣ ଚତୁର୍ଥ ବର୍ଗର ପ୍ରଧାନ ଶିକ୍ଷକ ତୃତୀୟ ବର୍ଗ ପ୍ରଧାନ ଶିକ୍ଷକ ପଦବୀକୁ ପଦୋନ୍ନତି ପାଇଛନ୍ତି । ସଂଘର ସଭାପତି ବାବୁଲା ରାଉତ ପ୍ରକାଶ କରିଛନ୍ତି ଯେ ଗତ ଫେବୃୟାରୀ ମାସରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ତରଫରୁ ରାଜ୍ୟର ସମସ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆ ଯାଇଥିଲା ଶିକ୍ଷକ ମାନଙ୍କର ରେଶିଡେନ୍‌ସି ଅବଧି କୋହଳ କରି ଫାଙ୍କା ପଡ଼ିଥିବା ପ୍ରଧାନ ଶିକ୍ଷକ ପଦବୀକୁ ପଦୋନ୍ନତି ଦେବା ପାଇଁ । ତଦନୁଯାୟୀ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ଉଦ୍ୟମରେ ଜିଲ୍ଲାରେ ପଦୋନ୍ନତି ପାଇବାକୁ ଯାଉଥିବା ଶିକ୍ଷକ ମାନଙ୍କର ତାଲିକା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ପଠାଇବା ପରେ ଗତ ଏପ୍ରିଲ ୨୯ ତାରିଖରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଏହାକୁ ଅନୁମୋଦନ କରିଥିଲେ । ଜିଲ୍ଲାରେ ମୋଟ୍ ୨୮୮ ଜଣ ଶିକ୍ଷକ ଏହି ପଦୋନ୍ନତି ପାଇ ପାରିଛନ୍ତି । ଏହା ଦ୍ୱାରା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି । ଏପ୍ରିଲ ୩୦ ତାରିଖରେ କାଉନସେଲିଂ କରାଯାଇ ଜିଲ୍ଲାର ସମସ୍ତ ସାତଟି ବ୍ଲକରେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ପଦୋନ୍ନତି ଦିଆଯାଇଛି । ରାଜ୍ୟର ପ୍ରଥମ ଜିଲ୍ଲା ଭାବେ ଭଦ୍ରକ ଜିଲ୍ଲା ଏହି ପଦୋନ୍ନତି କାର୍ଯ୍ୟ ସମ୍ପାଦନ କରିପାରିଥିବାରୁ ଜିଲ୍ଲା ଶିକ୍ଷକ ସଂଘ ତରଫରୁ ସମ୍ପାଦକ ମନୋରଞ୍ଜନ ନାୟକ, ସଂଗଠନ ସମ୍ପାଦକ ସମୀର ଜେନା, ସହସଂପାଦକ ରୂପେଶ କୁମାର ସାହୁ, କୋଷାଧକ୍ଷ ଗିରିଧାରୀ ଚଣ୍ଡ, ଉପ ସଭାପତି ଭାସ୍କର ନାୟକ, ତିହିଡି ବ୍ଲକ ସଂଘର ମାୟାଧର ସାହୁ, ରମାକାନ୍ତ ଦାସ, ସସ୍ମିତା ମହାନ୍ତି, ଅରୁଣ ମଲ୍ଲିକ, ରାଜେଶ ଦାସ, ରଞ୍ଜନ ମହାନ୍ତି, ପ୍ରସନ୍ନ ରଥ, ଧର୍ମେନ୍ଦ୍ର ନାରାୟଣ ଜେନା, ସସ୍ମିତା ମଞ୍ଜରୀ ନାୟକ ଓ ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘର ସମସ୍ତ କର୍ମକର୍ତା ମାନେ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତିରଂଜନ ମିଶ୍ର, ଅତିରିକ୍ତ ଶିକ୍ଷା ନିର୍ଦ୍ଦେଶକ ବୃନ୍ଦାବନ ଶତପଥୀ, ଜିଲ୍ଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର, ଜିଲ୍ଲାର ସମସ୍ତ ବ୍ଲକ୍ ଶିକ୍ଷଧିକାରୀ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନର ମହାସଚିବ ଚାରୁଲତା ମହାପାତ୍ର ଓ ସଭାପତି ହୃଦାନନ୍ଦ ଦ୍ୱିବେଦୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ରାଉରକେଲା ଇସ୍ପାତ କାରଖାନାର ଗ୍ରୀଷ୍ମକାଳୀନ କ୍ରୀଡା ପ୍ରଶିକ୍ଷଣ ଶିବିର ମଇ ୫ ତାରିଖରୁ ଆରମ୍ଭ

ରାଉରକେଲା, ୦୩/୦୫ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନାର କ୍ରୀଡା ବିଭାଗ ଆନୁକୁଲ୍ୟରେ ଆୟୋଜିତ ଗ୍ରୀଷ୍ମକାଳୀନ କ୍ରୀଡା ପ୍ରଶିକ୍ଷଣ ଶିବିର-୨୦୨୩ ମଇ ୫ ତାରିଖରେ ଆରମ୍ଭ ହେବ । ଏହି ଶିବିରର ଉଦଘାଟନୀ ସମାରୋହ ଉକ୍ତ ଦିନ ଇସ୍ପାତ ଷ୍ଟାଡିୟମଠାରେ ସକାଳ ୭ ଟା ସମୟରେ ଅନୁଷ୍ଠିତ ହେବ । ଅଂଶଗ୍ରହଣକାରୀମାନଙ୍କୁ ଏହି ଶିବିରରେ ୧୩ ଟି କ୍ରୀଡା ବିଭାଗରେ ପ୍ରଶିକ୍ଷଣ ଦିଆଯିବ । ଏହି ଶିବିର ମଇ ୨୫ ତାରିଖରେ ଉଦଯାପିତ ହେବାର କାର୍ଯ୍ୟକ୍ରମ ରହିଛି । ଉକ୍ତ କ୍ରୀଡା ପ୍ରଶିକ୍ଷଣ ଶିବିରରେ ବିଦ୍ୟାଳୟର ୫ନ୍ଦମ ଶ୍ରେଣୀରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଆଥଲେଟିକ, ବ୍ୟାଡମିଣ୍ଟନ, ବାସ୍କେଟବଲ, ବକସିଙ୍ଗ, କ୍ରିକେଟ, ଫୁଟବଲ, ହକି, କବାଡି ଏବଂ ଟେବୁଲ ଟେନିସ, କ୍ରୀଡାବର୍ଗରେ ତାଲିମ ଗ୍ରହଣ କରିବେ । ୧ଥମ ଶ୍ରେଣୀରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଚେସରେ ଅଂଶଗ୍ରହଣ କରିପାରିବେ । ସପ୍ତମ ଶ୍ରେଣୀରୁ + ୨ଶ୍ରେଣୀ ବୟସ୍କ ପିଲାମାନେ ଭଲିବଲ୍,, ଭାରୋତ୍ତୋଳନ ଏବଂ ପାୱାର ଲିଫ୍ଟ ପାଇଁ ନାମ ଲେଖାଇ ପାରିବେ । ଶିବିରର ସମୟ ନିର୍ଘଣ୍ଟ ସକାଳ ୬ ଟା ରୁ ୮ ଟା ପର୍ଯ୍ୟନ୍ତ ଧାର୍ଯ୍ୟ ରହିଛି । କେବଳ ଚେସ ଓ ଫୁଟବଲ ଖେଳର ଅଂଶଗ୍ରହଣ କାରୀଙ୍କ ନିମନ୍ତେ ସମୟ ସନ୍ଧ୍ୟା ୪.୩୦ ରୁ ୬.୩୦ ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଛି । ଏଥିରେ ଅଂଶଗ୍ରହଣ ନିମନ୍ତେ ବିଦ୍ୟାଳୟଗୁଡିକ ନିଜନିଜ ଛାତ୍ରଛାତ୍ରୀମାନଙ୍କର ନିର୍ଦ୍ଧାରିତ ଏଣ୍ଟ୍ରି ଫର୍ମଗୁଡିକୁ ସେକ୍ଟର ୫ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ସ୍ଥିତ ଆରଏସପି କ୍ରୀଡା ବିଭାଗରେ ଦାଖଲ କରିପାରିବେ । ଏଣ୍ଟ୍ରି ଫର୍ମ ମଇ ୪ ତାରିଖ ସନ୍ଧ୍ୟା ୫ ଟା ପର୍ଯ୍ୟନ୍ତ ଗ୍ରହଣ କରାଯିବ । ଏଥିସମ୍ବନ୍ଧୀୟ ଅଧିକ ବିବରଣୀ ନିମନ୍ତେ ଆରଏସପି କ୍ରୀଡା ବିଭାଗ ଅଫିସ କିମ୍ବା ମୋବାଇଲ ନମ୍ବର ୮୮୯୫୫ ୦୦୮୮୫ ଓ ୮୮୯୫୫ ୦୪୭୫୧ରେ ଯୋଗାଯୋଗ କରାଯାଇପାରିବ ।

# ଭୁବନେଶ୍ୱରରୁ ସିଙ୍ଗାପୁର ଓ ବ୍ୟାଙ୍କକକୁ ବିମାନ ଟିକେଟ୍ ବିକ୍ରିର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୩/୦୫ (ନି.ପ୍ର): ଭୁବନେଶ୍ୱରରୁ ସିଙ୍ଗାପୁର ଓ ବ୍ୟାଙ୍କକକୁ ସିଧାସଳଖ ବିମାନର ଟିକେଟ ବିକ୍ରିର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏହାଦ୍ୱାରା ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ରକୁ ଯୋଗାଯୋଗ ସହଜ ଓ ସୁଲଭ ହେବ । ଲୋକଙ୍କ ସ୍ୱାର୍ଥ ରକ୍ଷା କରି ଆନ୍ତର୍ଜାତିକ ବିମାନ ଚଳାଇବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ । ଜୁନ ୩ ତାରିଖରୁ ବ୍ୟାଙ୍କକ୍ ଓ ସିଙ୍ଗାପୁରକୁ ଇଣ୍ଡିଗୋ ବିମାନ ଚାଲିବ । ଏହା ପୂର୍ବରୁ ମେ ୧୫ ତାରିଖରୁ ଦୁବାଇକୁ ସିଧାସଳଖ ବିମାନ ଚାଲିବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହାଦ୍ୱାରା ରାଜ୍ୟର ଛାତ୍ରଛାତ୍ରୀଙ୍କ ପାଇଁ ବିଦେଶରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧିରେ ସହାୟକ ହେବ । ଏଥିସହିତ ଆଇଟି କ୍ଷେତ୍ରର ବିକାଶ ପାଇଁ ସୁଯୋଗ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଦୁବାଇ, ସିଙ୍ଗାପୁର ଓ ବ୍ୟାଙ୍କକକୁ ସିଧାସଳଖ ବିମାନ ସେବା ଦ୍ୱାରା ଏସିଆ ମହାଦେଶର କସମୋପଲିଟାନ ସହର ସହ ଓଡ଼ିଶା ଯୋଡ଼ିହେବ । ଭୁବନେଶ୍ୱରରୁ ଦୁବାଇକୁ ସୋମବାର, ବୁଧବାର ଓ ଶୁକ୍ରବାର ବିମାନ ଉଡିବ । ଏକପାଖିଆ ବିମାନ ଯାତ୍ରା ପାଇଁ ଟିକେଟ୍ ଦର ୧୦ ହଜାର ଟଙ୍କା ଥିବା ବେଳେ ଉଭୟ ପକ୍ଷର ଯାତ୍ରା ପାଇଁ ୨୦ ହଜାର ଟଙ୍କା ରହିଛି । ଏହି ବିମାନ ଦୁବାଇରୁ ସଂଧ୍ୟା ୬ଟା ୩୦ରେ ବାହାରି ଭୁବନେଶ୍ୱରରେ ଭୋର ୪ ଟା ୪୫ରେ ପହଂଚିବ । ସେହିପରି ଭୁବନେଶ୍ୱରରୁ ୧୧ଟା ୨୫ରେ ବାହାରି ଦୁବାଇରେ ଅପରାହ୍ନ ୪ ଟା ୨୫ରେ ପହଂଚିବ । ସେହିଭଳି ଭୁବନେଶ୍ୱରରୁ ସିଙ୍ଗାପୁର ଓ ବ୍ୟାଙ୍ଗକକକୁ ଫେୟାର ସାଢେ ୭ ହଜାର ଓ ୧୫ ହଜାର ଟଙ୍କା ରଖାଯାଇଛି । ସପ୍ତାହର ପ୍ରତି ମଙ୍ଗଳବାର ଓ ଶନିବାର ସିଙ୍ଗାପୁର ଓ ବ୍ୟାଙ୍କକକୁ ବିମାନ ଉଡ଼ିବ ।

# ଜାଲ ଆଧାର କାର୍ଡ଼ ପ୍ରସ୍ତୁତକାରୀ ରାକେଟ ଠାବ: ଦୁଇ ମହିଳାଙ୍କ ସମେତ ୩ ଅଭିଯୁକ୍ତ ଗିରଫ



ବାଲେଶ୍ୱର, ୦୩/୦୫ (ନି.ପ୍ର): ସଂଶୋଧନ ଆଳରେ ଜାଲ ଆଧାରକାର୍ଡ଼ ତିଆରି କରି ସାଧାରଣ ଲୋକଙ୍କଠାରୁ ହଜାର ହଜାର ଟଙ୍କା ଆଦାୟ କରୁଥିବା ରାକେଟର ଦୁଇ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି ସହଦେବଖୁଣ୍ଟା ପୁଲିସ । ଗିରଫ ଅଭିଯୁକ୍ତମାନେ ହେଲେ ଟାଉନ ଥାନା ଅନ୍ତର୍ଗତ କାଦ୍ରି ମହଲରୁ ଜଣେ ୨୩ ବର୍ଷର ଯୁବକ, ସୁନହଟ ରାଜଉଲା ଲେନର ୨୦ ବର୍ଷୀୟା ମହିଳା ଓ ଆକତପୁର ଅଞ୍ଚଳର ଜଣେ ୨୫ ବର୍ଷୀୟା ମହିଳା ଅଛନ୍ତି । ସେମାନଙ୍କଠାରୁ ୨ଟା ଲପଟପ, ଏକ ପ୍ରିଣ୍ଟର, ଗୋଟିଏ ବାୟୋମେଟ୍ରିକ ଫିଙ୍ଗର ପ୍ରିଣ୍ଟ ମେସିନ, ଗୋଟିଏ ଲାମିନେସନ ମେସିନ, ୨ଟା କ୍ୟୁଆର ବାର କୋଡ, ୩ ଗୋଟି ଆଧାର କାର୍ଡ଼ ଓ ଆଧାର ଫର୍ମ ଆଦି ଜବତ କରାଯାଇଛି ବୋଲି ସହଦେବଖୁଣ୍ଟା ଥାନାଧିକାରୀ ଶୁଭ୍ରାଂଶୁ ଶେଖର ନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ତାଙ୍କ ସୂଚନା ଅନୁସାରେ ସ୍ଥାନୀୟ କଚେରି ବଜାରରେ ଜାଲ ଆଧାକାର୍ଡ଼ ପ୍ରସ୍ତୁତ କରି ଲୋକଙ୍କୁ ଶୋଷଣ କରାଯାଉଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସହଦେବଖୁଣ୍ଟା ଥାନା ପକ୍ଷରୁ ସ୍ୱତନ୍ତ୍ର ଟିମ ଦ୍ୱାରା ଅନୁସନ୍ଧାନ ଜାରି ରହିଥିଲା । ସାଦା ପୋଷାକରେ ସାଧାରଣ ଲୋକ ଭାବେ ପୁଲିସ କଚେରି ବଜାରର ସମ୍ପୃକ୍ତ ଆଧାର କେନ୍ଦ୍ରକୁ ଯାଇ ବିନା ପ୍ରମାଣପତ୍ରରେ ନାମ ଓ ବୟସ ଆଦି ପରିବର୍ତ୍ତନ ପାଇଁ କଥାବାର୍ତ୍ତା ହୋଇଥିଲେ । ଏହି କାମ ପାଇଁ ଅଭିଯୁକ୍ତମାନେ ୨ ହଜାର ଟଙ୍କା ଦାବି କରିଥିଲେ । ସେମାନଙ୍କ ଦାବି ଅନୁସାରେ ଅଭିଯୁକ୍ତଙ୍କୁ ୨ହଜାର ଟଙ୍କା ପ୍ରଦାନ କରି ସେମାନଙ୍କଠାରୁ ଜାଲି ଆଧାରକାର୍ଡ଼ ନେବା ସମୟରେ ପୁଲିସ ଆଧାର କେନ୍ଦ୍ରର ତିନିଜଣଙ୍କୁ ଗିରଫ କରିଥିଲା । ଏନେଇ ୧୮୩/ ୨୦୨୩ ନଂର ମାମଲା ରୁଜୁ ସହ ସହଦେବଖୁଣ୍ଟା ପୁଲିସ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo